

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୪ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 24 SEPTEMBER 2023

Vol.No. 34 ■ No. 251■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦେଶରେ ଏକକାଳୀନ ନିର୍ବାଚନ ଆୟୋଜନ ସମ୍ପର୍କୀତ ଉଚ୍ଚସ୍ତରୀୟ କମିଟିର ପ୍ରାଥମିକ ବୈଠକ



ନୂଆଦିଲ୍ଲୀ , ୨୩/୦୯ (ନି.ପ୍ର): ଦେଶରେ ଏକକାଳୀନ ନିର୍ବାଚନ କରାଇବା ଓ ଏହା ଉପରେ ସୁପାରିସ କରିବା ପାଇଁ ୨୦୨୩ ସେପ୍ଟେମ୍ବର ୨ ତାରିଖର ବିଜ୍ଞପ୍ତି ମାଧ୍ୟମରେ ଗଠିତ ଉଚ୍ଚସ୍ତରୀୟ କମିଟିର ପ୍ରାଥମିକ ବୈଠକ ଆଜି ଭାରତର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ; ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଶ୍ରୀ ଅର୍ଜୁନ ରାମ ମେଘୱାଲ, ରାଜ୍ୟସଭାର ପୂର୍ବତନ ବିରୋଧୀ ଦଳ ନେତା ଶ୍ରୀ ଗୁଲାମ ନବୀ ଆଜାଦ, ପଂଚଦଶ ଅର୍ଥ ଆୟୋଗର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଏନ୍. କେ. ସିଂହ, ଲୋକସଭାର ପୂର୍ବତନ ମହାସଚିବ ଡ. ସୁଭାଷ ସି. କଶ୍ୟପ, ପୂର୍ବତନ ମୁଖ୍ୟ ଭିଜିଲାନ୍ସ କମିଶନର ସଞ୍ଜୟ କୋଠାରୀ ଯୋଗ ଦେଇଥିଲେ। ବରିଷ୍ଠ ଆଇନଜୀବୀ ହରିଶ ସାଲଭେ ଆଭାଷୀ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ଲୋକସଭାର ବିରୋଧୀ ଦଳର ସର୍ବବୃହତ ଦଳର ନେତା ଅଧୀର ରଞ୍ଜନ ଚୌଧୁରୀ ଉପସ୍ଥିତ ନଥିଲେ । ଉଚ୍ଚସ୍ତରୀୟ କମିଟିର ସଦସ୍ୟ ମାନଙ୍କୁ ସ୍ୱାଗତ କରି କମିଟିର ଅଧ୍ୟକ୍ଷ ଶ୍ରୀ ରାମନାଥ କୋବିନ୍ଦ ବୈଠକର କାର୍ଯ୍ୟସୂଚୀର ରୂପରେଖ ପ୍ରସ୍ତୁତ କରିଥିଲେ । କମିଟି କାର୍ଯ୍ୟର ରୂପରେଖ ପ୍ରସ୍ତୁତ କରି , କମିଟି ସ୍ୱୀକୃତିପ୍ରାପ୍ତ ଜାତୀୟ ରାଜନୈତିକ ଦଳ, ରାଜ୍ୟରେ ସରକାରରେ ଥିବା ରାଜନୈତିକ ଦଳ, ସଂସଦରେ ପ୍ରତିନିଧି ଥିବା ରାଜନୈତିକ ଦଳ, ଅନ୍ୟ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କୁ ଦେଶରେ ଏକକାଳୀନ ନିର୍ବାଚନ ପ୍ରସଙ୍ଗରେ ସେମାନଙ୍କର ପରାମର୍ଶ / ଦୃଷ୍ଟିକୋଣ ଜାଣିବା ପାଇଁ ନିମନ୍ତ୍ରଣ କରିବାକୁ ନିଷ୍ପତି ନେଇଥିଲା । ଏହା ବ୍ୟତୀତ ଏହି କମିଟି ଦେଶରେ ଏକକାଳୀନ ନିର୍ବାଚନ ପ୍ରସଙ୍ଗରେ ନିଜର ପରାମର୍ଶ / ଦୃଷ୍ଟିକୋଣ ରଖିବା ପାଇଁ ଭାରତୀୟ ଆଇନ ଆୟୋଗଙ୍କୁ ମଧ୍ୟ ନିମନ୍ତ୍ରଣ କରିବ ।

## ହୀରାକୁଦ ଜଳଭଣ୍ଡାରରୁ ୨୪ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର, ୨୩/୦୯ (ନି.ପ୍ର): ହୀରାକୁଦ ଜଳଭଣ୍ଡାରର ଆଉ ୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି । ଫଳରେ ଏବେ ମୋଟ୍ ୨୪ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରୀ ରହିଛି । ବନ୍ଧର ବାମ ପାର୍ଶ୍ୱ ଡାଇକ୍ ର ୧୬ଟି ଏବଂ ଡାହାଣ ପାର୍ଶ୍ୱ ଡାଇକ୍ ର ୮ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି ।
ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୯୪ ହଜାର ୪୧ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ୨୪ଟି ସ୍ଲୁଇସ୍ ଗେଟ୍, ବିଭିନ୍ନ ପାୱାର ଚାନେଲ ଓ ସ୍ପିଲୱେ ଦେଇ ପ୍ରତି ସେକେଣ୍ଡରେ ୪ ଲକ୍ଷ ୩୨ ହଜାର ୧୬୦ ଘନଫୁଟ୍ ରୁ ଉର୍ଦ୍ଧ୍ୱ ଜଳ ମହାନଦୀକୁ ଛଡାଯାଉଛି । ସଂନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୮.୮୭ ଫୁଟ୍ ରହିଛି। ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ।
ଗତ ୨୪ ଘଂଟା ମଧ୍ୟରେ ଜଳଭଣ୍ଡାରର ଉପର ମୁଣ୍ଡରେ ୨୩.୪୬ ମି.ମି. ଏବଂ ତଳ ମୁଣ୍ଡରେ ୦୬.୦୫ ମି.ମି. ବର୍ଷା ରେକର୍ଡ଼ ହୋଇଥିବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ପ୍ରକାଶ ।

## ସିସୋର ଚିଟ୍‌ଫଣ୍ଡ: ବିଜେଡି ନେତା ପ୍ରଭାତ ବିଶ୍ୱାଳ ଓ ତାଙ୍କ ପତ୍ନୀଙ୍କ ନାଁରେ ଚାର୍ଜଫ୍ରେମ୍



ଭୁବନେଶ୍ୱର, ୨୩/୦୯ (ନି.ପ୍ର): ଚିଟଫଣ୍ଡ ମାମଲାରେ ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରିବା ସହ ତାଙ୍କ ନାଁ ଚାର୍ଜସିଟରୁ ବାଦ୍ ଦେବା ଓ ଏଫଆଇଆର ଖାରଜ କରିବା ପାଇଁ ଶ୍ରୀ ବିଶ୍ୱାଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବହୁଚର୍ଚ୍ଚିତ ସିସୋର ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ତଥା ବିଜେଡି ନେତା ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ତାଙ୍କ ପତ୍ନୀ ଲକ୍ଷ୍ମୀବିଳାସିନୀ ବିଶ୍ୱାଳଙ୍କ ବିରୁଦ୍ଧରେ ଭୁବନେଶ୍ୱରର ସିବିଆଇ କୋର୍ଟ-୧ ବିଭିନ୍ନ ଦଫାରେ ଚାର୍ଜଫ୍ରେମ୍ କରିଛନ୍ତି । ଓଡ଼ିଶା ହାଇକୋର୍ଟ ଗତ ଏପ୍ରିଲ ମାସରେ ଶ୍ରୀ ବିଶ୍ୱାଳଙ୍କ ବିରୁଦ୍ଧରେ ୨ମାସ ମଧ୍ୟରେ ଚାର୍ଜଫ୍ରେମ୍ କରିବା ସହ ମାମଲାର ଶୁଣାଣି ବର୍ଷକ ମଧ୍ୟରେ ଶେଷ କରିବାକୁ ସିବିଆଇ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମିଳିଥିବା ସୂଚନା ଅନୁସାରେ, ସିବିଆଇ କୋର୍ଟ-୧ ସିସୋର ଚିଟ୍‌ଫଣ୍ଡ ମାମଲାରେ ପ୍ରଭାତ ବିଶ୍ୱାଳ ଓ ତାଙ୍କ ପତ୍ନୀଙ୍କ ନାଁରେ ଆଇପିସିର ଧାରା - ୪୨୦, ୪୦୯, ୪୬୭, ୪୬୮, ୪୭୧ ଓ ୧୨୦-ଖରେ ଚାର୍ଜ ଫ୍ରେମ୍ କରିଥିବା ଜଣାପଡ଼ିଛି। ▶▶ପୃଷ୍ଠା ୭

## ଆସୁଛି ଆଉ ଏକ ଲଘୁଚାପ



ଭୁବନେଶ୍ୱର, ୨୩/୦୯ (ନି.ପ୍ର): ସେପ୍ଟେମ୍ବର ୨୯ ତାରିଖରେ ଆଣ୍ଡାମାନ ସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ପୂର୍ବ-ଉତ୍ତର ଆଣ୍ଡାମାନ ସାଗର ଓ ତା'ପାର୍ଶ୍ୱବର୍ତ୍ତୀ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ଧୀରେ ଧୀରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ଏହା ଆହୁରି ଘନିଭୂତ ହୋଇପାରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ▶▶ପୃଷ୍ଠା ୭

## ରାଜସ୍ଥାନ ମାଟିରୁ ମୋଦୀ ସରକାରଙ୍କୁ ଘେରିଲେ ରାହୁଲ ଗାନ୍ଧୀ



ରାଜସ୍ଥାନ,୨୩/୦୯ : ରାଜସ୍ଥାନରେ କଂଗ୍ରେସର ନିର୍ବାଚନୀ ବିଗୁଲ । କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ, ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ଦଳର ଅନ୍ୟ ବରିଷ୍ଠ ନେତା ଏଠାରେ ପହଁଚି କଂଗ୍ରେସ କମିଟିର ନୂଆ ଭବନର ଶିଳାନ୍ୟାସ କରିଛନ୍ତି । କାର୍ଯ୍ୟକ୍ରମକୁ ସମ୍ବୋଧିତ ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ । କଂଗ୍ରେସ ଓ ବିଜେପି ମଧ ବିଚାର, ଆଦର୍ଶର ଲଢେଇ ଚାଲିଛି । ଏଥିସହ ତାଙ୍କର ଲୋକସଭା ସଦସ୍ୟତା ରଦ୍ଦ ଓ ମହିଳା ସଂରକ୍ଷଣ ବିଲ, ଭାରତ-ଇଣ୍ଡିଆ ନାଁ ବିବାଦକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ରାହୁଲ । ଏଥିସହ ରାହୁଲ କହିଛନ୍ତି ଦେଶରେ କ'ଣ ହେବ ସେକଥା ନିଷ୍ପତି କେବଳ ୯୦ ଲୋକ ନେଉଛନ୍ତି । ଭୁଲକୁ ବିରୋଧ କରୁଥିବାରୁ ଓ ସତ କଥା କହୁଥିବା ଯୋଗୁଁ ତାଙ୍କ କଣ୍ଠରୋଧ କରାଯାଉଛି ଓ ଦେଶରେ ଏକଛତ୍ରବାଦ ଶାସନ ଚାଲିଛି ବୋଲି ଆଜି ରାଜସ୍ଥାନ ସଭାରେ କହିଛନ୍ତି ରାହୁଲ ଗାନ୍ଧୀ ।

## ସୁନ୍ଦରଗଡ ପରେ ବଲାଙ୍ଗୀର: ସ୍କ୍ରବ ଟାଇଫସ୍‌ରେ ୩୩୭ ଆକ୍ରାନ୍ତ ଚିହ୍ନଟ

ବଲାଙ୍ଗୀର , ୨୩/୦୯ (ନି.ପ୍ର): ସୁନ୍ଦରଗଡ ପରେ ବଲାଙ୍ଗୀରରେ ବ୍ୟାପିଲା ସ୍କ୍ରବ ଟାଇଫସ୍ । ବଲାଙ୍ଗୀରରେ ସ୍କ୍ରବ ଟାଇଫସ୍ ଆକ୍ରାନ୍ତଙ୍କ ସଂଖ୍ୟା ଏବେ ୩୩୭ରେ ପହଁଚିଛି । ସମଗ୍ର ଜିଲ୍ଲାରେ ଗତ ଅଗଷ୍ଟ ମାସରେ ୧୭୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଉଥିବା ବେଳେ ସେପ୍ଟେମ୍ବର ମାସ ୧୯ ତାରିଖ ପର୍ଯ୍ୟନ୍ତ ୧୬୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ୩୩୭ ଜଣଙ୍କ ମଧ୍ୟରୁ କେବଳ ୫ଜଣ ବଲାଙ୍ଗୀର ଭୀମଭୋଇ ମେଡିକାଲ ରେ ଚିକିତ୍ସିତ ହେଉଛନ୍ତି । ତେବେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସୁଧାର ଆସିଥିବା କହୁଛନ୍ତି ଭାରପ୍ରାପ୍ତ ସିଡିଏମଓ । ▶▶ପୃଷ୍ଠା ୭

## ମିଳିତ ଜାତିସଂଘରେ ପାକିସ୍ତାନକୁ ଭାରତର କଡ଼ା ଜବାବ




ନୂଆଦିଲ୍ଲୀ,୨୩/୦୯ : ମିଳିତ ଜାତିସଂଘରେ ପାକିସ୍ତାନକୁ ଭାରତର କଡ଼ା ଜବାବ । ଭାରତ ସୀମାରେ ବେଆଇନ ଭାବେ କବଜା କରି ରଖିଛି ପାକିସ୍ତାନ । ତୁରନ୍ତ ବେଆଇନ କବଜା ବନ୍ଦ କରିବାକୁ କହିଛି ଭାରତ । ଏହା ସହ ଆତଙ୍କବାଦ ବିରୋଧରେ ପାକିସ୍ତାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ମିଳିତ ଜାତିସଂଘରେ ଭାରତ ପ୍ରତିନିଧିଙ୍କ ପକ୍ଷରୁ କୁହାଯାଇଛି । ୨୬/୧୧ ଆତଙ୍କବାଦୀଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି । ତୁରନ୍ତ ସେମାନଙ୍କ ବିରୋଧରେ ପଦକ୍ଷେପ ନେବାକୁ ଭାରତ ଦାବି କରିଛି । ଏହା ସହ ଭାରତ କହିଛି ପାକିସ୍ତାନ ମିଳିତ ଜାତିସଂଘ ପରି ମଞ୍ଚର ଦୁରୁପଯୋଗ କରୁଛି । ଏହା ପୂର୍ବରୁ ମିଳିତ ଜାତିସଂଘରେ ଗତକାଲି ପାକିସ୍ତାନ ପକ୍ଷରୁ ମତ ରଖାଯାଇଥିଲା । ▶▶ପୃଷ୍ଠା ୭

## କୋଲକାତାରେ ଡେଙ୍ଗୁ ନେଉଛି ଜୀବନ

କୋଲକାତା, ୨୩/୦୯ (ନି.ପ୍ର): ପଶ୍ଚିମବଙ୍ଗରେ ମାଡିଚାଲିଛି ଡେଙ୍ଗୁ ଜ୍ୱର । ଗତ ୨୪ ଘଂଟାରେ ୬ଜଣ ଡେଙ୍ଗୁ ରୋଗୀଙ୍କର ମୃତ୍ୟୁ ହୋଇଛି । ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ଯେ, ଗୁରୁବାର ଏବଂ ଶୁକ୍ରବାର ୪ଜଣଙ୍କର ମୃତ୍ୟୁ ହୋଇଛି । ଏମାନଙ୍କ ମଧ୍ୟରୁ କୋଲକାତାରେ ୨ଜଣଙ୍କ ମୃତ୍ୟୁ ହୋଇଛି । ଜଣେ ସଲ୍ଟ ଲେକ ଏବଂ ଅନ୍ୟଜଣେ ବାଘା ଜତିନ ଅଂଚଳର ବୋଲି ଜଣାପଡିଛି । ପଶ୍ଚିମ ମେଦିନାପୁରର ଘଟାଲ ଅଂଚଳର ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଖଡଗପୁରରେ ରହୁଥିବା ୨ଜଣଙ୍କର ମୃତ୍ୟୁ ହୋଇଛି । ଏବେ ସୁଦ୍ଧା ରାଜ୍ୟରେ ୩୦ଜଣଙ୍କର ମୃତ୍ୟୁ ଡେଙ୍ଗୁ କାରଣରୁ ହୋଇଛି । ସେ କହିଛନ୍ତି ଯେ ଗୁରୁବାର ଠାରୁ ଶୁକ୍ରବାର ମଧ୍ୟରେ ଚାରି ଲୋକଙ୍କ ଜୀବନ ଯାଇଛି। ଏଥିରୁ ଦୁଇଜଣଙ୍କ ମୃତ୍ୟୁ କୋଲକାତାରେ ହୋଇଛି। ଏଥିମଧ୍ୟରୁ ଜଣେ ସଲ୍ଟ ଲେକ୍ ଏବଂ ଦ୍ୱିତୀୟ ବାଘାଜତିନର ନିବାସୀ ଥିଲେ। ସେ କହିଛନ୍ତି ଯେ ପଶ୍ଚିମ ମେଦିନୀପୁରର ଘଟାଲର ରହୁଥିବା ଦୁଇ ଲୋକଙ୍କ ମୃତ୍ୟୁ ଡେଂଗୁ କାରଣରୁ ହୋଇଛି। ଅନ୍ୟ ଦୁଇ ଲୋକ ଯେଉଁମାନଙ୍କ ମୃତ୍ୟୁ ଡେଂଗୁ କାରଣରୁ ହୋଇଛି। ସେ ଖଡ଼ଗପୁରର ନିବାସୀ ଥିଲେ।

## ଖଲିସ୍ତାନୀ ଆତଙ୍କୀକୁ ସାବାଡ଼ କରିବ ଭାରତ

### ଖଲିସ୍ତାନୀଙ୍କ ଠିକଣାରେ ଏନଆଇଏ ଚଢ଼ାଉ




ନୂଆଦିଲ୍ଲୀ,୨୩/୦୯ : କୁହୁଳୁଛି ଭାରତ-କାନାଡ଼ା ବିବାଦ । ଖଲିସ୍ତାନୀ ଆତଙ୍କୀଙ୍କୁ ନେଇ ମୁହାଁମୁହିଁ ସ୍ଥିତିରେ ଉଭୟ ଦେଶ । ଏହା ଭିତରେ ଆକ୍ରମଣମୁଡକୁ ଆସିଛନ୍ତି ମୋଦୀ ସରକାର । ଖଲିସ୍ତାନୀ ନେତାଙ୍କ ପଂଜାବ ଘରେ ରେଡ କରିବା ସହ ସମ୍ପତି ଜବତ କରିଛି ଏନଆଇଏ । ସେପଟେ ବିବାଦ ଭିତରେ ଆମେରିକା ଏଣ୍ଟ୍ରିଂର ଘଟଣାକୁ ଅଧିକ ରୋଚକ କରୁଛି । ଆମେରିକା କହିଛି ଭାରତର ସାମର୍ଥ୍ୟ ଆଗରେ କାନାଡ଼ା ବେଶ ଦୁର୍ବଳ । ଏହି ଲଢେଇ ହାତୀ ଓ ପିମ୍ପୁଡି ଲଢେଇ ପରି ମନେ ହେଉଛି । ହରଦୀପ ସିଂ ନିଜ୍ଜର । ଏହି ଖଲିସ୍ତାନୀ ଆତଙ୍କୀଙ୍କୁ ନେଇ ଏବେ ଭାରତ ଓ କାନାଡ଼ା ମଧ୍ୟରେ ମୁହାଁମୁହିଁ ସ୍ଥିତି । ଯେବେଠୁ ନିଜ୍ଜରର ହତ୍ୟା ପାଇଁ ଭାରତକୁ ଦାୟୀ କରିବା ଆରମ୍ଭ କରିଛି କାନାଡ଼ା ସେବେଠୁ ଉଭୟ ଦେଶ ମଧ୍ୟରେ ଆରମ୍ଭ ହୋଇଛି ବିବାଦ । ସେପଟେ ପଂଜାବ ଜଲନ୍ଧରରେ ଥିବା ନିଜ୍ଜରର ଘରେ ପହଁଚିଛି ଜାତୀୟ ତଦନ୍ତକାରୀ ସଂସ୍ଥା ଏନଆଇଏ । ନିହତ ଆତଙ୍କୀ ଘରେ ନୋଟିସ ମାରିବା ସହ ସମ୍ପତିକୁ ଜବତ କରାଯାଇଥିବା ସୂଚନା ମିଳିଛି । ଖଲିସ୍ତାନୀ ଆତଙ୍କୀଙ୍କ ବିରୋଧରେ ଆକ୍ରମଣମୁଡରେ ଏବେ ମୋଦି ସରକାର । ତେଣୁ କାନାଡାରେ ବସି ଭାରତ ବିରୋଧରେ ବିଷ ଉଗାଳୁଥିବା ଖଲିସ୍ତାନୀ ନେତା ଗୁରୁପତୱନ୍ତ ପନ୍ନୁର ଚଣ୍ଡୀଗଡ ଓ ଜଲନ୍ଧର ଘରେ ପହଁଚି ସମ୍ପତି ଜବତ କରିଛି ଏନଆଇଏ । ଶିଖ ଫର ଜଷ୍ଟିସର ମୁଖ୍ୟ ହେଉଛି ଗୁରୁପତୱନ୍ତ ପନ୍ନୁ । ପ୍ରଶ୍ନ ଉଠୁଛି ଭାରତ ବିରୋଧରେ ଯେଉଁ ଖଲିସ୍ତାନୀ ନେତା ବା ଆତଙ୍କୀ ଷଡ଼ଯନ୍ତ୍ର ରଚୁଛନ୍ତି ସେମାନଙ୍କୁ ନିଜ ଛତ୍ରଛାୟା ତଳେ କ'ଣ ପାଇଁ ରଖୁଛି କାନାଡ଼ା । ଏହା କ'ଣ ଭାରତ ବିରୋଧରେ କାନାଡ଼ାର ଶତ୍ରୁତା ଆଚରଣ ନୁହେଁ କି ? ସେପଟେ କାନାଡ଼ାକୁ ଉଚିତ ଜବାବ ଦେଇ ଭାରତ ଏକଥା ଜଣାଇ ଦେଉଛି କି ଦେଶ ବିରୋଧୀ ଆଚରଣ ବା ଗତିବିଧି ସହ କୌଣସି ପରିସ୍ଥିତି ସହ ବୁଝାମଣା କରିବନି। ସେପଟେ ଭାରତ କାନାଡା ବିବାଦ ଭିତରେ ଏଣ୍ଟ୍ରିଂ ନେଇଛି ଆମେରିକା। ପେଂଟାଗନର ପୂର୍ବତନ ଅଧିକାରୀ ମାଇକେଲ ରୁବିନ କହିଛନ୍ତି ଏହି ବିବାଦରେ ଭାରତ ଅପେକ୍ଷା କାନାଡ଼ା ପ୍ରତି ଅଧିକ ବିପଦ ରହିଛି । ଏହି ଲଢେଇ ହାତୀ-ପିମ୍ପୁଡୀ ଭଳି । ସେପଟେ ଆମେରିକା ବୈଦେଶିକ ସଚିବ ଆନଟ୍ଟୋନୀ ବ୍ଲିଙ୍କେନ କାନାଡ଼ାର ଅଭିଯୋଗ ନେଇ ଚିନ୍ତା ପ୍ରକାଶ କରି କହିଛନ୍ତି ଖଲିସ୍ତାନୀ ନେତା ହତ୍ୟା ଘଟଣାର ତଦନ୍ତରେ ଉଭୟ ଭାରତ ଓ କାନାଡ଼ା ପରସ୍ପର ସହଯୋଗ ଭିତିରେ କାମ କରିବା ଉଚିତ । ଯଦି ଇତିହାସର ପର୍ଦ୍ଦକୁ ଦେଖିବା ତେବେ କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ କେବଳ ଖଲିସ୍ତାନୀଙ୍କୁ ଶରଣ ଦେଉନାହାଁନ୍ତି ▶▶ପୃଷ୍ଠା ୭

## ଚାନ୍ଦିପୁର ବୁଲାଇବାକୁ ନେଇ ଗଣଦୁଷ୍କର୍ମ: ହୋଟେଲ ମ୍ୟାନେଜର ସମେତ ୪ ଅଟକ

ବାଲେଶ୍ୱର, ୨୩/୦୯ (ନି.ପ୍ର): ବାଲେଶ୍ୱର ସଦର ଥାନା ଅଞ୍ଚଳର ଜଣେ ନାବାଳିକା ଚାନ୍ଦିପୁର ସମୁଦ୍ରକୂଳସ୍ଥିତ ଏକ ହୋଟେଲରେ ଗଣଦୁଷ୍କର୍ମର ଶିକାର ହେବା ପରେ ବିଷ ପିଇ ଗୁରୁତର ହୋଇଛନ୍ତି। ଏ ସଂକ୍ରାନ୍ତରେ ପୀଡ଼ିତାଙ୍କ ପରିବାର ଥାନାରେ ଅଭିଯୋଗ କରିବା ପରେ ଶୁକ୍ରବାର ରାତି ୮ଟା ବେଳେ ପୁଲିସ ଉକ୍ତ ?ହୋଟେଲରେ ଚଢ଼ଉ କରି ହୋଟେଲ ମ୍ୟାନେଜର ଓ ଗଣଦୁଷ୍କର୍ମରେ ସାମିଲ ଥିବା ୩ ଜଣ ଯୁବକଙ୍କୁ ଥାନାକୁ ଆଣି ଛାନ୍‌ଭିନ୍ ଚଳାଇଛି। ବାଲେଶ୍ୱର ସଦର ବ୍ଲକ୍ ଅଞ୍ଚଳର ଉକ୍ତ ନାବାଳିକାଙ୍କୁ ଗତକାଲି ଦ୍ୱିପ୍ରହର ସମୟରେ ତାଙ୍କ ପ୍ରେମିକ ଚାନ୍ଦିପୁର ବୁଲିଯିବାକୁ ଡାକିଥିଲେ। ପ୍ରେମିକ କଥାରେ ରାଜି ହୋଇ ସେଠାକୁ ଯିବା ପରେ ଦୁହେଁ ସମୁଦ୍ରକୂଳରେ ଥିବା ଏକ ହୋଟେଲରେ ରହିଥିଲେ। ପ୍ରେମିକଜଣକ ତା' ସହ ଦୁଷ୍କର୍ମ କରିବା ସହ ସାଙ୍ଗରେ ଡାକିଥିବା ଅନ୍ୟ ୨ ଜଣ ଯୁବକ ମଧ୍ୟ ନାବାଳିକାଙ୍କ ସହ ଦୁଷ୍କର୍ମ କରିଥିଲେ। ପ୍ରେମିକର ପ୍ରତାରଣା ଓ ଛଳ ଜାଣିବା ପରେ ନାବାଳିକାଜଣକ ଘରକୁ ଆସି ବିଷ ପିଇ ଦେଇଥିଲେ। ଘର ଲୋକ ଥାନାକୁ ଯାଇ ଅଭିଯୋଗ କରିବା ପରେ ପୁଲିସ ଉକ୍ତ ହୋଟେଲର ମ୍ୟାନେଜରଙ୍କ ସମେତ ସଞ୍ଜୀବ, ସୀତାଂଶୁ ଓ ବିକାଶ ନାମକ ୩ ଯୁବକଙ୍କୁ ଅଟକ ରଖି ଜେରା କରୁଛି। ଅପରପକ୍ଷରେ ଦୁଷ୍କର୍ମର ଶିକାର ହୋଇଥିବା ନାବାଳିକା ଜଣକ ବିଷ ପିଇ ଗୁରୁତର ହୋଇଥିବା ବେଳେ ତାଙ୍କୁ ବାଲେଶ୍ୱର ମେଡିକାଲ କଲେଜ ହାସପାତାଳରେ ଭର୍ତ୍ତି କରାଯାଇଛି।

# ଜାଲ୍ ପରିଚୟ ପତ୍ରରେ ଅନ୍ୟର ମୂଲ୍ୟବାନ ଜମି ହଡ଼ପ ଅଭିଯୋଗ

ସମ୍ବଲପୁର, ୨୨/୦୯ (ନି.ପ୍ର): ଦୁର୍ବଳ ଶ୍ରେଣୀ ବ୍ୟକ୍ତି ବିଶେଷଙ୍କ ଯଦି କୌଣସି ଠାରେ ମୂଲ୍ୟବାନ ଜମିଜମା ରହିଛି ତେବେ ତାକୁ କଳେ ବଳେ ନତୁବା କୌଶଳେ ହଡ଼ପ କରିବା ଆଜିକାଲିର ତଥାକଥିତ କିଛି ମାଫିଆଙ୍କ ଏକ ନିତିଦିନିଆ କାମରେ ପରିଣତ ହୋଇଯାଇଛି । ଏପରିକି ଜଣୈକ ଜମି ମାଲିକ ମୃତ୍ୟୁବରଣ କରିବା ପରେ ତାଙ୍କ ପରିବାର ଲୋକେ ଆର୍ଥିକସ୍ଥିତି ପାଇଁ ଏକ ଜମି ବିକିବା ମସୁଧା କଲା ବେଳକୁ ଜଣୈକ ଧୂର୍ତ ଶ୍ରେଣୀର ବ୍ୟକ୍ତି ନିଜର ନକଲି ପ୍ରମାଣପତ୍ର ଆଧାରରେ ଉକ୍ତ ଜମି ବିକ୍ରୀ କରିଦେଇଥିବା ଭଳି ଚାଂଚଲ୍ୟକର ଖବର ଏବେ ସମ୍ବଲପୁର ସହରରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି । ସୂଚନାନୁଯାୟୀ, ବୁଢ଼ାରଜା ଅଂଚଳର ଏକ ବହୁମୂଲ୍ୟ ଜମିକୁ ଜଣୈକ ବ୍ୟକ୍ତି ନିଜର ନକଲି ପରିଚୟ ପତ୍ର ମାଧ୍ୟମରେ ବିକ୍ରି କରିଥିବା ଅଭିଯୋଗ ସଂପ୍ରତି ସରକାରଙ୍କ ଜମିଜମା ବିକ୍ରି ଡିଜିଟାଲ ବ୍ୟବସ୍ଥା ପ୍ରତି ଉପହାସ ସୃଷ୍ଟି କରାଇଛି । ବୁଢ଼ାରଜା ଅଂଚଳରେ ବିନୋଦ ଗୁପ୍ତା ନାମକ ଜଣୈକ ବ୍ୟକ୍ତିଙ୍କର ୨୧ ଡିସିମିଲ ପରିମିତ ଏକ ମୂଲ୍ୟବାନ ଜମି ରହିଛି । ଗତ ୨୦୦୧ ଫେବୃଆରୀ ୨ ତାରିଖରେ ବାର୍ଦ୍ଧକ୍ୟଜନିତ କାରଣରୁ ବିନୋଦଙ୍କ ମୃତ୍ୟୁ ଘଟିଥିଲା । ବିନୋଦଙ୍କ ମୃତ୍ୟୁ ପରେ ତାଙ୍କ ସାନ ଭାଇ ମୁରାରୀ କୁମାର ଗୁପ୍ତା ଉକ୍ତ ଜମିକୁ ଚିହ୍ନଟ କରି ବିକ୍ରି କରିବା ପାଇଁ ପାରିବାରିକ ନିଷ୍ପତି ନେଇଥିଲେ । ଉକ୍ତ ଜମି ବିକ୍ରୀ ପାଇଁ କ୍ରେତା ଯୋଗାଡ ହେବା ପରେ ଜମିର ନଥିପତ୍ର ଯାଂଚ୍ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ସେତେବେଳେ ଜଣା ପଡ଼ିଥିଲା ଯେ, ଉକ୍ତ ଜମିଟି ଗତ ୨୦୨୨ ସେପଟ୍ମେର ୨୩ ତାରିଖରେ ବିକ୍ରି ହୋଇସାରିଛି । ପରବର୍ତୀ ସମୟରେ ଏହି ଜମି ବିକ୍ରିର ସମସ୍ତ ବିଷୟରେ ଅନୁସନ୍ଧାନ କରିବାରେ ଜଣାପଡ଼ିଥିଲା ଯେ, ଗୋବିନ୍ଦ ମେହେର ନାମକ ଜଣୈକ ଧୂର୍ତ ବ୍ୟକ୍ତି ମୃତ ବିନୋଦ କୁମାର ଗୁପ୍ତାଙ୍କ ନକଲି ପରିଚୟ ପତ୍ର ପ୍ରଦାନ କରି ଉକ୍ତ ଜମି ଅନ୍ୟ କାହାରିକୁ ବିକ୍ରି କରି ଦେଇଛନ୍ତି । ନିଜ ପରିବାରର ଏକ ମୂଲ୍ୟବାନ ଜମି ଅନ୍ୟ କେହି କିପରି ହଡ଼ପ କରି ଅନ୍ୟକୁ ବିକ୍ରି କରିପାରିଲା ସେନେଇ ଆଜି ମୃତ ବିନୋଦଙ୍କ ଭାଇ ମୁରାରୀ କୁମାର ଗୁପ୍ତା ସବିଶେଷ ତଥ୍ୟ ଓ କାଗଜାତ୍ ସଂଲଗ୍ନ କରି ସମ୍ବଲପୁର ଜିଲ୍ଲା ଉପ ପଞ୍ଜିକରଣ ଅଧିକାରୀ (ଡିଏସଆର)ଙ୍କ ନିକଟରେ ଫେରାଦ ହୋଇଛନ୍ତି । ଏଥି ସହିତ ନିଜ ଜମିର ପୁରୁଣା ନକଲି ପଞ୍ଜିକରଣକୁ ବାତିଲ କରି ନୂତନ ଭାବେ ତାଙ୍କୁ ଜମି ବିକ୍ରିର ପଞ୍ଜିକରଣ ପାଇଁ ଅନୁମତି ଦେବାପାଇଁ ଅନୁରୋଧ କରିଛନ୍ତି । ଏଠାରେ ଏବେ ସାଧାରଣରେ ପ୍ରଶ୍ନ ଉଠେ ଯେ, ବିକାଶଶୀଳ ରାଷ୍ଟ୍ରରେ ଏତେ ବଡ ବିଶାଳ ଡିଜିଟାଲ ଦୁନିଆଁ ଓ ଇ- ଗଭର୍ଣ୍ଣାନ୍ସ ବ୍ୟବସ୍ଥା ଥିବା ସତ୍ୱେ ଏଭଳି ଜାଲିଆତି ହେଲା କିପରି । ଜିଲ୍ଲା ପ୍ରଶାସନର କେଉଁ ଦୁର୍ବଳତାର ରାସ୍ତାରେ ଦଲାଲ କିସମର ଧୂର୍ତମାନେ ଅନ୍ୟର ଜମିକୁ ବିକ୍ରି-ଖରିଦ କରିବାରେ ସଫଳ ହୋଇପାରୁଛନ୍ତି ତାହା ତଦନ୍ତ ସାପେକ୍ଷ । ଅପରପକ୍ଷେ ନକଲି ପରିଚୟ ପତ୍ର ତିଆରି କରୁଥିବା ବ୍ୟକ୍ତି, ପ୍ରଶାସନିକ କଳର ଏହାକୁ ଯାଂଚ୍ କରୁଥିବା ଅଧିକାରୀ ଓ ଏଭଳି ଘଟଣାରେ ସାକ୍ଷ୍ୟ ଦେଉଥିବା ଦଲାଲ କିସମର ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନ ବିଭାଗ କି ପଦକ୍ଷେପ ନେବ ତାହା ଏବେ ମୁଖ୍ୟ ପ୍ରଶ୍ନବାଚୀ ହୋଇଛି । ଗୋଟିଏ ପଟେ ରାଜ୍ୟରେ ସ୍ୱଚ୍ଛ ଓ ନିର୍ମଳ ସରକାରର ଶାସନ ଚାଲିଥିବା ବେଳେ ଏଭଳି ଭ୍ରଷ୍ଟାଚାର ଓ ଦୁର୍ନୀତି କିଭଳି ହୋଇପାରୁଛି ସେନେଇ ବହୁ ବୁଦ୍ଧିଜୀବୀ ଉଦବେଗ ପ୍ରକାଶ କରିଥିବା ବେଳେ ଜିଲ୍ଲାର ସଂଖ୍ୟାଧିକ ଅଶିକ୍ଷିତ, ସାଧାରଣ, ଗରିବ, ଦଳିତ, ଆଦିବାସୀ ଲୋକଙ୍କ ଜମି କେତେ ସୁରକ୍ଷିତ ତାହା ଆମର ସ୍ୱଚ୍ଛ ଓ ନିର୍ମଳ ସରକାରର ଶାସନକଳ ପ୍ରତି ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରାଇଛି ।

# ଚନ୍ଦ୍ରଶେଖର ଆଇଟିଆଇର ସମାବର୍ତ୍ତନ ଉତ୍ସବ

ଚମ୍ପୁଆ, ୨୨/୦୯ (ନି.ପ୍ର): ଚମ୍ପୁଆ ବ୍ଲକ କାଶିପାଳ ପଂଚାୟତ ଅନ୍ତର୍ଗତ ଗୁଲୁଦିପଶି ଗ୍ରାମର ଚନ୍ଦ୍ରଶେଖର ଆଇ. ଟି. ଆଇ ର ସମାବର୍ତନ ଉତ୍ସବ ମହା ସମାରୋହ ରେ ଅନୁଷ୍ଠିତ ହୋଇଯାଇଛି । ଆଇ. ଟି. ଆଇ ର ପରିଚାଳନା ନିର୍ଦ୍ଦେଶକ କ୍ଷେତ୍ରବାସୀ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ, ସଂଗଠକ ମୋହନ ନାୟକ, ମୁଖ୍ୟବକ୍ତା ଭାବେ ଶ୍ରୀ ଇଞ୍ଜିନିୟରିଙ୍ଗ, ବାଙ୍କିଆ ର ନିର୍ଦ୍ଦେଶକ ଶଶୀଭୂଷଣ ମହାନ୍ତ, ସମ୍ମାନିତ ଅତିଥି ଭାବେ ବୈତରଣୀ ଏଜୁକେସନ ଟ୍ରଷ୍ଟ ଅଧକ୍ଷ ଶ୍ରୀମତୀ ଅବନ୍ତୀ ମହାନ୍ତ, ଆଇ. ଟି. ଆଇ ପ୍ରିନସିପାଲ ତୃପ୍ତି କୁମାର ନାଏକ, ଏ. ଟି. ଓ ସବିତା ତ୍ରିବିଦ୍, ସୁଶାନ୍ତ ନାଏକ ପ୍ରମୁଖ ଯୋଗ ଦେଇ ଭଲ ପରିବେଶ ହିଁ ଭବିଷ୍ୟତ ଗଢିବାକୁ ପ୍ରେରଣା ଯୋଗାଇଥାଏ ବୋଲି ବକ୍ତବ୍ୟ ରଖି ପ୍ରତିଟି କାର୍ଯ୍ୟରେ ଦୃଢ଼ନିଷ୍ଠା, କଠିନ ପରିଶ୍ରମ ବଳରେ ଉତ୍ତମ ଦକ୍ଷତା ସମ୍ପନ୍ନ କାରିଗର ଟିଏ ତୋଳି ପାରିବେ ବୋଲି ଛାତ୍ର ଛାତ୍ରୀ ମାନଙ୍କୁ ଦିଗଦର୍ଶନ ଦେଇଥିଲେ । ଅତିଥିମାନେ ଏହି ଅବସରରେ ଫିଟର, ଇଲେକ୍ଟ୍ରିସିଆନ ଓ ସୋଲାର ପିଭିଇନଷ୍ଟାଲ ରେ ଚଳିତ ବର୍ଷ କୃତକାର୍ଯ୍ୟ ହୋଇଥିବା ଛାତ୍ର, ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଫିଟର ଓ ଇଲେକଟ୍ରିସିଆନ ବିଭାଗରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଶୁଭମ ମହାନ୍ତ, ବର୍ଣ୍ଣି କୁମାର ମହାନ୍ତଙ୍କୁ ସାର୍ଟିଫିକେଟ ସହିତ ସ୍ୱତନ୍ତ୍ର ଭାବେ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଆଇ. ଟି. ଆଇ ର ଅଧକ୍ଷ ତୃପ୍ତି କୁମାର ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଏ ଟି ଓ ସୁଶାନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ କୁ ଚନ୍ଦ୍ରଶେଖର ଆଇ ଟି ଆଇ ର ଏ ଟି ଓ ମନୋରଞ୍ଜନ ମହାନ୍ତ, ଓମପ୍ରକାଶ ମହାନ୍ତ, ମନୋଜ କୁମାର ମହାନ୍ତ, ତରୁଣ ବଡ଼ପଣ୍ଡା ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ।

# ଛତ୍ରପୁର ବ୍ଲକ୍ ଅଂଚଳର ପାରମ୍ପରିକ ଲୋକକଳା ଦଳଙ୍କୁ ପ୍ରଶିକ୍ଷଣ

ଗଞ୍ଜାମ, ୨୨/୦୯ (ନି.ପ୍ର): ଛତ୍ରପୁର ବ୍ଲକ୍ ଅଂଚଳର ସମସ୍ତ ଗ୍ରାମାଚଂଳରେ ପାରମ୍ପରିକ ଲୋକକଳା ମାଧ୍ୟମରେ ସରକାରଙ୍କ ଜନହିତକର ଯୋଜନା ଗୁଡିକର ପ୍ରଚାର ପ୍ରସାର କରାଯିବ । ଏଥିନେଇ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ପରେ ବ୍ଲକ୍ ସ୍ତରୀୟ ପାରମ୍ପରିକ ଲୋକକଳା ଦଳ ଚୟନ ଓ ପଞ୍ଜିକରଣ ପରେ ଛତ୍ରପୁର ବ୍ଲକ୍ ର ୩୦ ଗୋଟି ଲୋକକଳା ଦଳଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଛତ୍ରପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହ ପ୍ରକୋଷ୍ଠ ଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପ୍ରଶିକ୍ଷଣ ପ୍ରଦାନ ଶିବିରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଉପସ୍ଥିତ ରହି ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ନିୟୋଜିତ ହେବାକୁ ଥିବା ପାରମ୍ପରିକ ଲୋକକଳା ଦଳଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସରକାରଙ୍କର ଜନହିତକର ଯୋଜନାର ପ୍ରଚାର ପ୍ରସାର ଲୋକକଳା ମାଧ୍ୟମରେ କରିବାର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇ କଳାକାର ମାନଙ୍କର କଳା ପ୍ରଦର୍ଶନ ମାଧ୍ୟମରେ ଲୋକକଳାର ମୌଳିକତାକୁ ନଷ୍ଟକରି କିଭଳି ପ୍ରଚାର କରିବେ ତାହା ପ୍ରଶିକ୍ଷଣରେ ପ୍ରଦାନ କରାଯାଇଥିଲା । ଓଡିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲାର ସମସ୍ତ ଗ୍ରାମାଚଂଳରେ ପ୍ରଚାର ପ୍ରସାର ହେବ । ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣ କିଭଳି ସୂଚନା ପାଇବେ ଏବଂ ଏହି ଯୋଜନାରୁ ଉପକୃତ ହେବେ ସେହି ଆଭିମୁଖ୍ୟ ନେଇ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କଳାକାରଗଣ ପ୍ରଶିକ୍ଷଣ ପାଇଥିଲେ । ଏହି ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବରାଳ ସମସ୍ତ କଳାକାର ମାନଙ୍କ ଠାରୁ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ କିଭଳି ସୁଚାରୁ ରୂପେ ସମ୍ପାଦିତ ହେବ ସେଥିନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସମନ୍ୱୀତ ଶିଶୁ ବିକାଶ ଯୋଜନା ଅଧିକାରୀ ପ୍ରଣମିତା ପଣ୍ଡା ଏବଂ କୃଷି ଅଧିଦର୍ଶକ ଦୂର୍ଗା ପ୍ରସାଦ ପ୍ରଧାନସରକାରଙ୍କ ଯୋଜନା ଗୁଡିକ ସମ୍ପର୍କରେ କଳାକାର ମାନଙ୍କୁ ଅବଗତ କରାଇଥିଲେ । ପ୍ରଶିକ୍ଷଣ କାର୍ଯ୍ୟରେ କଳାକାରଗଣ କିଭଳି କାର୍ଯ୍ୟକ୍ରମ ପରିବେଷଣ କରିବେ, କେଉଁ ସବୁ ବିଷୟ ବସ୍ତୁ ଗୁଡିକ ଉପରେ ଅଧିକ ଯତ୍ନବାନ ହେବେ, କେଉଁଠି କାର୍ଯ୍ୟକ୍ରମ ପରିବେଷଣ କରିବେ ଏହି ସମ୍ପର୍କିତ ସମସ୍ତ ବିଷୟରେ କଳାକାର ମାନଙ୍କୁ ଅବଗତ କରାଯାଇଥିଲା । ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଜଗନ ମୋହନ ସେନାପତି ଏବଂ ବ୍ଲକ୍ କଳା ସାଂସ୍କୃତିକ ସଂଘର ଉପସଭାପତି ପ୍ରଶାନ୍ତ ରାଉଳଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କର୍ମଶାଳାଟିରେ ପଞ୍ଜିକୃତ ହୋଇଥିବା ୩୦ ଗୋଟି ଦଳର ଦଳମୁଖ୍ୟ ଏବଂ ବରିଷ୍ଠ କଳାକାର ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# କେନ୍ଦୁଝରରେ ବିକାଶର ବିକଳ ଚିତ୍ର: ପୁଣି ଖଟିଆରେ ବୁହାହେଲେ ଗର୍ଭବତୀ

କେନ୍ଦୁଝର, ୨୨/୦୯ (ନି.ପ୍ର): ବିକାଶର ବିକଳ ଚିତ୍ର ପୁଣି ଦେଖିବାକୁ ମିଳିଛି କେନ୍ଦୁଝର ଭଳି ଆଦିବାସୀ ବହୁଳ ଜିଲ୍ଲାରେ । ରାସ୍ତାଘାଟର ଦୟନୀୟ ଅବସ୍ଥା ତଥା ଅଭାବ କାରଣରୁ ଏହି ଜିଲ୍ଲାରେ ପୁଣି ଜଣେ ଗର୍ଭବତୀଙ୍କୁ ପ୍ରାୟ ୧ କିଲୋ ମିଟର ରୁ ଉର୍ଦ୍ଧ ରାସ୍ତା ଖଟିଆରେ ବୋହି ନେବାକୁ ପଡିଛି ପରିବାର ଲୋକଙ୍କୁ । ଏହି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲାର ଆଦିବାସୀ ବହୁଳ ତେଲକୋଇ ନିର୍ବାଚନ ମଣ୍ଡଳୀରେ । ସ୍ୱାଧୀନତାର ୭୫ ବର୍ଷ ପରେ ଆଜି ବି ତେଲକୋଇ ବ୍ଲକର ଅନେକ ଅଂଚଳ ଏବେ ବି ଏକ ପ୍ରକାର ଅପହଂଚ ଅପହଂଚ ହୋଇ ରହିଛି । ରାସ୍ତାଘାଟର ସଂଯୋଗ ର ଅଭାବ ସାଙ୍ଗକୁ ଦୁରାବସ୍ଥା ଓ ଦୟନୀୟ ଅବସ୍ଥା କାରଣରୁ ଗ୍ରାମାଚଂଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗାଁ ମାନଙ୍କୁ ରାସ୍ତାର ସୁବିଧା ନଥିବା କାରଣରୁ ଗୁରୁତର ରୋଗୀଙ୍କ ହସପିଟାଲ ନେବାକୁ ଆମ୍ବୁଲାନ୍ସ ମଧ୍ୟ ଗ୍ରାମକୁ ଆସିପାରୁନାହିଁ । କିନ୍ତୁ ଏପଟେ ସରକାର ମିଥ୍ୟା ବିକାଶର ବାହାସ୍ଫୋଟ ମାରି ଭୋଟ ହାତେଇବା ଦିଗରେ ଆଦୌ କାର୍ପଣ୍ୟ କରୁ ନଥିବା ଲକ୍ଷ୍ୟ କରାଯାଉଛି । ନାହାଁନ୍ତି । ଏବେ ପୁଣି ରାସ୍ତା ନଥିବା କାରଣରୁ ଗାଁରେ ଆମ୍ବୁଲାନ୍ସ ପହଂଚି ନପାରିବାରୁ ପ୍ରାୟ ୧ କିଲୋମିଟର ଦୂର ପର୍ଯ୍ୟନ୍ତ ଜଣେ ଗର୍ଭବତୀଙ୍କୁ ପରିବାର ଲୋକମାନେ ଖଟିଆରେ ବୋହି ନେବାକୁ ପଡିଛି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ତେଲକୋଇ ବ୍ଲକର ଉପାନ୍ତ ଅଂଚଳ ତାଳପଦା ପଂଚାୟତ ର ଗୁରୁମ ଗାଁର ମୁଣ୍ଡା ସାହୀରେ । ମିଳିଥିବା ସୂଚନାନୁଯାୟୀ ଏହି ଗ୍ରାମର ଦୁବେଇ ମୁଣ୍ଡାଙ୍କ ପତ୍ନୀ ୨୩ ବର୍ଷିୟା ମାନୀ ମୁଣ୍ଡା ଙ୍କର ଗର୍ଭଯନ୍ତ୍ରଣା ଆରମ୍ଭ ହେବାରୁ ଆମ୍ବୁଲାନ୍ସକୁ ଯୋଗା ଯୋଗ କରିଥିଲେ । ଆମ୍ବୁଲାନ୍ସ ଠିକ ସମୟରେ ଆସିଥିଲା , କିନ୍ତୁ ରାସ୍ତାର ଦୟନୀୟ ଅବସ୍ଥା ତଥା କାଦୁଅ ରାସ୍ତା କାରଣରୁ ତାଳପଦା ହାଇସ୍କୁଲ ଠାରେ ଅଟକି ରହିଥିଲା । ଫଳରେ ଧୁବେଇ ମୁଣ୍ଡାଙ୍କର ପତ୍ନୀ ମାନୀଙ୍କୁ ଗାଁ ଲୋକମାନଙ୍କ ସହାୟତାରେ ଖଟିଆର କାନ୍ଧେଇ ଦୁଇଟି ନାଳ ପାର କରାଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଂଚାଇବା ପରେ ତାଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା । ତେବେ ମାନୀ ମୁଣ୍ଡା ମେଡିକାଲରେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିବା ବେଳେ ମା ଓ ଶାଶୁ ର ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହିଥିବା ଜଣା ପଡିଛି । ଏହି ତେଲକୋଇ ହେଉଛି ସେହି ନିର୍ବାଚନ ମଣ୍ଡଳୀ ଯେଉଁଟାରେ ଆଜି ବି ପାଠ ପଢିବା ଲାଗି ଯିବାକୁ ପିଲାଙ୍କର ଜୀବନ ବାଜିରେ ଲାଗିଛି । ପିଲାମାନେ ଉଛୁଳା ନଇରେ ଡଙ୍ଗାରେ ଆହୁଲାମାରି ବିପଦପୂର୍ଣ୍ଣ ଅବସ୍ଥାରେ ନଇ ପାର ହେଉଛନ୍ତି । ଏହି ନିର୍ବାଚନ ମଣ୍ଡାଳୀରେ ସତେ ଯେପରି ବିକାଶ ବାଟ ହୁଡିଛି ।

# ପ୍ରାଥମିକ ଶିକ୍ଷକ ଆନ୍ଦୋଳନ ସ୍ଥଳରେ ନରସିଂହ

ବଲାଙ୍ଗୀର, ୨୨/୦୯ (ନି.ପ୍ର): ପ୍ରାଥମକ ଶିକ୍ଷକଙ୍କ ଦାବି ଯୁକ୍ତିଯୁକ୍ତ ଅଟେ । ମୁଁ ଏବଂ ମୋ ଦଳ ଏହାକୁ ସମ୍ପୂର୍ଣ୍ଣ ଭାବେ ସମର୍ଥନ କରୁଛି । ରାଜ୍ୟ ସରକାର ଗୋଟିଏ ପଟେ କହୁଛନ୍ତି ପ୍ରତ୍ୟେକ କ୍ଷେତ୍ରରେ ଠିକା ନିଯୁକ୍ତି ବନ୍ଦ କରିବେ କିନ୍ତୁ ନିଜ କଥାକୁ ନିଜେ ପୁଣି ଫେରାଇ ନେଇ ଶିକ୍ଷକ କ୍ଷେତ୍ରରେ ଠିକା ନିଯୁକ୍ତି ଚାଲୁ ରଖିଛନ୍ତି । କେବଳ ଏତିକି ନୁହେଁ ତାଙ୍କ ଗ୍ରେଡ୍ ପେ ରେ ବୃଦ୍ଧି ଏବଂ ପୁରୁଣା ପେନସନ ନୀତି ଚାଲୁ ରଖିବା ଦାବିରେ ସାରା ରାଜ୍ୟରେ ଲକ୍ଷାଧିକ ଶିକ୍ଷକ ଗତ ୮ ତାରିଖରୁ ଆନ୍ଦୋଳନ ଜାରି ରଖିଛନ୍ତି । ଏହି ଦାବି ଗୁଡିକୁ ସରକାର ଯଦି ପୁରଣ ନ କରିବେ ତେବେ ବିଧାନସଭାରେ ଶିକ୍ଷକଙ୍କ ନ୍ୟାର୍ଯ୍ୟ ଦାବିକୁ ନେଇ ବିଧାନସଭା ହୁଲସ୍ଥୁଲ କରାଯିବ ବୋଲି ଶିକ୍ଷକଙ୍କ ଗଣଧାରଣାରେ ଯୋଗଦେଇ ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ, ଶିକ୍ଷା ହିଁ ସମାଜର ଅର୍ଥନୀତିକୁ ସୁଦୃଢ କରିଥାଏ, କିନ୍ତୁ ଦେଖାଦେଉଛି ଏହି ସରକାର ଦୀର୍ଘ ସମୟ ଧରି ଶାସନରେ ଥିଲେ ହେଁ ଶିକ୍ଷକମାନଙ୍କର ସ୍ଥିତି ଦୋହଲିବାରେ ଲାଗିଛି । ସ୍କୁଲ ଭିତିଭୂମି ସାଙ୍ଗକୁ ଏପରି ଅନେକ ସ୍କୁଲ ଅଛି ଯେଉଁ ଠାରେ ଶିକ୍ଷକ ନାହାନ୍ତି । ଶିକ୍ଷକ ଥିଲେ ଅନ୍ୟାନ୍ୟ କର୍ମଚାରୀ ନାହାନ୍ତି । ପ୍ରାୟତଃ ରାଜ୍ୟର ସମସ୍ତ ସରକାରୀ ସ୍କୁଲ ଏବେ ବନ୍ଦ ପଡି ରହିଛି । ଏହା ସରକାରଙ୍କର ଏକ ସୁଚିନ୍ତିତ ଷଡଯନ୍ତ । ଏହାକୁ ନେଇ ଶିକ୍ଷକ ସମାଜ ସଚେତନ ରୁହନ୍ତୁ, ବିଧାନସଭାରେ ନିଶ୍ଚିତ ଲଢେଇ ହେବ ଆପଣମାନେ ବାହାରେ ଆପଣଙ୍କ ଆନ୍ଦୋଳନକୁ ଜାରି ରଖନ୍ତୁ । ଗୋଟିଏ ଶିକ୍ଷାନୀତିରେ ୫ ପ୍ରକାର ଶିକ୍ଷକ, ୫ ପ୍ରକାର ଦରମାକୁ ଆଉ ବରଦାସ୍ତ କରାଯିବ ନାହିଁ । ଏହି ଆନ୍ଦୋଳନରେ ଅଭିଭାବକ ତଥା ସାଧାରଣ ଜନତାଙ୍କୁ ସାମିଲ କରନ୍ତୁ ଦେଖିବେ ଆପଣଙ୍କ ନ୍ୟାର୍ଯ୍ୟ ଦାବିକୁ ନିଶ୍ଚିତ ଭାବରେ ସରକାର ମାନିବେ ବୋଲି ସେ କହିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ସାରା ରାଜ୍ୟର ଲକ୍ଷାଧିକ ପ୍ରାଥମିକ ଶିକ୍ଷକ ଗତ ୮ ତାରିଖରୁ ତାଙ୍କ ତିନି ଦଫା ଦାବିକୁ ନେଇ ଆନ୍ଦୋଳନ କରୁଥିଲେ ହେଁ ସରକାର ତାଙ୍କ ଦାବିକୁ ନେଇ କର୍ଣ୍ଣପାତ କରୁନାହିଁ । ରାଜ୍ୟର ସମସ୍ତ ସରକାରୀ ପ୍ରାଥମିକ ସ୍କୁଲ ବନ୍ଦ ପଡି ଶିକ୍ଷା ବ୍ୟବସ୍ଥା ଭୁଷୁଡି ପଡିଛି । ଯଦି ଏପରି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସ୍ଥାଣୁ ହୋଇ ପଡିରହେ ତେବେ ସମାଜର ସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଷୁଡି ପଡିବ । ତେଣୁ ଯେତେ ଶିଘ୍ର ହେବ ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ପ୍ରାଥମିକ ଶିକ୍ଷକଙ୍କ ନ୍ୟାର୍ଯ୍ୟ ଦାବି ମାନିନେବା ଉଚିତ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ବେଗୁନିଆ ବୋଲଗଡ଼ରୁ ୫୦୨ ୟୁନିଟ ରକ୍ତ ସଂଗୃହୀତ

ଖୋର୍ଦ୍ଧା, ୨୨ ସେପ୍ଟେମ୍ବର(ହି.ସ.) – ବେଗୁନିଆ ବ୍ଲକ କୁଞ୍ଜୁରୀ ଗ୍ରାମ ପଂଚାୟତ, ସୀମୋର, ବଡ଼ ବେରେଣକ୍ଷ ଶୀମୋର ଗ୍ରାମ ପଂଚାୟତ ଠାରେ, କଂଟାବାଡ ଗ୍ରାମ ପଂଚାୟତ ରମାମଣି ମହାବିଦ୍ୟାଳୟ ଠାରେ ଏବଂ ବୋଲଗଡ ବ୍ଲକର ପିଚୁକୁଳୀ ଗ୍ରାମ ପଂଚାୟତ କଲ୍ୟାଣୀ ମଣ୍ଡପ, ବଡ଼ କୁମାରୀ ଗ୍ରାମ ପଂଚାୟତ ବିଜୁ ପଟ୍ଟନାୟକ କଲ୍ୟାଣୀ ମଣ୍ଡପ ଓ ସାନପଦର, ଗୋପାଳପୁର, କଡବ ଗ୍ରାମ ପଂଚାୟତ ଦେଉଳି ମହାବିଦ୍ୟାଳୟ ଠାରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଗ୍ରାମ ପଂଚାୟତ ଗୁଡ଼ିକର ର ପ୍ରତିନିଧି, ଯୁବ, ଛାତ୍ର, ମହିଳାମାନେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ବିଜୁ ଯୁବ ଜନତା ଦଳ ପକ୍ଷରୁ ଆୟୋଜିତ ଏହି ଶିବିରକୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା, ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର ସଂଯୋଜନା କରିଥିଲେ । ବେଗୁନିଆ ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା ଯୋଜନା କମିଟି ଅଧକ୍ଷ ରାଜେନ୍ଦ୍ର କୁମାର ସାହୁ ଶିବିର ଗୁଡ଼ିକୁ ଉଦ୍ଘାଟନ କରିଥିବା ବେଳେ ଉପସ୍ଥିତ ଥିଲେ ଶୁଭ୍ରାଂଶୁ ନାରାୟଣ ମିଶ୍ର, ସହ ପର୍ଯ୍ୟବେକ୍ଷକ, ବିଜୁ ଜନତା ଦଳ, ଖୋର୍ଦ୍ଧା ଜିଲ୍ଲା, ବୋଲଗଡ ବ୍ଲକ ର ଅଧକ୍ଷ ହୁଲାଶ ପ୍ରଧାନ, ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ବଡ଼ କୁମାରୀ ସରପଂଚ ପ୍ରଫୁଲ୍ଲ କୁମାର ପ୍ରଧାନ, ବିଧାୟକଙ୍କ ବେଗୁନିଆ ପ୍ରତିନିଧି ପ୍ରଶାନ୍ତ ବେହେରା, ୨୭ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ,୨୫ ନମ୍ବର ଜିଲ୍ଲାପରିଷଦ ସଭ୍ୟାଙ୍କ ପ୍ରତିନିଧି ସୁଭେନ୍ଦ୍ର କୁମାର ସାହୁ, ୨୬ ନମ୍ବର ଜିଲ୍ଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ଆମ୍ବା ଅଧକ୍ଷ ଦିପ୍ତିରଞ୍ଜନ ସାହୁ, ପବିତ୍ର ମୋହନ ମାଝି, କୃଷ୍ଣଚନ୍ଦ୍ର ପ୍ରଧାନ ଜ୍ୟୋତିରଞ୍ଜନ ଖଡଙ୍ଗା, ସ୍ୱାଧୀନ ପଣ୍ଡା, ନଳିନୀ ବଡ଼ଜେନା, ହାଡୁବନ୍ଧୁ ମହାପାତ୍ର, ହେମନ୍ତ ସୁନ୍ଦରାୟ ମାନସ ରଞ୍ଜନ ସାମନ୍ତରାୟ, ପରମାନନ୍ଦ ସାହୁ, ସୁକାନ୍ତ କୁମାର ସାହୁ, ନବକିଶୋର ଖୁଂଟିଆ ଗୋପୀନାଥ ଜେନା, କିଶୋର ରଣସିଂହ, ଦିଲ୍ଲୀପ କୁମାର ମହାପାତ୍ର, ପ୍ରଦୀପ ବାରିକ, ବିଜୟ ତକ୍ଷରେଣିଆ, ଗୌତମ ଜେନା, ଅଭିମନ୍ୟୁ ସୁବୁଦ୍ଧି, ଦିଲ୍ଲୀପ ପାଇକରାୟ ଦିବାକର ପଣ୍ଡା, ଅସଫ ଅଲ୍ଲୀ, ପ୍ରଦୀପ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏସସିବି ବ୍ଲଡ଼ ବ୍ୟାଙ୍କ, କଟକ ଦ୍ୱାରା କଂଟାବାଡ଼ ଠାରେ ୧୨୦ ୟୁନିଟ ,ନୟାଗଡ ବ୍ଲଡ଼ ବ୍ୟାଙ୍କ ଦ୍ୱାରା ପିଚକୁଳୀ ପଂଚାୟତ ରୁ ୪୦ ୟୁନିଟ ଏବଂ କ୍ୟାପିଟାଲ ରେଡକ୍ରସ ବ୍ଲଡ଼ ବ୍ୟାଙ୍କ ଦ୍ୱାରା କୁଞ୍ଜୁରି ଠାରୁ ୮୩ ୟୁନିଟ, ସେଂଟ୍ରାଲ ରେଡକ୍ରସ୍, କଟକ ଦ୍ୱାରା ଦେଉଳି ଠାରେ ୧୧୨ ୟୁନିଟ, ଭୁବନେଶ୍ୱର ମୁନିସିପାଲ୍ ବ୍ଲଡ ବ୍ୟାଙ୍କ୍ ଦ୍ୱାରା ଶିମୋର ଠାରେ ୫୫ ୟୁନିଟ, ଭଞ୍ଜନଗର ବ୍ଲଡ଼ ବ୍ୟାଙ୍କ୍ ଦ୍ୱାରା ବଡ଼ କୁମାରୀ ବିଜୁ ପଟ୍ଟନାୟକ କଲ୍ୟାଣୀ ମଣ୍ଡପ ଠାରେ ୯୨ ୟୁନିଟ ରକ୍ତକୁ ମିଶାଇ ମୋଟ ୫୦୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିବାବେଳେ ବହୁ ମହିଳା ଓ ଯୁବକ ଏଥିରେ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିର ଆୟୋଜନକୁ ସବୁ ମହଲ ରେ ପ୍ରଶଂସା କରାଯାଉଛି। କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସଭାପତି ଅଭିଷେକ ସିଂ ସାମନ୍ତ ସମସ୍ତ ରକ୍ତଦାତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଖୁବ୍‌ଶୀଘ୍ର ବୋଲଗଡ଼ ବେଗୁନିଆରେ ବାକିଥିବା ୧୧ଗୋଟି ପଂଚାୟତରେ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ବିଧାୟକ ଶ୍ରୀ ସାହୁ ଜଣାଇଛନ୍ତି।

# ମାଗଣା ସ୍ୱାସ୍ଥ୍ୟ ଶିବିର

ଜୟପୁର, ୨୨/୦୯ (ନି.ପ୍ର): ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଜଗଧାତ୍ରୀପୁର ଠାରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଠାରେ ଜୟପୁର ପୌର ପାଳିକା ଅଧିନସ୍ଥ ଏମସିସି ମାଇକ୍ରୋ କମ୍ପୋଷ୍ଟରେ କାର୍ଯ୍ୟରତ କର୍ମୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ଟିଟି, ଓ ହେପାଟାଇସ ବି ଇଞ୍ଜେକସନ ଦିଆଯାଇଥିଲା । ବିପି, ସୁଗର ପରୀକ୍ଷା କରାଯାଇଥିଲା । ସାଧାରଣ ରୋଗର ଚିକିତ୍ସା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା । ସେଲିଟାଇଜ ସୁପରଭାଇଜର ବୁଢୁନି ହାଲବା ଓ ସୁପର ଭାଇଜର ଲତ୍ୟ ନାରାୟଣ ପାତ୍ର ପରିଚାଳନା କରିଥିଲେ ।

# ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ପାଇଁ ସ୍ୱତନ୍ତ୍ର ସଭା

ସମ୍ବଲପୁର, ୨୨/୦୯ (ନି.ପ୍ର): ସ୍ଥାନୀୟ ଜିଲ୍ଲା ସାମ୍ବାଦିକ ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇବା ପାଇଁ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶିଙ୍କୁ ବିଜୁ ଶ୍ରମିକ ସାମୁଖ୍ୟର କେନ୍ଦ୍ରୀୟ ସଂଯୋଜକ ଭାବରେ ନିଯୁକ୍ତି ମିଳିଥିବାରୁ ସାଂସଦଙ୍କ ସମ୍ବଲପୁର ଜିଲ୍ଲାର ପ୍ରତିନିଧିମାନଙ୍କ ପକ୍ଷରୁ ଏଥିପାଇଁ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭା ସାଂସଦ ନିରଞ୍ଜନ ବିସିଙ୍କ ସମ୍ବଲପୁର ଜିଲ୍ଲା ପ୍ରତିନିଧି ଆଶିଷ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସାଂସଦଙ୍କ ହୀରାକୁଦ ମୁଖ୍ୟ ଡ୍ୟାମର ପ୍ରତିନିଧି ସୁଧିର ପଟ୍ଟନାୟକ, ସାଂସଦଙ୍କ ପ୍ରତିନିଧି ଅନିଲ ପାଣିଗ୍ରାହୀ, ରେଳୱେ ପ୍ରତିନିଧି ବିକାଶ ତରିଆ, ମାନେଶ୍ୱର ବ୍ଲକ ପ୍ରତିନିଧି ଚିତରଞ୍ଜନ ବାଗ, ବିଜୁ ମହିଳା ଜନତାଦଳର ଜିଲ୍ଲା ସମ୍ପାଦିକା ରୁପାଞ୍ଜଳି ରଣବିଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବଳରାମ ଭୋଇ ପ୍ରମୁଖ ମଂଚାସିନ ଥିଲେ। ଏହି ସଭାରେ ପ୍ରମୁଖ ଆଦିବାସୀ ନେତା ତଥା ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶିଙ୍କୁ ବିଜୁ ଶ୍ରମିକ ସାମୁଖ୍ୟର କେନ୍ଦ୍ରୀୟ ସଂଯୋଜକ ଭାବରେ ଦାୟିତ୍ୱ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ,ମହାସଚିବ ସୁବାସ ସିଂଙ୍କୁ ରାଜ୍ୟସଭା ସାଂସଦ ନିରଞ୍ଜନ ବିସିଙ୍କ ସମ୍ବଲପୁର ଜିଲ୍ଲା ର ସବୁ ପ୍ରତିନିଧି ମାନେ ସଭାରେ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ରାଜ୍ୟସଭା ସାଂସଦଙ୍କ ସମ୍ବଲପୁର କାର୍ଯ୍ୟାଳୟର ପ୍ରତିନିଧି ଅନିଲ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ

କେନ୍ଦ୍ରାପଡ଼ା, ୨୨/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ବାର୍ଷିକ ପ୍ରତିଷ୍ଠା ଦିବସ ସ୍ୱାର୍କ-୨୦୨୩ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ଶୁଭଲକ୍ଷ୍ମୀ ନାୟକଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। କେନ୍ଦ୍ରାପଡ଼ା ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ ସରିତା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପୀତବାସ ପଣ୍ଡା ଯୋଗ ଦେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଡେରାବିଶ ବ୍ଲକର ମଣ୍ଡଳଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇ ଆଦର୍ଶ ବିଦ୍ୟାଳୟର ଶିକ୍ଷା ସହିତ ସହଶିକ୍ଷାର ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଇ ଅବସରରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ କୁମାର ବାରିକ ବାର୍ଷିକ ବିବାରଣୀ ପାଠ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଗୀତାଞ୍ଜଳୀ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପିଲାମାନଙ୍କୁ ନିଜ ସଂସ୍କୃତିକୁ ଭୁଲି ନଯିବା ପାଇଁ କହିଥିଲେ। ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ମୁଖ୍ୟ ବକ୍ତାଭାବେ ଯୋଗ ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ଗଢ଼ିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଜଣାଇଥିଲେ। ଡେରାବିଶ ବ୍ଲକ୍‌ର ମଣ୍ଡଳଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଆଳି ବ୍ଲକ୍‌ର ମଣ୍ଡଳ ଶିକ୍ଷାଧିକାରୀ ରତିକାନ୍ତ ସେନାପତି, ପ୍ରାକ୍ତନ ବିଜ୍ଞାନ ପରିଦର୍ଶକ ପୀତବାସ ପଣ୍ଡା ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଶେଷରେ ପୁରସ୍କୃତ କରିଥିଲେ। ଆଦିକନ୍ଦ ସାହୁ ମଂଚ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଆଦର୍ଶ ବିଦ୍ୟାଳୟର ଅଧ୍ୟାପିକା ପାୟଲ ପଣ୍ଡା। ଏଥିରେ ଜିଲ୍ଲାର ୯ଟି ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ପ୍ରତିଷ୍ଠା ଦିବସରେ ସମସ୍ତ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ସଞ୍ଜୟ କୁମାର ମଲ୍ଲିକ, ମୋତିଲାଲ ସେନାପତି, ପ୍ରିୟବ୍ରତ ସ୍ୱାଇଁ, ସନ୍ଧ୍ୟାରାଣୀ ତାନ, ସନ୍ତୋଷୀ ରାଣୀ ସାମଲ, ଜୟଦେବ ଦେ, ପ୍ରତାପ ସାମଲ, ଲକ୍ଷ୍ମୀକାନ୍ତ ବେହେରା, ରାସ ବିହାରୀ ନାଥ, ଜ୍ଞାନରଞ୍ଜନ କର, ପ୍ରାଞ୍ଜ ବେଦବ୍ୟାସ, ଶୁଭଶ୍ରୀ ପ୍ରିୟଦର୍ଶିନୀ ଓଝା, ଚୌଧୁରୀ ପ୍ରଭାସ ରଞ୍ଜନ, ଦେବରାଜ ନାୟକ, ଭାଗିରଥି ମହାନ୍ତି, ଶିବ ନାରାୟଣ ମହାନ୍ତି, ବୀରବର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ସ୍ତରର ସେମିନାର ଅନୁଷ୍ଠିତ

ଜୟପୁର, ୨୨/୦୯ (ନି.ପ୍ର): ସ୍ୱାଧୀନତା ସଂଗ୍ରାମରେ ଭାରତୀୟ ଖବରକାଗଜ ତଥା ସମ୍ପାଦକଙ୍କ ଭୂମିକା' ଶୀର୍ଷକ ଏକ ଜାତୀୟ ସେମିନାର ଆଜାଦି କା ଅମୃତ ମହୋତ୍ସବ ଅବସରରେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ର ସମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଆନୁକୂଲ୍ୟରେ 'ସ୍ୱାଧୀନତା ସଂଗ୍ରାମରେ ଭାରତୀୟ ଖବରକାଗଜ ତଥା ସମ୍ପାଦକଙ୍କ ଭୂମିକା' ଶୀର୍ଷକ ଏକ ଜାତୀୟ ସେମିନାର ଗତ କାଲି ୨୦ ସେପ୍ଟେମ୍ବର ୨୦୨୩ ରେ କୋଲକାତାସ୍ଥିତ ନ୍ୟାସନାଲ ଲାଇବ୍ରେରୀରେ ଆୟୋଜିତ ହୋଇଯାଇଛି । ସହକାରୀ ପ୍ରଫେସର ଠିକଣା ଉପସ୍ଥାପନ କରିଥିଲେ ଏବଂ ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଉଚ୍ଚ ବ୍ୟକ୍ତିଙ୍କୁ ସ୍ୱାଗତ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ସାମ୍ବାଦିକତାର ଭୂମିକା ପ୍ରତିଷ୍ଠା ପାଇଁ ଏକ ସେମିନାଲ ପୁସ୍ତକ ପ୍ରକାଶନ ଉପରେ ଆଲୋଚନା କରିବା ସେମିନାରର ଉଦ୍ଦେଶ୍ୟ ବୋଲି ସେ କହିଥିଲେ । ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି ସେମିନାରର ଉଦଘାଟନ କରି କହିଥିଲେ ଯେ ଖବରକାଗଜ ସମ୍ପାଦକମାନେ ବ୍ରିଟିଶମାନଙ୍କ ବିରୁଦ୍ଧରେ ଲଢେଇ କରିଥିଲେ ଏବଂ ସେମାନଙ୍କୁ ଜେଲ ଓ ଅନେକ କଠୋର ବ୍ୟବହାର କରାଯାଇଥିଲା। ସ୍ୱାଧୀନତା ହାସଲ କରିବାକୁ ଜାତୀୟ ଇଚ୍ଛାର ଅଭିବ୍ୟକ୍ତି ତଥା ବ୍ରିଟିଶ ଶାସନ ବିରୁଦ୍ଧରେ ବିରୋଧର ସ୍ୱର ଉତୋଳନ ପାଇଁ ସେମାନେ ଏକ ଖବରକାଗଜ ବ୍ୟବହାର କରୁଥିଲେ। ସେ କହିଥିଲେ ଯେ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ଏହି ପୁସ୍ତକ ଭାରତର ବିଭିନ୍ନ ପ୍ରାନ୍ତରୁ ଖବରକାଗଜ ଏବଂ ସମ୍ପାଦକଙ୍କ ଭୂମିକା ପ୍ରତିଷ୍ଠା କରିବ ଏବଂ ସ୍ୱାଧୀନତା ଆନ୍ଦୋଳନରେ ମିଳିତ ସାମ୍ବାଦିକତାର ଏକ ଜାତୀୟ ମଂଚ ଉପସ୍ଥାପନ କରିବ। ପ୍ରଫେସର ତ୍ରିପାଠୀ ଘୋଷଣା କରିଥିଲେ ଯେ ଏହି ପୁସ୍ତକ ଡ ପ୍ରଣବ କୁମାର ସାହା ଏବଂ ବିଶିଷ୍ଟ ଗବେଷକ ରିତୱିକ୍ କୁମାର ମଲ୍ଲିକଙ୍କ ଦ୍ୱାରା ସମ୍ପାଦିତ ହେବ। ସେମିନାରର ମୁଖ୍ୟ ଅତିଥି ଭାବରେ ନ୍ୟାସନାଲ ଲାଇବ୍ରେରୀ ଅଫ୍ ଇଣ୍ଡିଆର ମହାନିର୍ଦ୍ଦେଶକ ଡକ୍ଟର ଅଜୟ ପ୍ରତାପ ସିଂ ଯୋଗ ଦେଇଥିଲେ। ଅମୃତ କାଳରେ ଜାତୀୟ ଆନ୍ଦୋଳନରେ ଗଣମାଧ୍ୟମର ଭୂମିକାକୁ ଆଲୋକିତ କରିବା ପାଇଁ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଉଦ୍ୟମକୁ ଡ ସିଂ ପ୍ରଶଂସା କରିଥିଲେ । ପରବର୍ତୀ ଏକାଡେମିକ୍ ସହଯୋଗ ପାଇଁ ଡ ସିଂ ବିଶ୍ୱବିଦ୍ୟାଳୟକୁ ଆମନ୍ତ୍ରଣ କରିଥିଲେ ।

## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**



‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୧୯**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଆଲୋ ମା ! ତୋର ପୁଣି ମୋ ନିକଟରେ ଅଳି କ’ଣ ? “ମାଗ, ତୁ ଯାହା ମାଗିବୁ ମାଗ । ତୋ ମନ ଇଚ୍ଛା ଯାହା ମାଗିବାର କଥା ମାଗିନେ। ମୁଁ ତୋର ଆଜି ସବୁ ପ୍ରାର୍ଥନା ପୂର୍ଣ୍ଣ କରିବି ।” ଶଶୁରଙ୍କ ଠାରୁ ଭରସା ପାଇଁ ମୁଁ କହିଥିଲି, ମୁଁ ସିନା ଆପଣଙ୍କ ଅଯୋଧ୍ୟାକୁ ବଧୂ ହୋଇ ଯିବି ହେଲେ ମୋର ଏହି ସୁନାନାକୀ ସାନଭଉଣୀ ତିନିଜଣ ମୋତେ ଛାଡ଼ି ରହିପାରିବେ ନାହିଁ । ଆପଣ ଯଦି ଅନୁମତି ଦେବେ ମୁଁ ଏମାନଙ୍କୁ ସାଂଗରେ ନେଇଯିବି ।

ମୋ ମୁହଁରୁ ଏପରି କଥାଶୁଣି ମୋ ପାଖରେ ଥିବା ମାଣ୍ଡବୀ, ଶ୍ରୁତକୀର୍ତ୍ତି, ଉର୍ମିଳା ଏମାନେ ଚମକି ଉଠିଥିଲେ । ମୋ କଥା ଶୁଣି ମୋ ଶଶୁର ହସିହସି କହିଥିଲେ, ଅଯୋଧ୍ୟା ରାଜପୁରୀରେ କଣ ତୋ ଭଉଣୀମାନଙ୍କ ରହିବାପାଇଁ ରାଜଗୃହ, ଖାଦ୍ୟପେୟ, ବସ୍ତ୍ର, ଅଳଙ୍କାରର ଅଭାବ ଅଛି ମା’। ସେମାନେ ଯେତେଦିନ ରହିଁବେ, ଅଯୋଧ୍ୟାରେ ସସମ୍ମାନେ ରହିପାରିବେ ।

ଶଶୁରଙ୍କ କଥା ଶୁଣି ମୁଁ କହିଥିଲି, ମୁଁ ସେ କଥା କହୁନାହିଁ ବାପା । ମୁଁ କହୁଥିଲି ମୋ ସାନଭଉଣୀ ଉର୍ମିଳାକୁ ଆପଣ ଦେଖୁଛନ୍ତି । ତା’ ସହିତ ଆପଣଙ୍କ ପୁଅ ଲକ୍ଷ୍ମଣର ଆଉ ଭରତ ଶତ୍ରୁଘ୍ନଙ୍କ ସହିତ ଯଦି ମାଣ୍ଡବୀ, ଶ୍ରୁତକୀର୍ତ୍ତିର ବିବାହ କରାଇ ଦିଅନ୍ତେ...

ମା’ ସୀତା ! ଆନନ୍ଦରେ ଉଛୁଳି ପଡ଼ିଥିଲେ ମୋ ଶଶୁର । ମୋ ମନକଥାକୁ ତୁ ପ୍ରକାଶ କରିଦେଲୁରେ ମା’ । ମୁଁ ମଧ୍ୟ ସେଇଆ ଚାହୁଁଥିଲି। ତୋ ପିତା ଜନକ ଯଦି ଏଥିରେ ସମ୍ମତି ପ୍ରଦାନ କରନ୍ତି, ତାହେଲେ ଏକ ସଂଗରେ ଚାରିପୁତ୍ର ଚାରିବଧୂଙ୍କୁ ଧରି ମୁଁ ମିଥିଳାରୁ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିବି ।

ମୋ କଥା ସଂଗେସଂଗେ ଦୁଇ କାନରୁ, ଚାରିକାନ, ଛ’କାନ ହୋଇ ମିଥିଳା ପୁରୀରେ ଖେଳିଗଲା । ଏକଥା ମୋ ପିତା ଜନକ ଜାଣିଥିଲେ । ମହର୍ଷି ବିଶ୍ୱାମିତ୍ର ମଧ୍ୟ ଜାଣିଗଲେ। ବିଚାର ବିମର୍ଷ ହେଲା । ମୋ ପିତା ଜନକ ସମ୍ମତି ଦେଇଥିଲେ । ମିଥିଳା ପୁରୀରେ ବହିଗଲା ଆନନ୍ଦର ବନ୍ୟା । ଆମ ଚାରି ଭଉଣୀଙ୍କର ଏକା ସାଂଗରେ ବିବାହ ହେବ ।

ମୋ ତିନିଭଉଣୀ କହିବାକୁ ଲାଗିଲେ ଅପାଲୋ ! ଆମେ ଭାବିଥିଲୁ ତୁ ଆମକୁ ପର କରିଦେଇ ଅଯୋଧ୍ୟାର ରାଜବଧୂ ହୋଇ ଚାଲିଯିବୁ । ହେଲେ ତୁ ଆମକୁ ଛାଡ଼ିଯିବୁ ନାହିଁ । ତୋ କଥା ତୁ ରଖିଲୁ । ମହାରାଜ ଦଶରଥ ତୋ କଥା ରଖିଲେ । ତୁ ଶେଷରେ ଆମ ମନ ଜାଣି ଆମକୁ ତୋ ସାଥୀରେ ନେବାପାଇଁ ଯୋଜନା କରିଦେଲୁ ।

ତାଙ୍କ କଥା ଶୁଣି ମୁଁ କହିଥିଲି, ମୁଁ ଯୋଜନା କାହିଁକି କରିବି ମାଣ୍ଡବୀ, ଶ୍ରୁତକୀର୍ତ୍ତି, ଉର୍ମିଳା । ଯାହା ହେଉଛି ଏସବୁ ବିଧି ନିର୍ଦ୍ଦିଷ୍ଟ । ତୁମେ ତ ଦେଖିଲ ଲଙ୍କପତି ରାବଣକୁ । ତା’ ପ୍ରତାପରେ ଦେବତା ମାନେ ଥରହର । ସେ ଚାହିଁଥିଲା ଶିବଧନୁ ଭାଂଗି ମୋତେ ଜିଣିନେବାକୁ । ସେ ଧନୁ ଉଠାଇବା ପୂର୍ବରୁ ସମସ୍ତେ ପ୍ରମାଦ ଗଣିଥିଲେ । ମୋ ଛାତିରେ ମଧ୍ୟ ଛନକା ପଶି ଯାଇଥିଲା । ହେଲେ ହେଲା କ’ଣ ? ଏତେବଡ଼ ଯୋଦ୍ଧା ହୋଇ ମହାଧନୁର୍ଦ୍ଧର ହୋଇ ମଧ୍ୟ ସେ ଶିବଧନୁକୁ ଟଳୁ ଉଠାଇ ପାରି ନଥିଲା । ପୁରୁଷୋତ୍ତମ ରାମଙ୍କ ଗଳାରେ ମୋ ବରଣମାଳା ପଡ଼ିବ, ଏହା ପୂର୍ବରୁ ନିର୍ଦ୍ଧାରିତ ହୋଇ ସାରିଥିଲା । ଠିକ୍ ସେମିତି ଉର୍ମିଳା ପାଇଁ ଲକ୍ଷ୍ମଣ, ଭରତ ପାଇଁ ମାଣ୍ଡବୀ, ଆଉ ସାନ ଶତ୍ରୁଘ୍ନ ପାଇଁ ଶ୍ରୁତକୀର୍ତ୍ତି ବିଧିଦ୍ୱାରା ନିର୍ଦ୍ଦିଷ୍ଟ ହୋଇ ସାରିଛନ୍ତି । ଏ ଯାହା ହେଉଛି ସବୁ ଉପଲକ୍ଷ୍ୟ ମାତ୍ର । ତୁମେମାନେ ଏବେ ଅଯୋଧ୍ୟାର ରାଜବଧୂ ହେବାପାଇଁ ନିଜକୁ ମନେମନେ ପ୍ରସ୍ତୁତ କରିନିଅ।

ମୋ କଥା ଶୁଣି ମୋର ତିନିଭଉଣୀ ଖିଲିଖିଲି ହୋଇ ହସିଉଠିଥିଲେ । ମିଥିଳା ପୁରୀରେ ପାଳିତ ହୋଇଥିଲା ବିବାହ ଉତ୍ସବ । ମୋ ପିତା ଅତ୍ୟନ୍ତ ଆଡ଼ମ୍ବର ସହକାରେ ଆମ ଚାରିଭଉଣୀଙ୍କ ବିବାହର ଆୟୋଜନ କରିଥିଲେ । ଏକା ସାଂଗରେ ବନ୍ଧା ହୋଇଥିଲା ଚାରିବେଦୀ । ପୁରୋହିତ ମାନଙ୍କର ମନ୍ତ୍ରପାଠ, ଶଙ୍ଖନାଦ, ହୁଳହୁଳିରେ ଉଛୁଳି ଉଠିଥିଲା ମିଥିଳାପୁର । ମହର୍ଷି ବିଶ୍ୱାମିତ୍ର କହିଥିଲେ, ରାଜର୍ଷି ଜନକ, ରାମ ସୀତାଙ୍କର ବିବାହ କାର୍ଯ୍ୟ ମୁଁ ସମ୍ପନ୍ନ କରାଇବି । ତୁମେ ତୁମର ଅନ୍ୟ ତିନିକନ୍ୟାଙ୍କ ବିବାହ ତୁମ ରାଜ ପୁରୋହିତ ତୁମ କୁଳଗୁରୁଙ୍କୁ ନେଇ ସମ୍ପନ୍ନ କରାଅ।

ତାଙ୍କରି ନିର୍ଦ୍ଦେଶ ଅନୁସାରେ ମୋ ପିତା ସମସ୍ତ କାର୍ଯ୍ୟ ସମ୍ପନ୍ନ କରାଇଥିଲେ । ସ୍ୱୟମ୍ବରର ତିନିଦିନ ପରେ ଆୟୋଜିତ ହୋଇଥିଲା ବିବାହ ଉତ୍ସବ । ମିଥିଳା ନଗରୀର ସମସ୍ତ ପ୍ରଜାକୁଳ ଆସି ଠୁଳ ହୋଇଥିଲେ ମିଥିଳାରେ ଏ ଆଦର୍ଶ ବିବାହ ଦେଖିବାକୁ । ଏକ ସାଂଗରେ ଜନକ ରାଜାଙ୍କର ଚାରିକନ୍ୟାର ବିବାହ ହେବ । ଅଯୋଧ୍ୟାର ରାଜା ଦଶରଥଙ୍କ ଚାରିପୁତ୍ର ସହିତ ଏହିପରି ଏକ ଆନନ୍ଦମୟ ବିବାହ ଉତ୍ସବ ଦେଖିବାପାଇଁ ରାଜବାଟୀରେ ସହସ୍ର ସହସ୍ର ପ୍ରଜାଙ୍କର ସମାବେଶ ପୂର୍ବରୁ କେବେ ଦେଖା ଯାଇ ନଥିଲା।

ନିର୍ଦ୍ଦିଷ୍ଟ ଦିନ ଆସି ଉପନୀତ ହେଲା । ପୁରୋହିତମାନେ ଆସି ବେଦୀରେ ବସି ବିବାହ ସମୟକୁ ପ୍ରତୀକ୍ଷା କରି ରହିଥିଲେ । ଏଣେ ରାଜ ଅନ୍ତଃପୁରରେ ଆମ ଚାରି ଭଉଣୀଙ୍କୁ କନ୍ୟାବେଶରେ ସଜାଇ ଦିଆଗଲା । ଦଶରଥଙ୍କ ଚାରିପୁତ୍ର ବରସାଜି ମହା ସମାରୋହରେ ଆସି ବେଦୀରେ ବସିଥିଲେ । “ବିବାହ ମାନବ ଜୀବନର ସାର୍ଥକତାକୁ ପ୍ରତିପାଦନ କରାଏ । ଦୁଇଟି ଆତ୍ମା ମିଶି ଏକ ହୋଇଯାଏ । ଏକମନ, ଏକପ୍ରାଣ, ଏକବଚନରେ ବାନ୍ଧି ହୋଇଯାଆନ୍ତି ଦୁଇଟି ମନ । ଜଣେ ଜଣଙ୍କର ଦୁଃଖରେ ଦୁଃଖୀ, ସୁଖରେ ସୁଖୀ ହେବାପାଇଁ ଶପଥ ନିଅନ୍ତି । କର୍ମରେ, ଧର୍ମରେ, ମର୍ମରେ ଭାବରେ ସେ ମାନେ ହୁଅନ୍ତି ଏକ । ନାରୀ ହୁଏ ପୁରୁଷର ସହଧର୍ମିଣୀ, ସହକର୍ମିଣୀ, ସହମର୍ମିଣୀ, ସହଯାତ୍ରିଣୀ ଏମିତି ଅନେକ କିଛି । ଆଉ ପୁରୁଷ ହୁଏ ନାରୀର ହର୍ତ୍ତା କର୍ତ୍ତା ଭାଗ୍ୟ ବିଧାତା ସବୁକିଛି । ପୁରୋହିତ ମନ୍ତ୍ର ଉଚ୍ଚାରଣ ଛଳରେ ବରବଧୂଙ୍କ ହସ୍ତ ଛନ୍ଦି ଦେଇ ଏହିକଥା ହିଁ ସୂଚଇ ଦେଇଥା’ନ୍ତି । ବିପଦ ଆପଦରେ କେହି କାହାରିକୁ ଛାଡ଼ି ରହିବେ ନାହିଁ। ସେଥିପାଇଁ ନାରୀ ହୁଏ ପୁରୁଷର ଅର୍ଦ୍ଧାଙ୍ଗିନୀ । ତାର ସ୍ନେହ, ପ୍ରେମ, ଭାବ, ଭକ୍ତି, ଶ୍ରଦ୍ଧା, ବିନୟ, ସେବା ରୂପକ ଗୁଣରେ ସେ ସ୍ୱାମୀର ମନ କିଣିନିଏ, ଆଉ ସ୍ୱାମୀ ସ୍ତ୍ରୀର ଭରଣ ପୋଷଣର ଦାୟିତ୍ୱ ନେଇ ହୁଏ ଭର୍ତ୍ତା, ପାଳିବାର ପ୍ରୀତି ଦେଇ ହୁଏ ପତି, ସମନରେ ବାସ କରି ହୁଏ ସ୍ୱାମୀ । ସ୍ୱାମୀ ସ୍ତ୍ରୀଙ୍କ ସ୍ନେହ, ପ୍ରେମର ତୁଳନା ନାହିଁ କିମ୍ବା ନୋହିବ । ଜଣକ ବିନେ ଅନ୍ୟ ଜଣେ ଶୂନ୍ୟ ।” ଏହି ମହାଜ୍ଞାନ ମୁଁ ମୋର ମାଆଙ୍କ ଠାରୁ ଶିକ୍ଷା କରିଥିଲି ସୁଧାମୟୀ । ସେ ଜ୍ଞାନକୁ ବାସ୍ତବ କାର୍ଯ୍ୟରେ ଲଗାଇବାର ସମୟ ଆସି ମୋ ଜୀବନରେ ଉପନୀତ ହେଲା । ମୋ ବିବାହର ପୂର୍ବ ତିନିଦିନ ମୋ ଆଖିକୁ ନିଦ ଆସିନଥିଲା । ଯାହାଙ୍କ ହସ୍ତଧରି ମୁଁ ଅଯୋଧ୍ୟା ପୁରୀକୁ ଯିବି ତାଙ୍କର ସେବା କିପରି କରିବି, ତାଙ୍କ ମନ ନେଇ କିପରି ଚଳିବି, ଶାଶୁ, ଶଶୁରଙ୍କୁ କିପରି ସେବାରେ ସନ୍ତୁଷ୍ଟ କରିବି, ରାଜପୁରର ଅନ୍ୟ ଗୁରୁଜନ ମାନଙ୍କ ମନ କିପରି ନେବି ତଥା ସାନମାନଙ୍କୁ କିପରି ସ୍ନେହ, ମମତା ଡୋରିରେ ବାନ୍ଧି ରଖିବି, ସେହି ଚିନ୍ତାରେ ମୁଁ ଅନ୍ନଗ୍ରହଣ କରିପାରୁ ନଥାଏ, କି ଶୋଇ ମଧ୍ୟ ପାରୁ ନଥାଏ। ମୋତେ ଏପରି ବିବଶ ହୋଇପଡୁଥିବାର ଦେଖି ମୋ ମା’ କହିଥିଲେ, ତୁ ଏମିତି ଭାଂଗିପଡ଼ିଲେ ଅଯୋଧ୍ୟାରେ କେମିତି ଚଳିବୁ ସୀତା ? ତୁ କ’ଣ ତୋ ସ୍ୱାମୀ, ଶାଶୁ, ଶଶୁରଙ୍କର ସେବାଯତ୍ନ ଠିକ୍ ଭାବରେ ନେଇପାରିବୁ ?

(କ୍ରମଶଃ)


♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ)୬୩୭୦୫୦୯୧୦୪


# ଖୋକାଭାଇଙ୍କ ଅଜଣା ଶିଷ୍ୟ

**ସୁବ୍ରତ ପଟ୍ଟନାୟକ**



ଖୋକାଭାଇ-କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତି। ଓଡ଼ିଆ ସଂଗୀତ ଜଗତର ବେସାଲିସ୍ ବାଦଶାହା। ଦିଲ୍‌ଦାର, ଖୁଲ୍ଲମଖୁଲା। ଖୋକାଭାଇ ବସିଥାନ୍ତି ଭୁବନେଶ୍ୱର ଗୋଟେ ହୋଟେଲ ବାଲ୍‌କୋନିରେ। ଏକୁଟିଆ ହୋଟେଲଟି ଗୌତମ ନଗର କଳ୍ପନା ଛକ ‘ଭଗବତ ନିବାସ’। ୧୯୮୬ ମସିହାର ଘଟଣା। ତାରିଖ ବାର ମନେ ନାହିଁ। ଖରାଦିନ ସଂଧ୍ୟା। ହାତରେ କଫି ଓ ସିଗାରେଟ୍।

ଭାସି ଆସିଲା ଜଣେ ଯୁବକର ଗମ୍ଭୀର ଓ ମିଠା ସ୍ୱର। ‘ଓ ସାଥିରେ .... ତେରେ ବିନା ଭି କ୍ୟା ଜିନା....।’ ହିନ୍ଦୀ ଚଳଚ୍ଚିତ୍ର ‘ସିଲସିଲା’ର ଏହି ଗୀତଟି ଗାଇଥିଲେ କଣ୍ଠଶିଳ୍ପୀ କିଶୋର କୁମାର। ଯୁବକଟି ଗୀତଟିକୁ ଦୋହରାଉ ଥାଏ- ‘ତେରେ ବିନା ମେରୀ, ମେରେ ବିନା ତେରୀ, ଏ ଜିନ୍ଦେଗୀ ଜିନ୍ଦେଗୀ ନା..., ଓ ସାଥିରେ...’। ଖୋକାଭାଇଙ୍କର ଧ୍ୟାନ ଭାଙ୍ଗିଗଲା। କିଏ ଏ ଯୁବକ? କେତେ ସୁନ୍ଦର ତାଙ୍କ କଣ୍ଠ ସ୍ୱର!! ହୋଟେଲର ଜଣେ କର୍ମଚାରୀଙ୍କୁ ଖୋକାଭାଇ ପଚାରିଲେ- ଏ ଗାୟକଙ୍କୁ ଚିହ୍ନିଚ? ତାଙ୍କୁ ଟିକେ ମୋ ପାଖକୁ ଡକାଇ ପାରିବ? କହିବ-ଜରୁରୀ କାମ ଅଛି, ଖୋକାଭାଇ ଡକାଇଛନ୍ତି।

ଅଳ୍ପ ସମୟ ମଧ୍ୟରେ ହାଜର ହେଲେ ସେହି ଯୁବକ। ଦେଖିବାକୁ ସୁନ୍ଦର, ଡଉଲଡାଉଲ। ଖୋକାଭାଇଙ୍କ ପାଦ ଛୁଇଁ ପ୍ରଣାମ କଲେ। ସୋଫା ଆଡ଼କୁ ଆଙ୍ଗୁଠି ଦେଖାଇ ଖୋକାଭାଇ କହିଲେ-ବସ। ତମେ ସୁନ୍ଦର ଗୀତ ଗାଉଚ। କଣ୍ଠରେ ଖୁବ୍ ଦମ୍ ଅଛି। ଓଡ଼ିଆ ସିନେମାରେ ଗୀତ ଗାଉନ?

କାବା ହୋଇଗଲେ ଯୁବକ। ଯାହାଙ୍କ ନିର୍ଦ୍ଦେଶନାରେ ଗୀତଟିଏ ଗାଇବା ପାଇଁ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ବର୍ଷ ବର୍ଷ ଧରି ଧାଡ଼ି ଲଗାନ୍ତି, ସେ ପଚାରୁଛନ୍ତି- ସିନେମାରେ ଗୀତ ଗାଉନ? ଯୁବକ ହାତଯୋଡ଼ି ବିନୟରେ ସହ କହିଲେ- ସାର୍, ସଙ୍ଗୀତରେ ମୁଁ କୌଣସି ଡିଗ୍ରୀ ହାସଲ କରିନାହିଁ। ସିନେମାରେ ଗୀତ ଗାଇବା ମୋ ପାଇଁ ସାତ ସପନ।

ଖୋକାଭାଇ ହସିଲେ। କହିଲେ- ମୁଁ ବି କୋଉ ଡିଗ୍ରୀ ହାସଲ କରିଛି କି? ଗାଉ ଗାଉ ତ ଗାଇଲି, ଏ ଲାଇନରେ ଫସିଲି। ମୋ ହାତରେ ଏବେ ଦିଇଟା ସିନେମା ଅଛି। ତମେ ଗାଇବ। ବୁଝିଲ?

ଯୁବକ କହିଲେ- ସାର୍ ମୁଁ କଣ ପାରିବି? ଖୋକାଭାଇ କହିଲେ- କିଛି ଚିନ୍ତା ନାହିଁ। ସେ କାମ ମୋର। ଆଗ ଗାଅ। ଯୁବକଙ୍କୁ ଧରାଇ ଦେଲେ ଦୁଇପୃଷ୍ଠା ଗୀତ। ବତାଇଦେଲେ ସ୍ୱର। ମୁଖଡ଼ା, ଅନ୍ତରା। ଆଙ୍ଗୁଠି ଟିପରେ ଚୁଟ୍‌କି ମାରିଲେ - ୱାନ, ଟୁ, ଥ୍ରୀ, ଷ୍ଟାର୍ଟ। ଯୁବକ ଗାଇଲେ। ସୋଫାର ବେତ ବାଡ଼ାରେ ଖୋକାଭାଇ ବଜାଇଲେ ତବ୍‌ଲା। ଗୀତ ସରିଲା ପରେ କହିଲେ- ଏକ୍ସଲେଣ୍ଟ। ଓଡ଼ିଶା ବାହାରେ ହେବ ରେକର୍ଡିଂ। ତମର ଫ୍ଲାଇଟ୍ ଟିକେଟ କରି ଦେଉଛି, ରେଡି ଥାଅ।

ଯେଉଁ ଦୁଇଟି ଚଳଚ୍ଚିତ୍ରରେ ଯୁବକ ଗାଇଲେ, ସେହି ଚଳଚ୍ଚିତ୍ରର ନାଁ- ବାଜେ ବଇଁଶୀ ନାଚେ ଘୁଙ୍ଗୁର’। ‘ଏଇ ଆମ ସଂସାର।’ ପ୍ରଥମଟିରେ- ଧନ ଅଛି ମୋ ପାଶେ, ମନ ଅଛି ତୁମ ପାଶେ....। ଦ୍ୱିତୀୟଟିରେ - ଦେଖ୍ ଖବର, ରଖ୍ ନଜର, ଦୁନିଆଁ ସାରା ଦେଖ୍....। ଦୁଇଟି ଯାକ ଗୀତ ବେଶ ହିଟ୍ କରିଥିଲା। ଜଣେ ଅଜଣା ଅଶୁଣା କଣ୍ଠଶିଳ୍ପୀଙ୍କୁ ସିନେମାରେ ଭର୍ତ୍ତି କରିପାରନ୍ତି ଖୋକାଭାଇ। ଖୁବ୍ ରିସ୍କ ନେଇପାରନ୍ତି ସେ। ନବାଗତ କଣ୍ଠଶିଳ୍ପୀ ଖୁବ୍ କୃତ୍ୟକୃତ୍ୟ ହୋଇଥିଲେ। ଏଭଳି ସୌଭାଗ୍ୟ ସେ ଜୀବନରେ କେବେ ବି ହାସଲ କରିନଥିଲେ। ଖୋକା ଭାଇଙ୍କର କଲ୍ୟାଣ ଓ ଆଶୀର୍ବାଦ ଅଜାଡ଼ି ହୋଇଥିଲା ଯୁବକଙ୍କ ଉପରେ। ଏହି କଣ୍ଠଶିଳ୍ପୀଙ୍କ ନାଁ ସୁରଜିତ୍ ଦାସ। ସବୁଠୁ ଦୁଃଖଦ ବିଷୟ- ମାତ୍ର ୫୨ ବର୍ଷ ବୟସରେ ସୁରଜିତ୍‌ଙ୍କର ବିୟୋଗ ଘଟିଛି ହୃଦରୋଗରେ। ଓଡ଼ିଶାବାସୀଙ୍କ ତରଫରୁ ଆମେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ। ଓଁ ଶାନ୍ତି।


♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪


## ॥ ପରିଚୟ ॥

**ରତ୍ନାକର ରାଉତ**



ପ୍ରତିଯୋଗିତାର ଅନ୍ୟ ନାମ ପରିଚିତି
ପରିଚିତି ସଂକଟରେ ସଦା ସଂତ୍ରସ୍ତ
ଜୀବନର
କରୁଣ ପରିଣତି ଅସୁମାରି ଅବସୋସ ଓ
ଅନ୍ତର୍ଦାହ
ଅର୍ଥ, କ୍ଷମତା, ପ୍ରତିପତ୍ତି ଓ ଅନ୍ୟ ଉପରେ
ଆଧିପତ୍ୟ ଜାହିର କରିବାର ମୋହ
ମାଦକ ଭଳି ଆକ୍ରାନ୍ତ କଲେ ମଣିଷକୁ
ସେ ଭୁଲିଯାଏ ଆପଣାର ସ୍ୱାଭିମାନ ଓ
ହିତାହିତ ଜ୍ଞାନ
ସିଂହ ଭଳି ଜୀବନ ଜିଉଁଥିବା ମଣିଷ
ଶୃଗାଳର ପୁଚ୍ଛ ହେବାକୁ ମଧ୍ୟ ଆଦରିନିଏ
କିଏ ଶୃଗାଳର ପୁଚ୍ଛ ହୋଇପାରିବ
ସେଥିପାଇଁ ଚାଲିଥାଏ ରକ୍ତକ୍ଷୟୀ
ପ୍ରତିଦ୍ୱନ୍ଦିତା ଅହର୍ନିଶ
ଶତ ଚେଷ୍ଟାକଲେବି ଶୃଗାଳ ସିଂହ
ହୋଇପାରେନା
ଜଂଗଲର ରାଜା ହେବା ସିଂହର ନିୟତି
ସେ ଭୋକିଲା ମରିଯାଇପାରେ
ମାତ୍ର ଘାସ ଖାଏନିକି ଖାଏନି କାହାର
ଉଚିଷ୍ଟ
ସିଂହ ଶିକାର କରେ ସଭିଂଙ୍କ ସମ୍ମୁଖରେ
ଆଉ ଶୃଗାଳ ଲୁଚିଛପି ଆଡୁଆଳରୁ
ଝାଂପିନିଏ ଶିକାର ଧୂର୍ତ୍ତ ଓ ଚତୁରତାରେ।

ଏ ସଂସାରରେ ବିଧାତାର ଚରମ ରସିକତା
ବେଳେ ବେଳେ ହୋଇଥାଏ ଖୁବ୍
ଚିତ୍ତାକର୍ଷକ
ମୋହର ଆବେଶରେ ସିଂହ କେବେ
ଆଦରିନେଲେ
ଶୃଗାଳର ଭୂମିକା
ସେ କଣ ଆଉ ଫେରିପାଏ ସିଂହର
ପରିଚୟ ?

ପରିଶେଷରେ କେବଳ ପୁଂଜାପୁଂଜା
ଅନୁଶୋଚନା
ଓ ମନସ୍ତାପରେ ଘାଣ୍ଟି ଚକଟି ହୁଏ
ଜୀବନରେ
ବାକିତକ ଆୟୁଷ।


♥ ଭୁବନେଶ୍ୱର
ମୋ: ୯୪୩୮୫୩୫୫୭୭


## ॥ କାଶତଣ୍ଡୀ ॥

**ସୁରେନ୍ଦ୍ର ପାଣିଗ୍ରାହୀ**



ଶୀତଳ ସକାଳେ ସବୁଜ କ୍ଷେତରେ ନାଚ କାଶତଣ୍ଡୀ ହୋଇ
ଶୀତଳ ପବନେ ଶୀତଳାଇ ତନୁମନ ଯାଅ ଛୁଇଁ ଛୁଇଁ ।
ଚଉଦିଗ ବାସେ ଗଂଗଶିଉଳିରେ ତୁମେ ଭାସ ମୋର ମନେ
କାକର ବୁଂଦାରେ ନାଚେ ତୁମ ଛବି କୁଆଁର ପୁନେଇଁ ଦିନେ ।
ନିଶା ଗରଜିଲେ ନିଥର ନିଶୀଥେ ପାଦଚାପି ତୁମେ ଆସ
ତୁମ ମୁହଁ ଜହ୍ନ ଆଲୁଅରେ ସଖି ଝଟକାଅ ଚଉପାଶ ।
ଦୂର ନଈକୂଳେ ତୁମେ କାଶଫୁଲ ତୁମେ କାଚକେନ୍ଦୁ ଜଳ
ତୁମେ ଧାନକ୍ଷେତ ବାଉଳା ବୟାର ତୁମେ ମୁହଁ ସଂଜବେଳ ।
ଅୟସୀ ସଂଜର ଅଳସ ବାଟୋଇ ହୋଇ ତୁମକୁ ଖୋଜଇ
ପଦ୍ମ ପାଲିଙ୍କିରେ ଧଉଳାଇ ଦିଗ ଧରାକୁ ଆସ ଓହ୍ଲାଇ ।
ତୁମେ ତ ଅଜଣା ତୁମେ ତ ଅଶୁଣା ଅଧୁରା ମୁଁ ତୁମ ବିନା
ଭାବେ ଭାବଦେଇ ତୁମ ଭାବେ ବଂଧା ସେ ଭାବେ ହୋଇଛି କିଣା ।


♥ ପ୍ଲଟ୍ ନଂ-୧୫୩୧, ରୋଡ଼ ନଂ-୪,
ଜଗନ୍ନାଥ ନଗର, ପୋ: ଜିଜିପି କଲୋନୀ
ଭୁବନେଶ୍ୱର- ୭୫୧୦୧୦
ମୋ: ୯୪୩୭୨୮୨୯୮୪


## କବିତା...

## ॥ ଯୋଉ ଚେହେରାଟି ବିଜ୍ଞାପନରେ ହଜିଗଲା ॥

**ମୂଳ ହିନ୍ଦୀ : କୁମାର ବିଶ୍ୱବନ୍ଧ**
**ଅନୁବାଦ : ସୁକାନ୍ତି ନନ୍ଦ**



॥୧॥
କୁହାଯାଉଛି ଯେ,
ଗୋଟେ ଶତାବ୍ଦୀ ସରିଗଲା ପରେ
ଆଉ ଗୋଟେ ଶତାବ୍ଦୀର ଆରମ୍ଭ,
ହେଲେ କଥା ତ ଏତିକି ନୁହେଁ
ଅନେକଟା ଭୟାନକ, ବିଭତ୍ସ ପରିସ୍ଥିତି
ଘଟିଯିବାଟା ନିଶ୍ଚିତ, ସମ୍ଭବ।

॥୨॥
ହାତ ବଢ଼େଇ ନିଜ ନାକତଳକୁ
ଛୁଇଁଦେବାଟା ସହଜ ପୁଣି ମୁସ୍କିଲ ଭଳି,
ଦେଖି ହଉନଥିବା କି ଶୁଣି ହଉନଥିବା
ଘଟଣାମାନଙ୍କୁ ନେଇ ଏବେ ସମସ୍ତେ ନିରବ
ଜାଣି ବି ନଜାଣିଲା ପରି।

॥ ୩ ॥
ଦେଖିବା ପୂର୍ବରୁ ଏବେ ମ୍ଳାନ ହେଇଯାଉଛି ସ୍ୱପ୍ନ
ଯୌବନ ଛୁଇଁବା ପୂର୍ବରୁ ମୃତ୍ୟୁ ଲଭୁଛ ଭଗ୍ନୀ
ଯୋଉ ନବଜାତ ଶିଶୁ ସକାଳ କିରଣ ଛୁଇଁଛୁଇଁ
ମାଟିକୁ ଓହ୍ଲେଇ ଆସୁଛି
ଛାଏଁଛାଏଁ ବୃଦ୍ଧ ହେଇଯାଉଛି ସନ୍ଧ୍ୟାବେଳେ
ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ,
କେବଳ ଦୁଃସ୍ୱପ୍ନର ଚକ୍ର
ଏଠି ଘୂରେ ହିଁ ଘୂରେ।

॥୪॥
ଆଖିପତା ଖୋଲିବା ଓ ବନ୍ଦ କରିବା ଅବଧିରେ
ବିକ୍ରି ହେଇଯାଉଛି ଦେଶ
ଗୁଳିମାଡ଼ରେ ଢଳି ପଡୁଛନ୍ତି ନିରିହ ସ୍ତ୍ରୀମାନେ
କଳାପଟା ସାମ୍ନାରେ ନିରବ,
ନିଷ୍କଳ ଶ୍ରେଣୀ ଶିକ୍ଷକ
ଅଦ୍‌ଭୁତ ସମୟ ଏ,
ଛଡ଼େଇ ନେଇଛି ହୃଦୟରୁ ବିବେକ
ଯୋଉ ଝକ୍ ଝକ୍ ଚେହେରାଟି
ପୂର୍ବରୁ ବଳୀୟାନ ଥିଲା
ଫିକା ପଡ଼ିଯାଇଛି ବିଜ୍ଞାପନ ପ୍ରଚାରରେ
ଯୋଉଠି ମୁଣ୍ଡ ଗୁଞ୍ଜିବା ପାଇଁ ଥିଲା
ଧାଡ଼ି ଧାଡ଼ି ଘର,
ସେଠି ଜନ୍ମ ନେଇଛି ଆଧୁନିକ ବଜାର।

॥୫॥
ପୃଥିବୀର ଯୋଉ ନୂଆ ମାନଚିତ୍ରଟି
ମୋ ହାତରେ ଅଛି
ସେଥିରେ କୋଉ ଗାଁ କି ସହରର ନକ୍ସା
ବାରିହଉନି
ଜଣାବି ପଡୁନି ସାମାନ୍ୟ ଗୋଟେ ରେଖାର ଚିତ୍ର
ବରଂ ଏଠି ସେଠି ବିଛାଡ଼ି ହେଇଛି
ରକ୍ତ ଛିଟା ବୋଳା ସ୍ତମ୍ଭ।

॥୬॥
ମୋ ପାଖରେ ବି ଏବେ
କୋଉ ସାଥୀ ବି ବିଶ୍ୱସ୍ତଙ୍କର ଠିକଣା ନାହିଁ,
ଗୋଟେ ଗୋଲାପି ପ୍ରେମ ପତ୍ର ମୁଠାରେ ଥିଲା
ଯାହା ଜବତ୍ ହେଇ ଜଳେଇ ଦିଆଗଲା
ସର୍ବ ସାଧାରଣଙ୍କ ସନ୍ତୁଷ୍ଟି ପାଇଁ।

॥୭॥
ସେ ପ୍ରେମ ପତ୍ରର ପାଉଁଶ ଗୁଣ୍ଡ-ପୃଥିବୀ
ଆକାଶ
ପବନ ଓ ଜଳସ୍ତରରେ ଏବେ ବୁଡ଼ିରହିଛି,
କୁହାଳିଆମାନେ କୁହନ୍ତି
ଧୀରେ ଧୀରେ ଗୋଟେ
ନୂଆ ଦୁନିଆ ସୃଷ୍ଟି ହେବାକୁ ଯାଉଛି।


♥ ଗୁଡ଼ିଆସାହି, ପୁରୀ


## କବିତା...

## ॥ ଅଦେଖା ସ୍ୱପ୍ନ ॥

**ପ୍ର.ଗିରିଜା ଶଂକର ଶର୍ମା**



ତାରାମାନେ ଫେରି ଗଲେଣି ଆକାଶରୁ
ଜହ୍ନ ଶୋଇ ପଡ଼ିଲାଣି ।
ଅନ୍ଧାର ବି ଲୁଚି ଗଲାଣି,
କି କି ସ୍ୱପ୍ନ ସବୁ
ଅଦେଖା ରହିଗଲା ।
ପ୍ରଭାତୀ ଆଲୁଅରେ
ସେମାନେ ବି ହଜିଗଲେ ।
ଯେଉଁ କ୍ଷତ କାଲି ଥିଲା
ଆଜିବି ରହିଛି, ତା’ ଜାଗାରେ ।
ସେଠି ଏବେ ଦୁଃଖର ଜାହାଜଟିଏ
ଲଂଗର ପକେଇଛି,
ସମୁଦ୍ରେ ଲୁହର ବନ୍ଦରରେ ।

ସବୁଆଡ଼େ କୋଳାହଳ
ଭିଡ଼ରେ ଫାଟି ପଡୁଛି ରାଜରାସ୍ତା
ନିରୁଦ୍ଦିଷ୍ଟ ବ୍ୟକ୍ତିକୁ ଖୋଜି ଖୋଜି
ଥକି ଗଲାଣି ଆଖି ।

କୋଇଲିଟିଏ ଯାହା ଗାଉଛି,
ନିରାଶାର ଗୀତଟିଏ
ଏଣେ ବୟସ୍କ ସକାଳ କହେ,
ତୁମ ଶଯ୍ୟା ତ୍ୟାଗକର
ଲାଗିପଡ଼ ତୁମ କାମରେ ।

କାହାର ଆଖି ତୁମଠି ଲାଖି ଯିବାକୁ ଚାହେଁ ।
ତୁମେ ବି ଅପେକ୍ଷା କରିଥାଅ ।
କାହାର ନରମ ସ୍ପର୍ଶକୁ,
ବିପଦ ମିଠାକଥା ଶୁଣିବାକୁ ।
କେହି ଜଣେ ଅପେକ୍ଷାରେ ଥାଏ ।

ତୁମ କୁନ୍ତଳରେ ସଦ୍ୟ
ଫୁଲଟିଏ ଖୋସି ଦେବାକୁ ।
ତୁମେ ଏକ ଭରା ନଈ
ମୁଁ ଭାସି ଚାଲିଛି ମଝି ନଈରେ
ସ୍ରୋତ ମୋତେ ଭସାଇ ନିଏ
ତା’ ନିଜ ଇଚ୍ଛାରେ
ମୋ ଇଚ୍ଛାର ପ୍ରାଣହୀନ କବନ୍ଧ ଉପରେ ।

ମୁଁ ଉପରକୁ ଅନେଇ ଦେଖୁଥାଏ
ଅଂଧାର ରାତିର ତାରାମାନଂକୁ
ସେମାନେ ହଜିଯିବା ପର୍ଯ୍ୟନ୍ତ
ତାଂକ ଛାୟାପଥରେ ।


♥ ଧାନକଉଡ଼ା,
ସଂବଲପୁର-୭୬୮୦୦୬
ମୋ: ୮୯୧୭୯୪୦୯୫

# ଭବ ସାଗର ତାରଣ

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ମାନବଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର । ମାନବଜାତିର କଲ୍ୟାଣ ପାଇଁ ସେ ବହୁ ଉପଦେଶ ଦେଇଯାଇଛନ୍ତି । ମଣିଷର ଜୀବନ ଈଶ୍ୱର ଓ ଅନ୍ୟମାନଙ୍କ ସେବା ଲାଗି ଉଦ୍ଦିଷ୍ଟ ବୋଲି ସେ କହୁଥିଲେ । ସମାଜ ସେବାରେ ହିଁ ମଣିଷ ଜୀବନର ସାର୍ଥକତା । ବୃକ୍ଷଲତା, ପଶୁପକ୍ଷୀ ଆଦି ସହଜାତ ଭାବେ କେବଳ ନିଜ ପାଇଁ ଜୀବନଧାରଣ କରନ୍ତି । ତଥାପି ମଣିଷ ସେମାନଙ୍କ ଦ୍ୱାରା ଉପକୃତ ହୁଏ । ନିଜ ଅଜାଣତରେ ସେମାନେ ମଣିଷର ଉପକାର କରିଥାଆନ୍ତି । ମଣିଷ ସ୍ଥାନ ସେମାନଙ୍କ ଠାରୁ ଉପରେ । ସେବା ପାଇଁ ମଣିଷର ଜନ୍ମ । ତେବେ ଆଜିର ମଣିଷ ନିଜର କର୍ତବ୍ୟ ଦଗରେ ସଚେତନ ନୁହେଁ । ଅହଂଭାବ, ସ୍ୱାର୍ଥପରତା ଆଦି ଯୋଗୁଁ ଆଜି ଆମେ ବସୁଧୈବ କୁଟୁମ୍ବକମ୍ ଆଦର୍ଶକୁ ଭୁଲିଗଲେଣି । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଧ୍ୟାତ୍ମିକ ମାର୍ଗଦର୍ଶନ କରି କହିଛନ୍ତି - 'ଯାହା ବୃଦ୍ଧି ପ୍ରାପ୍ତ ହୋଇ ଯାହାକିଛି ହୋଇ ମଧ ତାହା ହିଁ ରହିଛି - ତାହା ହିଁ ବ୍ରହ୍ମ । ଜଗତର ସମସ୍ତ ଐଶ୍ୱର୍ଯ୍ୟ ଜାଣିବା, ଭଲ ପାଇବା ଓ କର୍ମ - ଯାହାଙ୍କ ଭିତରେ ସହଜ - ଉତ୍ସାରିତ, ଆଉ ଯାହାଙ୍କ ପ୍ରତି ଆସକ୍ତିରେ ମଣିଷର ବିଚ୍ଛିନ୍ନ ଜୀବନ ଓ ଜଗତର ସମସ୍ତ ବିରୋଧର ଚରମ ସମାଧାନ ଲାଭହୁଏ - ସେ ହିଁ ମଣିଷର ଭଗବାନ । ଭଗବାନଙ୍କୁ ଜାଣିବା ମାନେ ହିଁ ସମସ୍ତଟାକୁ ବୁଝିବା ବା ଜାଣିବା ।' ପରମ ପ୍ରେମମୟ ଠାକୁର କହିଛନ୍ତି, ଅର୍ଥ, ମାନ, ଯଶ ଆଦି ପାଇବା ପାଇଁ ମତେ ଠାକୁର ରୂପେ ସଜାଇ, ଭକ୍ତ ହୁଅନାହିଁ । ତୁମ ମଧ୍ୟରେ ଦେବତ୍ୱ ଜାଗ୍ରତ ନହେଲେ, ସବୁ ପୂଜା ନିରର୍ଥକ । ବନ୍ଧୁ ଅସତ୍ ହେଲେ ବି ତ୍ୟାଗ କରନାହିଁ । ଅନ୍ତରରେ ଶ୍ରଦ୍ଧା ରଖି ବିପଦଆପଦ ବେଳେ ସାହାଯ୍ୟ କର । ଆଉ ସେ ଅନୁତପ୍ତ ହେଲେ ଆଲିଙ୍ଗନ କର । ଠାକୁର ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । କାରଣ ସମସ୍ତେ ପରମାତ୍ମାଙ୍କ ସତାର ଅଂଶ । ତେଣୁ ସମସ୍ତେ, ସମସ୍ତଙ୍କୁ ଭଲପାଇବା ଉଚିତ ।

ପରମପ୍ରେମମୟ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଦିବ୍ୟଜୀବନ କେବଳ ରକ୍ତମାଂସ ଗଠିତ ଶରୀର ଭିତରେ ସୀମିତ ନୁହେଁ । ଯାହାଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନ ମୁକ୍ତି ଅନ୍ୱେଷୀମାନଙ୍କୁ ଉଦ୍‌ବୁଦ୍ଧ କରିବା ସହ ଦିବ୍ୟ ଜୀବନ ଅଧିକାରୀ ହେବା ପାଇଁ ପ୍ରେରଣା ଯୋଗାଇ ଅନୁପ୍ରାଣିତ କରୁଛି । ଯେପରି ସୀମାହୀନ ମହାସିନ୍ଧୁର ନୀଳ ଜଳରାଶି, ଫେନିଳ ତରଙ୍ଗାଳା ଅବଲୋକନ କରି ଭାବବିହ୍ୱଳ ହେବା ଛଡ଼ା କାହାର ସାଧ ନାହିଁ ଜଳରାଶିର ଗଭୀରତା ଓ ବିସ୍ତୀର୍ଣ୍ଣତାର ପରିସୀମାକୁ ମାପିବାକୁ । କେବଳ ମାତ୍ର ଭାବନାହୀନ ତନ୍ମୟତାରେ ସାଗରର କୂଳ ଦେଶର ମୃତ ବାଲୁକା ଶଯ୍ୟାରେ ପଦାଚାରଣା କରିବା ଛଡ଼ା ଆଉ କିଛି ସମ୍ଭବ ନୁହେଁ । ପୂର୍ଣ୍ଣବ୍ରହ୍ମ ଶ୍ରୀ ଶ୍ରୀ ପୁରୁଷୋତ୍ତମଙ୍କ ଦିବ୍ୟଲୀଳା ମାଧୁରୀକୁ ଅବତରଣ କରି ଏହା କୁହାଯାଇପାରେ ସାଗରର ମଧ ଶେଷ ଅଛି ସୀମା ମଧ ଅଛି । ତେଣୁ ସାଗର ଅନନ୍ତ ନୁହେଁ କି ଅସୀମ ନୁହେଁ । ଜଣେ ହିଁ ଅନନ୍ତ ଓ ଅସୀମ, ସେ ହେଉଛନ୍ତି ପୁରୁଷୋତ୍ତମ । ଆଶ୍ରିତଜନଙ୍କୁ କୃପା କରି ସସୀମ ରୂପରେ ଲୀଳା ପ୍ରକଟ କରିଛନ୍ତି । ଅବିଭକ୍ତ ବଂଗଭୂମିର ପାବନା ଜିଲ୍ଲାର ଗୋୟାଁଖାନା ନିବାସୀ ଶିବଚନ୍ଦ୍ର ଚକ୍ରବର୍ତ୍ତୀ ଓ ମାତା ମନମୋହିନୀଙ୍କର କୋଳମଣ୍ଡନ କରିଥିଲେ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର । ସେ ମାହେନ୍ଦ୍ର ମୁହୂର୍ତ୍ତ ଥିଲା ୧୨୯୫ ବଙ୍ଗଳା ସାଲର ଭାଦ୍ରବ ମାସର ୩୦ ଦିନ ଶୁକ୍ଳପକ୍ଷ, ଇଂରାଜୀ ବର୍ଷ ଅନୁଯାୟୀ ୧୮୮୮ ମସିହା । ଜନ୍ମ ହେବାର ନବମ ମାସରେ ଅନ୍ନପ୍ରାଶନ୍ନ ଉତ୍ସବରେ ମାତା ମନମୋହିନୀ ଦେବୀ କବିତାଟିଏ ଲେଖିଥିଲେ ଯାହାର ପ୍ରଥମ ଅକ୍ଷରଗୁଡ଼ିକ ସମ୍ମିଳନରେ ଥିଲା 'ଅନୁକୂଳ' ।

ଯୁଗ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଭବ ସମୁଦ୍ର ମାନେ ହେବାର ସମୁଦ୍ର, ଚାଲିବାର ସମୁଦ୍ର । ଏହି ସମୁଦ୍ର ମଧ୍ୟରେ ସନ୍ତରଣ କରିବାକୁ ଗଲେ ଡଙ୍ଗାର ଖୁଣ୍ଟି ସହିତ ନିଜକୁ ଅଚ୍ୟୁତ ଅନୁରାଗ ରଜ୍ଜୁରେ ବାନ୍ଧି ନେଇ ଚାଲିବାକୁ ହୁଏ । ନ ହେଲେ ସ୍ରୋତ କେଉଁଠିକୁ ଭସାଇ ନେଇଯିବ ତାର ପତ୍ତା ନାହିଁ, ଡଙ୍ଗାର ଖୁଣ୍ଟ ହେଲେ ଶ୍ରୀଗୁରୁ ବା ଇଷ୍ଟ ପୁରୁଷୋତ୍ତମ । ସିଏ ପ୍ରବୃତ୍ତିକୁ ଚାଳନା କରନ୍ତି, କିନ୍ତୁ ପ୍ରବୃତ୍ତି ଦ୍ୱାରା ଚାଳିତ ହୁଅନ୍ତି ନାହିଁ । ସେଥିପାଇଁ ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍ ଭଗବତ ଗୀତାରେ କହିଛନ୍ତି । ଦୈବୀହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା, ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତିତେ । ଏହି ବିଶ୍ୱ ବ୍ରହ୍ମାଣ୍ଡର ସବୁକିଛି ବ୍ୟୋମ ମଧ୍ୟରେ ଅବସ୍ଥାନ କରୁଛି । ଏହି ଶୂନ୍ୟକୁ କୁହାଯାଏ ବ୍ୟୋମ ବିଶ୍ୱନାଥ, ବ୍ୟୋମ ହେଲା ଶବ୍ଦର ବିନ୍ୟାସ, ଯାହା ବ୍ୟାପ୍ତ ହୋଇଛି ସବୁକିଛି ମଧ୍ୟରେ । ଯାହା କିଛି ସୃଷ୍ଟି ହୋଇଛି ତାହା ବ୍ରହ୍ମ ଓ ସୃଷ୍ଟି କରିଛନ୍ତି ଯେ ସେ ହିଁ ବ୍ରହ୍ମା । ମହାଭାରତରେ ବ୍ରହ୍ମମାନେ ବୃଦ୍ଧି ବୋଲି ବର୍ଣ୍ଣନା କରାଯାଇଛି । ମୂଳରେ ସେହି ଏକ, ଆଉ ଯାହା କିଛି ସବୁ ଏକର ହିଁ ନାନା ପ୍ରକାର ଅଭିବ୍ୟକ୍ତି । ଏହା ଶାଶ୍ୱତ ଓ ଚିରନ୍ତନ । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ଜଗତକୁ ମିଥ୍ୟା କହିଛନ୍ତି, କିନ୍ତୁ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଜଗତ ମିଥ୍ୟା ନୁହେଁ, ନଶ୍ୱର ଅର୍ଥ ଚିରସ୍ଥାୟୀ ନୁହେଁ । ସବୁକିଛି ପରିବର୍ତ୍ତନଶୀଳ । କୌଣସି ବସ୍ତୁ ନଷ୍ଟ ହୁଏ ନାହିଁ ବା ତାର ମୌଳିକ ଉପାଦାନ ମଧ ନଷ୍ଟ ହୁଏନାହିଁ । ତାହା ପରିବର୍ତ୍ତନ ହୁଏ ମାତ୍ର ନଶ୍ୱର ଅର୍ଥ ପରିବର୍ତ୍ତନଶୀଳ । ତେଣୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ପ୍ରକାଶ କଲେ ଜଗତ ନଶ୍ୱର, ମିଥ୍ୟା ନୁହେଁ । ଶ୍ରୀ ଶ୍ରୀ ଠାକୁର କହିଲେ କୃପା ମଧ୍ୟରେ ଅଛି କୃ ଓ ପା - ଅର୍ଥ କରିବା ଓ ପାଇବା ।

ଶ୍ରୀ ଶ୍ରୀ ଠାକୁର ଏହି ପ୍ରସଙ୍ଗରେ କହିଲେ - ଆନନ୍ଦ ମଧ୍ୟରେ ଅଛି ନିଷ୍ଠା, ଆନୁଗତ୍ୟ ଓ କୃତିସମ୍ବୋଗ । ଏହି ତିନୋଟି ଯେତେବେଳେ ଏକମୁଖୀ ହୋଇ ଚାଲେ ସେତେବେଳେ ମନୁଷ୍ୟ ଆନନ୍ଦରେ ଭରପୁର ହୋଇଉଠେ । ପୁଣି ଆନନ୍ଦ ଆସିଛି ନନ୍ଦ ଧାତୁରୁ । ନନ୍ଦ ଧାତୁ ମଧ୍ୟରେ ଅଛି କମ୍ପନ, ଦୋଳାୟମାନ ଗତି ଓ ଢ଼େଉ ଯଥା - ପ୍ରସାରଣ, ସଙ୍କୋଚନ ଓ ବିରମଣ । ଶାନ୍ତି ଆମ୍ଭେମାନେ କାହାକୁ କହୁ ? ଆମ୍ଭମାନଙ୍କର ଅନ୍ତଃକରଣରେ ଯେପରି ବ୍ୟଥା ନ ଲାଗେ ସେହିପରି ଅବସ୍ଥା ଆସିଲେ ଶାନ୍ତି ମିଳେ । ଶାନ୍ତି ମାନେ ଉପରତି ବା ବିରାମ ନୁହେଁ । ମନ ମଧ୍ୟରେ ଯେତେବେଳେ ସମତା ଅବସ୍ଥା ଆସେ ତାହାକୁ ଶାନ୍ତି କୁହାଯାଏ । ବ୍ରହ୍ମାଣ୍ଡର ଉଦ୍ଦେଶ୍ୟ ସମ୍ବନ୍ଧରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଏହାର ଉଦ୍ଦେଶ୍ୟ ହେଉଛି ଲୀଳା, ଆଲିଙ୍ଗନ - ଗ୍ରହଣ ଓ ଉପଭୋଗ । ମୁଁ ତୁମକୁ ଜଡ଼ାଇ ଧରିଲି, ତୁମେ ମୋତେ ଜଡ଼ାଇ ଧରିଲ, ମୁଁ ତୁମକୁ ଗ୍ରହଣ କଲି, ତୁମେ ମୋତେ ଗ୍ରହଣ କରିଲ, ଯେପରି ଈଶ୍ୱର ବା ଗୁରୁ ପୂଜାରେ ଆମ୍ଭେମାନେ ନିୟୋଜିତ ହୋଇଛୁ । ଗୁରୁଙ୍କୁ ନ ମଣିବ ନର, ଗୁରୁ ହିଁ ସାକ୍ଷାତ ଈଶ୍ୱର । ଏହି ଗୁରୁର ଅର୍ଥ ହେଉଛି ସଦ୍‌ଗୁରୁ ବା ପୁରୁଷୋତ୍ତମ । ଆମେ ସମସ୍ତେ ମିଶି ଏକ ଫୁଲ୍‌ତୋଡା, ଯେପରି ଗୁରୁ ପୂଜା ବା ଇଷ୍ଟ ପୂଜାରେ ଲାଗିପାରୁ । ଏହି ଗୁରୁ ବା ଇଷ୍ଟଙ୍କୁ ବାଦ୍ ଦେଇ କୌଣସି ଲୀଳା ନାହିଁ । ଗୁରୁ ବା ଇଷ୍ଟଙ୍କୁ ବାଦ ଦେଇ ଯାହା ଅଛି ତାହା ହେଉଛି ଶୟତାନର ଲୀଳା । ଧରାପୃଷ୍ଠରେ କରୁଣାମୟ ପୁରୁଷୋତମ ପୂତ ଆର୍ଯ୍ୟ ଭୂମି ଭାରତବର୍ଷରେ ଆବିର୍ଭାବ ହୋଇ ନିଃଷ୍ପ୍ରାଣକୁ ପ୍ରାଣନଶୀଳ, ଦୁଷ୍ଟକୁ ଶିଷ୍ଟ, ନିକୃଷ୍ଟକୁ ଉତ୍କୃଷ୍ଟ, ଅଖ୍ୟାତକୁ ବିଖ୍ୟାତ, ପଙ୍ଗୁକୁ ଗିରିଲଙ୍ଘନ, ଦଗ୍ଧ ପ୍ରାଣକୁ ସ୍ନିଗ୍ଧ, ମୂର୍ଖକୁ ଜ୍ଞାନୀ, ଦୂରାତ୍ମାକୁ ଧର୍ମାତ୍ମା ଓ ସତାକୁ ସଚ୍ଚିଦାନନ୍ଦମୟ କରି ତୋଳି ବିଶ୍ୱ ବକ୍ଷରେ ଏକ ଅଭିନବ ଲୀଳା ରଚନା କରିଛନ୍ତି । ଆଜି ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ପବିତ୍ର ଆର୍ବିଭାବ ମହୋତ୍ସବ ।

♥ ସହପ୍ରତିରଦ୍ଧିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

ଗୋଟେ ଅନୁଭବୀ ଗପ

# ବର୍ଷା ଏକ ଅନ୍ୱେଷଣ





ଡଃ ସ୍ମୃତି ପଟ୍ଟନାୟକ

ନିର୍ମାଲ୍ୟ ଓ ନୀଳା ଛିଡା ହୋଇଥିଲେ ଏଟିଏମ୍ କାଉଣ୍ଟର ଭିତରେ, ବାହାରେ ପ୍ରବଳ ବର୍ଷା, ବେଳକୁ ବେଳ ବର୍ଷାର ମାତ୍ରା ବଢୁଥାଏ, ବରଂ କମୁ ନଥାଏ, ଘଣ୍ଟାଏ ପାଖାପାଖି ହେବ ସେମାନେ ଦୁହେଁ ସେମିତି ପରସ୍ପରର ବିପରୀତ ଦିଗକୁ ମୁହଁ କରି ଛିଡା ହୋଇଥିଲେ । ସଂଧ୍ୟା ଛଅଟା ନୀଳା ମନେମନେ ଖୁବ୍ ବ୍ୟସ୍ତ ହେଇପଡୁଥିଲା, କେମିତି ଘରକୁ ଯିବ ? କାହିଁକି ସେ ଏଟିଏମ୍‌ରୁ ଟଙ୍କା ଉଠେଇକି ଯିବ ବୋଲି ଅଟୋ ବାଲାକୁ ବିଦା କରିଦେଲା । ହେ ପ୍ରଭୁ ବର୍ଷା କାଇଁ ବନ୍ଦ ହଉନି, ନୀଳା ଭାବୁଥିଲା ସକାଳ ସାତଟାରୁ ଆଜି ସେ କଲେଜ୍ ଯାଇଥିଲା, ଯୁକ୍ତ ତିନି ଶେଷ ବର୍ଷ ପିଲାମାନଙ୍କର ପ୍ରୋଜେକ୍ଟର ଇଭାଲୁଏସନ୍ ଥିଲା, ଫେରିଲା ବେଳକୁ ଲେଟ୍ ହେଲା, ବର୍ଷା ସକାଳୁ ଲାଗି ରହିଛି ଯେ ଛାଡୁନି ଜମା, ଲଘୁଚାପ ବର୍ଷା, ଛାଡୁଛି ପୁଣି ଜୋରରେ ବର୍ଷୁଛି, ଅଟୋବାଲା ବି କହିଲା ଦିଦି ମୋର ଆଉ ଗୋଟେ ଭଡା ଅଛି, ଆପଣଙ୍କର ଲେଟ୍ ହେବ କାଳେ, ଏଇଠି ଓହ୍ଲାଇ ଯାଆନ୍ତୁ, ତା ପାଖରେ ଛତା ନ ଥିଲା, କାହିଁକି ସେ ରହିଗଲା ଏଠି କେଜାଣି ? ତା ମୁଣ୍ଡରେ କିଛି ବୁଦ୍ଧି ପଶୁନଥିଲା, ନିର୍ମାଲ୍ୟ ମଧ ଘରକୁ ଫେରିଲା ବେଳକୁ ଟଙ୍କା ଉଠାଇବା ପାଇଁ ଏଟିଏମ୍ କାଉଣ୍ଟରକୁ ଆସିଥିଲେ, ସେ ଭୁବନେଶ୍ୱରରେ ଗୋଟେ ଘରୋଇ ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଣ୍ଟ୍ ପ୍ରଫେସର କାର୍‌ରେ ଯିବା ଆସିବା କରନ୍ତି କିନ୍ତୁ ଆଜି ସେ ବାଇକ୍ ରେ ଯାଇଥିଲେ, ଡ୍ରାଇଭର ନ ଆସିବାରୁ , ତାଙ୍କ ପାଖରେ ଛତା ଥିଲା, ରେନ୍ କୋଟ୍ ନଥିଲା, କଣ କରିବେ ସେ ? ଏତେ ଜୋରରେ ବର୍ଷା ହଉଛି । ହଠାତ୍ ଲାଇନ୍ ବି କଟିଗଲା, ସାରା ସହରଟା ଗହଳ ଅନ୍ଧାରରେ ପରିପୂର୍ଣ୍ଣ, ଭୟଙ୍କର ଘଡଘଡି ଓ ବିଜୁଳି ଆଲୁଅ ଦେଖି ଖୁବ୍ ଭୟ ଲାଗୁଥିଲା ନୀଳାକୁ, ହଠାତ୍ ଏତେ ଜୋରରେ ଘଡଘଡି ମାରିଲା ଯେ ନୀଳା ଭୟରେ ଅତି ଅପ୍ରସ୍ତୁତ ଭାବେ ନିର୍ମାଲ୍ୟଙ୍କୁ ଜୋରରେ ଜାବୁଡି ଧରିଥିଲା ତାପରେ ପ୍ରକୃତିସ୍ଥ ହୋଇ ଚୁପଚାପ୍ ଛିଡା ହୋଇଥିଲା । ମୁହଁର ରଙ୍ଗ ତାର ହଠାତ୍ ବଦଳି ଯାଇଥିଲା , ଚୁପଚାପ୍ ଛିଡା ହୋଇଥିଲା, ନିର୍ମାଲ୍ୟ ଆରମ୍ଭ କଲେ ଆଗ ନିଜ ଆଡୁ ଚାଲନ୍ତୁ ଛତା ନେଇ ଆଗରେ ଥିବା କେଫ୍ ଏଣ୍ଡ୍ କାଫେ ରେ କଫି ପିଇବା, ନୀଳାକୁ ଖୁବ୍ ଥଣ୍ଡା ଲାଗୁଥିଲା, ସେ ମୁଣ୍ଡ ହଲେଇ ହଁ କହିଲା ଦୁହେଁ ବସି କଫି ପିଉଥିଲେ, କଫି କପ୍ ରୁ କିଛି ଢୋକ ନେଲା ପରେ ନିର୍ମାଲ୍ୟ ପଚାରିଲେ ନୀଳା କୁ ଆପଣ କଣ କରନ୍ତି ? ଘର କେଉଁଠି ?ନୀଳା କହିଲା ମୁଁ ଜଣେ ଅଧାପିକା, କଟକ ରୁ କୋଡିଏ କିଲୋମିଟର ଦୂରରେ କଲେଜ୍ ଅବସ୍ଥିତ । ପ୍ରତିଦିନ ବସ୍‌ରେ ଯିବା ଆସିବା କରେ, ଆଉ ଆପଣ ? ମୁଁ ଭୁବନେଶ୍ୱରରେ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ମେକାନିକାଲ ଇଞ୍ଜିନିୟରିଂ ବିଭାଗରେ ଆସିଷ୍ଟାଣ୍ଟ୍ ପ୍ରଫେସର ଭାବେ କାର୍ଯ୍ୟରତ, ପ୍ରତିଦିନ କାର୍‌ରେ ଯିବା ଆସିବା କରେ, ଆଜି ବାଇକ୍‌ରେ ଯାଇଥିଲି ଏମିତି ଗପସପ ଭିତରେ ବର୍ଷା ଥମି ଯାଇଥିଲା ଟିକେ, ଅଳ୍ପ ଝିପଝିପ୍ ବର୍ଷା ହଉଥିଲା । ନୀଳା କହିଲା ଆମ ଘର ଏଇ ପାଖରେ, ନିର୍ମାଲ୍ୟ ପ୍ରସ୍ତାବ ଦେଲେ ଚାଲନ୍ତୁ ମୁଁ ଆପଣଙ୍କୁ ଛତା ରେ ଘରେ ଛାଡ଼ିଦେଇ ଆସିବି । ନୀଳା ଯିବାକୁ ରାଜି ହୋଇଗଲା, ନିର୍ମାଲ୍ୟ ଛତା ଧରିଥିଲେ ନୀଳା ତାଙ୍କ ପାଖରେ, ଗୋଟିଏ ଛତା ତଳେ ଦୁହେଁ, ବର୍ଷା ଜଳ ଛିଟକା ମାରି ଦେହରେ ପଡୁଥାଏ, ଦୀର୍ଘ ପଚିଶ ବର୍ଷ ପରେ ନିର୍ମାଲ୍ୟ ଯାଉଛନ୍ତି ଛତାରେ ଆଉ ଜଣେ ଝିଅ ସହିତ, ମନେ ପଡିଯାଉଥିଲା ଗହନ ସ୍ମୃତିର କଥା, ତାଙ୍କର ବୟସ ବାର ବର୍ଷ, ଆଉ ମୁନିର ବୟସ ସାତ । ଦୁହେଁ ବର୍ଷା ଦିନରେ ସାଙ୍ଗ ହୋଇ ଖୁବ୍ ଭିଜନ୍ତି ବର୍ଷାରେ, କାଗଜ ଡଙ୍ଗା କରି ଭସାନ୍ତି କିଏ କେତେ ତିଆରି କରି କି ଭସାଇବ, ସବୁବେଳେ ନିର୍ମାଲ୍ୟ ଜିତନ୍ତି, ମୁନିକୁ ସବୁବେଳେ ଚିଡାନ୍ତି ତା ହାତ ତିଆରି ଡଙ୍ଗା ଭାସୁନି ବୁଡିଯାଉଛି ବର୍ଷା ଜଳରେ, ମୁନି କାନ୍ଦି କାନ୍ଦି ଘରକୁ ପଳାଇ ଆସେ ନିର୍ମାଲ୍ୟ ହସି ହସି ଗଡିଯାଆନ୍ତି, ସତରେ ମୁନିଟା ନାକ କାନ୍ଦୁରି ,ଏମିତି ଏମିତି ହେଇ ଦିନ କଟିଯାଉଥିଲା ମୁନି କୁ ଦିନେ ନ ଦେଖିଲେ ତାଙ୍କୁ ପାଗଳ ଭଳି ଲାଗୁଥିଲା, ତାଙ୍କର ସାରା ପିଲାଦିନଟା ମୁନିର ଘନିଷ୍ଠତାରେ ଭରପୁର ହୋଇ ରହିଥିଲା, ସେଇ ବର୍ଷ ବର୍ଷା ଦିନରେ ନଈବଢି ଦେଖିବା ପାଇଁ ଯାଇଥିଲେ ସମସ୍ତେ ଗାଁ ଲୋକେ, ନିର୍ମାଲ୍ୟ ଓ ମୁନି ଦୁହେଁ ଯାଇଥିଲେ, ଖୁବ୍ ଭୟଙ୍କର ଥିଲା ନଈବଢର ଦୃଶ୍ୟ , ହଠାତ୍ ଗୋଡ ଖସିଗଲା ମୁନିର କାଦୁଅରେ ଧସି ହୋଇ, ପାଣିର ସୁଅ ଭିତରେ ପଡିଗଲା ସେ, ସମସ୍ତଙ୍କ ଆଖି ସାମ୍ନାରେ, ଯେତେ ଚେଷ୍ଟା କଲେ ବି ତାକୁ ପାଣି ଭିତରୁ କେହି ଆଉ ପାଇଲେନି, ଏମିତି ଏକ ଦୁଃଖଦ ସ୍ମୃତିକୁ ଭୁଲିପାରୁନଥିଲେ ନିର୍ମାଲ୍ୟ ।ସେଇ ଦିନଠାରୁ ତାଙ୍କ ମନ ଭିତରେ ବର୍ଷା ଦିନ ପାଇଁ ଖୁବ୍ ଭୟ ରହିଯାଇଥିଲା, ପ୍ରତିଥର ବର୍ଷା ରେ ସେ ମୁନିକୁ ଖୋଜନ୍ତି ମନେମନେ , ଏମିତି ଭାବନା ଭିତରେ ନୀଳାର ଘର ଆସିଯାଇଥିଲା, ନୀଳା ଅନୁରୋଧ କଲା ତାଙ୍କୁ ଘର ଭିତରକୁ ଆସିବା ପାଇଁ, ନିର୍ମାଲ୍ୟ ଭିତରକୁ ଗଲେ, ସୋଫା ଉପରେ ବସିବାକୁ ଯାଉଛନ୍ତି ତ କାନ୍ଥ ରେ ଟଙ୍ଗା ହୋଇଥିବା ଏକ ଫଟୋ ଉପରେ ନଜର ପଡିଗଲା, ନିର୍ମାଲ୍ୟଙ୍କର ଦୃଷ୍ଟି ନିବଦ୍ଧ ହୋଇ ରହିଯାଇଥିଲା ଫଟୋ ଉପରେ, ଖୁବ୍ ଭାବପ୍ରବଣ ହୋଇପଡିଲେ , ନୀଳା ଆସିଲା ସାଙ୍ଗରେ କିଛି ସ୍ନାକ୍ସ ଓ ଚା ଦୁଇ କପ୍ ଟ୍ରେରେ ଆଣିଥିଲା, ନିର୍ମାଲ୍ୟଙ୍କର ଦୃଷ୍ଟି ହଟୁ ନ ଥିଲା ଫଟୋ ଉପରୁ, ନୀଳା ବି ଆଶ୍ଚର୍ଯ୍ୟ ହେଇଯାଇଥିଲା , ତାର ମନ ଭିତରେ କାହିଁକି କେଜାଣି ଏକ ପ୍ରକାରର ରୋମାଞ୍ଚ ସୃଷ୍ଟି ହେଉଥିଲା, ନୀଳା ଟିପୟ ଉପରେ ଟ୍ରେକୁ ରଖିଲା, ନିର୍ମାଲ୍ୟଙ୍କ ପାଖକୁ ଯାଇ କହିଲା ସାର କଣ ଦେଖୁଛନ୍ତି ? ନିର୍ମାଲ୍ୟ ଉତ୍ତର ଦେଲେ ଏଇ ଫଟୋକୁ ! !କାହାର ଫଟୋ ଇଏ ? ନୀଳା ପଚାରିଲା ଆପଣ ଚିହ୍ନିଛନ୍ତି କି? ହଁ ନିଶ୍ଚୟ, ନୀଳା ଆଖିରେ ପ୍ରଶ୍ନବାଚୀ ! କେମିତି ଚିହ୍ନିଲେ ? ନିର୍ମାଲ୍ୟ ଭାବବିହ୍ୱଳ ହୋଇ କହିଲେ, ଇଏ ମୋ ପିଲାବେଳର ସାଙ୍ଗ ମୁନି, ଉଣେଇଶ ବର୍ଷ ହେଲାଣି ମୁଁ ତାକୁ ପ୍ରତ୍ୟେକ ବର୍ଷାରେ ଖୋଜୁଚି କିନ୍ତୁ ପାଉନି, ନୀଳା କହିଲା ଆଛା, ଆପଣଙ୍କ ନାଁ କଣ କହିଲେ ସାର ନିର୍ମାଲ୍ୟ ସେନ୍, ମ୍ୟାଡାମ୍ ଆପଣଙ୍କ ନାଁ ? ନୀଳା ଦତ୍ତ, ଓରଫ୍ ମୁନି ରାୟ, ।

ନିର୍ମାଲ୍ୟଙ୍କ ପାଟିରୁ କଥା ବାହାରୁ ନଥିଲା, ସେ ଯେମିତି ନିଜର ବାକ୍ ଶକ୍ତି ହରାଇ ବସିଥିଲେ, ନୀଳା କହିଲା ହେଃ ଏତେ କଣ ଭାବୁଛନ୍ତି ? ମୁଁ ଆପଣଙ୍କର ପିଲାଦିନର ବାନ୍ଧବୀ ମୁନି, ଦେଖନ୍ତୁ ନା ମୋ ଡାହାଣ ହାତ ପାପୁଲି ମଝିରେ ଥିବା କଳାଜାଇକୁ ,ନିର୍ମାଲ୍ୟ ବିବାକ୍ ହୋଇ ଚାହିଁ ରହିଥିଲେ ନୀଳାକୁ, ଇଏ କି ଚମତ୍କାରିତା, ସମୟ ଅନୁସାରେ ନିର୍ମାଲ୍ୟ ଓ ମୁନି ଦୁହିଁଙ୍କର ଚେହେରା ଅନେକାଂଶରେ ବଦଳି ଯାଇଥିଲା, ମୁନି ନଈବଢିର ଅତଡା ଜଳ ରେ ଭାସି ଯାଇଥିଲା, ଆଉ ମିଳିନଥିଲା କିଛି ପତ୍ତା ତାର, ସେବେଠାରୁ ବର୍ଷା ଦିନ ଆସିଲେ ମୁନିକୁ ଖୁବ୍ ଖୋଜନ୍ତି ମନେମନେ, ତାଙ୍କର ଘନିଷ୍ଠ ସାଙ୍ଗ ରୂପେଶ୍ କୁହେ ଆରେ ତୁ ତୋ ରିସର୍ଚ ପେପର୍‌ର ଟାଇଟଲ୍ ଦେଇ ଦେ ବର୍ଷା ଦିନରେ ମୁନିର ଅନ୍ୱେଷଣ ରେ.......ମୁଁ

ଆଜି ଏତେ ପାଖରେ ମୁନି ! ! !କେମିତି ସମ୍ଭବ ହେଲା ? ମୁନି ଗପୁଥିଲା ତାର କାହାଣୀ, ସେ ପ୍ରବଳ ଜଳସ୍ରୋତ ରେ ଭାସି ଭାସି ଯାଇ ଲାଗିଲା ଗୋଟେ ଢିପରେ, ସେଇଠି ଜଣେ ମହିଳା ତାକୁ ଦେଖିଲେ ପ୍ରଥମେ, ଗାଁ ସାରା ଲୋକଙ୍କୁ ଡାକ ପକାଇଲେ, ସମସ୍ତେ ଆସି ପହଞ୍ଚିଗଲେ, ମୁନିର ଚେତା ନଥିଲା, ଚେତା ଫେରିଲା ବେଳକୁ ସେ ନିଜକୁ ଆବିଷ୍କାର କରିଥିଲା ହସ୍ପିଟାଲର ବେଡ୍‌ରେ, ସେ ମହିଳାଙ୍କ ସ୍ନେହରେ ସେ ଭୁଲିଯାଇଥିଲା ନିଜକୁ, ଏମିତିରେ ତାର ହଠାତ୍ ସ୍ମୃତି ଶକ୍ତି ବି ଲୋପ ପାଇଯାଇଥିଲା, ଡାକ୍ତରଙ୍କ ଚିକିତ୍ସାରେ ରହିଲା ପରେ ଧିରେ ଧିରେ କିଛି ବର୍ଷ ପରେ ସବୁ ମନେ ପଡିଥିଲା, ହେଲେ ସେ ଏମିତି ବାନ୍ଧି ହୋଇଯାଇଥିଲା ସ୍ନେହ ଓ ମମତ୍ୱବୋଧର ଦେବୀଙ୍କ ପାଖରେ ଯେ, ନିଜର ପରିଚୟ ବାଧ ହୋଇ ଗୋପନ ରଖିଥିଲା, ସେ ତାର ନାଁ ରଖିଥିଲେ ନୀଳା, ଦୁନିଆରେ ସେ ଏକାକୀ ଥିଲେ, କେହି ସେମିତି ସଂପର୍କୀୟ ନ ଥିଲେ ତାଙ୍କର, ସେ ଦେବୀ ଜଣକ ସହରରେ ଥିବା ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସଂପତ୍ତି ନୀଳା ନାଁ ରେ କରି ଦୁନିଆରୁ ଚାଲି ଯାଇଥିଲେ ବ୍ରେନ୍ କ୍ୟାନସର୍‌ରେ ।

ନୀଳା ନିଜର ସ୍ମୃତି ଶକ୍ତି ଫେରି ପାଇବା ଦିନଠାରୁ ପ୍ରତି ମୁହୂର୍ତ୍ତରେ ଘର କଥା ଓ ନିର୍ମାଲ୍ୟଙ୍କ କଥା ମନେପକାଉଥିଲା,ଏ ପର୍ଯ୍ୟନ୍ତ ସେ ତାର ବାପା ଓ ମାଆଙ୍କ ବିଷୟରେ କିଛି ବି ଜାଣିନି ? ସେମାନେ କେଉଁଠି ଅଛନ୍ତି ଗାଁରେ କି ସହରରେ ? ଆଶ୍ଚର୍ଯ୍ୟ ଚକିତ ହୋଇ ଶୁଣୁଥିଲେ ନିର୍ମାଲ୍ୟ ନୀଳାର କଥା ସବୁ, ବାହାରେ ପ୍ରବଳ ବର୍ଷା ପୁଣି ଆରମ୍ଭ ହୋଇଯାଇଥିଲା, ନୀଳା କହୁଥିଲା ଆପଣ କେମିତି ଘରକୁ ଫେରିବେ ? ବାଇକ୍ ତ ରଖି ଦେଇ ଆସିଲେ ସେଠି । ଘରେ ଆପଣଙ୍କୁ ସମସ୍ତେ ଅପେକ୍ଷା କରିଥିବେ ।

ନିର୍ମାଲ୍ୟ ଠୋ ଠୋ ହୋଇ ହସୁଥିଲେ, କିଏ ମୋତେ ଘରେ ଅପେକ୍ଷା କରିଥିବେ ? କେହି ମୋର ନାହାନ୍ତି ଏଇ ଦୁନିଆରେ, ସାଙ୍ଗ ମାନଙ୍କ ଛଡା, ବାପା ବୋଉ କେବେଠାରୁ ଚାଲି ଗଲେଣି ଦୁନିଆ ଛାଡି, ।

ତମ ସାଙ୍ଗରେ ପୁଣି ଥରେ ଏଇ ଜନ୍ମରେ ଦେଖାହେବ ଏକଥା ମୁଁ କେବେ ଭାବିନଥିଲି, ସତରେ କେତେ ବିଚିତ୍ର ଏଇ ଜୀବନର କାହାଣୀ । ନିର୍ମାଲ୍ୟ କହୁଥିଲେ ଆଜି ମୁନି ତମେ ମୋର ଏତେ ପାଖରେ, ମୋତେ ଲାଗୁଚି ଯେପରି ଏତେ ବର୍ଷ ହେଲାଣି ବର୍ଷାରେ ଅନେଷ୍ୱଣ କରି କରି ଆଜି ଘୋର ବର୍ଷାରେ ମୁଁ ମାୟା ମୃଗୁଣୀର ସନ୍ଧାନ ପାଇଯାଇଛି । ମୁନି ଆଖି କୋଣରେ ଖୁସିର ଲୁହ ବୁନ୍ଦା ଚିକଚିକ୍ କରୁଥିଲା । ନିର୍ମାଲ୍ୟ ଭାବୁଥିଲେ ଏଇ ଜୀବନରେ କେତେବେଳେ କାହା ପାଇଁ କଣ ଘଟୁଛି ସବୁ ସେଇ ବିଶ୍ୱନିୟନ୍ତାଙ୍କର ଲୀଳା, ରାତି ବଢୁଥିଲା, ବର୍ଷା ଲାଗି ରହିଥିଲା, ନିର୍ମାଲ୍ୟ କିନ୍ତୁ ନୀଳାଠାରୁ ବିଦାୟ ନେଇଥିଲେ, ଏକାଏକା ଏକ ନିର୍ଭର ଓ ପ୍ରତିକ୍ଷୀତ ସକାଳର ଆକାଂକ୍ଷା ନେଇ ।

♥ ୟୁ ଏନ୍ କଲେଜ୍ ଅଡଶପୁର କଟକ
ମୋ :୯୯୩୮୪୦୯୪୯

# କୋହ

## ନଗେନ୍ଦ୍ର ନାଥ ପଟ୍ଟନାୟକ



ସାଙ୍ଗସାଥୀ ମେଳରେ ବସି ଗପସପ ହେଉଥିଲା ବିଶି ସେଦିନ । ବାନ୍ଧବୀବିଶି ଅନ୍ୟ ବାନ୍ଧବୀଙ୍କଉଦ୍ଦେଶ୍ୟରେକହିଲା - 'ବାନ୍ଧବୀ ସନ୍ନମୁଖ ଠିକ କଥା କହୁଚି, କାଲି କୌଣସି ମତେ ମୁଁ ଯାଇ କାଳିନ୍ଦୀ ଦିଦିଙ୍କୁ ଭେଟିବି ।' ସତକୁସତ ପରଦିନ ସକାଳୁସକାଳୁ ବିଶି ଘରୁ ଗୋଡ କାଢି ତରତର ପାଦରେ ମୁହାଁଇଲା କାଳିନ୍ଦୀ ଦିଦିଙ୍କ ଘର ଆଡେ । ଅନାହୂତ ଭାବେ ଦିଦିଙ୍କ ଘର ଭିତରେ ପଶିଲା ବେଳକୁ ଦେଖିଲା ଦିଦି ବାମ୍ଫଉଠା ଚା'କପେ ସୁଡୁସୁଡୁ କରି ପିଉଛନ୍ତି । ଦ୍ୱିଧାବୋଧ ନ କରି ବିଶି କହିବା ଆରମ୍ଭ କରିଦେଲା–ଦିଦି, ଗତକାଲ ମୁଁ ଶିଢି ଚଢିବା ବେଳେ ସାକ୍ଷାତ ହୋଇଥିଲା ତୁମ ସହିତ । ସେ ସମୟରେ ତୁମେ ଖୁବ୍ ଚିନ୍ତିତ ଓ ଉଦାସ ଥିବା ଭଳି ମନେହେଲା ମୋର । ଏକାଏକା ରହୁଛ ବୋଧେ, କିଛି ଅସୁବିଧାର ସମ୍ମୁଖୀନ ହେଉଥିଲେ ମନଖୋଲି ବ୍ୟକ୍ତ କରନ୍ତୁ । କାଳିନ୍ଦୀ ଦିଦି କୋହଭରା କଂଠରେ କହିଲେ -ପରିବାରରେ ଗୋଟିଏ ବୋଲି ପୁଅ ମୋର । ଚାକିରି ତାର ଜର୍ମାନରେ । ଦି ବର୍ଷ ନ ପୂରୁଣୁ ଶ୍ୱଶୁର ଘରଲୋକଙ୍କ ଖରାପ ବ୍ୟବହାର ଓ ଅତ୍ୟାଚାରରେ ବ୍ୟଥିତ ହୋଇ ମୁଁ ଯେତେବେଳେ ତାକୁ ସଙ୍ଗରେ ଘେନି ବାପା ଘରକୁ ଚାଲି ଆସିଲି ଅକସ୍ମାତ ପୁଅଟିକୁ ଆସିବା ଦେଖି ଦାରୁଣ ଦୁଃଖ ଓ ଅବସାଦରେ ଭାଙ୍ଗିପଡିଲେ ବାପା । ମର୍ମାନ୍ତିକ ଚିନ୍ତାରେ ଘାରିହୋଇ ଓ ଅସହ୍ୟ ମାନସିକ ବେଦନାରେ ସନ୍ତାପିତ ହୋଇ ବାପା ଅକାଳରେ ଚାଲିଗଲେ ଆରପାରିକି । ସେ ସମୟଟି ଥିଲା ଅତ୍ୟନ୍ତ ଦୁଃଖଦ, ଯନ୍ତ୍ରଣା ଜର୍ଜରିତ ଓ ବେଦନାସିକ୍ତ । ଯାହାହେଉ, ବାପାଙ୍କ ଦେହାବସାନର କିଛିଦିନ ପରେ ମତେ ଅନୁକମ୍ପା ଭିତିକ ଚାକିରି ଖଣ୍ଡେ ମିଳିଲା ବାପାଙ୍କ ଜାଗାରେ । ଝିଅଟିର ପାଠପଢା ପ୍ରତି ଯଥୋଚିତ ଧ୍ୟାନ ଦେଲାରୁ ପରିଶେଷରେ ଇଂଜିନିୟର ବନିଗଲାସେ । ବାପାଙ୍କ ପଛେପଛେ ମାଆଙ୍କର ବି ଅକାଳରେ ଦେହାନ୍ତ ହୋଇଗଲା । ପୁଅଟିର ଇଚ୍ଛାନୁସାରେ ତାକୁ ରହିବାକୁ ପଡିଲା ଆକାଶମାର୍ଗ ସହିତ ଯୋଡିହୋଇ ଯାଇଥିବା ସହରରେ । ଭାବୁଥିଲି ଏକମାତ୍ର ପୁଅଟିର ବାହାଘର କରିଦେଇ ଦୁଃଖ ଯନ୍ତ୍ରଣା ଓ କଷଣକୁ ପୂରାପୂରି ଭୁଲିଯିବି, ଆଉ ନିଶ୍ଚିନ୍ତରେ ରହିବି , କିନ୍ତୁ ...

- ଫେର କିନ୍ତୁ କଣ ଦିଦି ,

-ଗତ ହପ୍ତାହରେ ପୁଅ ଫୋନରେ ସଫାସଫା ଶୁଣାଇଦେଲା ସେ ସେଠିକାର ଜଣେ ଜର୍ମାନୀ ଝିଅ ତଥା ବିଦେଶିନୀଙ୍କୁ ବାହାହୋଇ ସାରିଛି । ଶ୍ୱଶୁର ଜଣେ ନାମଜାଦା ପ୍ରତିଷ୍ଠିତ ବ୍ୟବସାୟୀ , ବିରାଟ ବ୍ୟବସାୟ ସମ୍ଭାଳୁଛନ୍ତି । ପ୍ରବାସୀ ପୁଅର ଆଉ ଘର ଲେଉଟାଣି ହେବନି ବୋଲି ବେଶ୍ ଜାଣିବା ପରେ ମୁଁସ୍ତବ୍ଧ ଚକିତ ହୋଇପଡିଲି । ତା ଶାଣିତ କଥା ପଦ ଛୁରୀଭଳି ମୋ ଭିତରେ ଗଳିଯାଇ କଳିଜାକୁ ଖିନ୍ନଭିନ୍ନ କରିପକାଇଲା ଯେମିତି । ମୁଁ ଗୋଟାପଣେ ଭାଙ୍ଗିପଡିଲି . . .। ପଥର ପାଷାଣାଟେ ପରି ଛିଡାହେଲି । ଶୂନ୍ୟକୁ ବଲବଲ ଆଖିରେ ଚାହିଁରହିଲି ଛୋଟ ପିଲାଟି ପରି ।

ପରଦିନ ସକାଳ ପ୍ରହରୁ ବିଶି ଆମ ସଭିଙ୍କୁ ଜଣାଇଲା କାଳିନ୍ଦୀ ଦିଦି ସମ୍ମୁଖୀନ ହେଉଥିବା ବିଷମ ସମସ୍ୟା ବାବଦରେ । ସଂଜ ରତରତ ବେଳ । ସହସା ଆମେସବୁ ଏକାଠି ମିଳିମିଶି ଉପନୀତ ହେଲୁ ଦିଦିଙ୍କ ଘରେ, ତାଙ୍କୁ ସାକ୍ଷାତ କରିବା ଉଦ୍ଦେଶ୍ୟରେ ।

ଶନମୁଖ ଦୃଢକଂଠରେ ପ୍ରସ୍ତାବ ଦେବା ସହିତ ପ୍ରଥମେ କଥାଟା ଆରମ୍ଭ କଲା-ଦିଦି, ଆମେସବୁ ସହଯୋଗ ନାମକ ଏକ



ସ୍ୱେଚ୍ଛାସେବୀ ସାମାଜିକ ସଂଗଠନ ସହିତ ଓତପ୍ରୋତ ଭାବେ ଜଡିତ ।ତମେବି ସେ ସଂସ୍ଥାରେ ପଂଜୀକୃତ ହୋଇ ସଦସ୍ୟ ହୋଇଯାଅ । ବାସ୍ତୁହରା, ଅଭାବୀ, ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛଳ ବର୍ଗ ବିଶେଷ କରି ଅସହାୟ ଲୋକଙ୍କ ଉତ୍‌ଥାନ ଓ ଉନ୍ନତି କଳ୍ପେ ଏ ସଂସ୍ଥା କାର୍ଯ୍ୟରତ । ନିଜକୁ ଏଥିରେ ସାମିଲ କରି କାମକଲେ ମନ ଭିତରେ ଚକା ମାରି ବସିଥିବା ଦୁଃଖ ଯନ୍ତ୍ରଣା ଓ ଛାତିରେ ଜମାଟ ଉଠୁଥିବା କୋହ ଆପେ ଆପେ ଅପସାରିତ ହୋଇଯିବ । ଏହା ଏକ ସହଜ ସରଳ ଉପାୟ ଜୀବନ ଅର୍ଥପୂର୍ଣ୍ଣ ହେବାର । କୌଣସି ଅସୁବିଧାର ସମ୍ମୁଖୀନ ହେବନି ତମେ, ମୁହଁ ଖୋଲିବାରେ ଲାଜ-ସରମ କରନି ପ୍ଲିଜ । ଆମେସବୁ ପରା ତୁମ ବାନ୍ଧବୀ, ସଦାସର୍ବଦା ଛାଇ ଭଳି ତମସାଥିରେ ରହିଛୁ ।

♥ ପ୍ରାକ୍ତନ ଅତିରିକ୍ତଶାସନ ସଚିବ,
ଓସ୍କାରସିଟି, ଲକ୍ଷ୍ମୀସାଗରକେନାଲରୋଡ,
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ଅଭିଭାବକ ମାନଙ୍କ ମାନସିକତା ବଦଳିବ କେବେ ?



## ବିଷ୍ଣୁ ପ୍ରସାଦ ଦାସ



ସମ୍ପ୍ରତି ନିଜ ସନ୍ତାନକୁ ଡାକ୍ତରୀ ପାଠ ପଢ଼ାଇବା ପାଇଁ ଅଭିଭାବକ ମାନଙ୍କ ଆଗ୍ରହ ଚରମ ସୀମାରେ ପହଞ୍ଚି ଯାଇଛି । ଭାରତରେ ୭୦୪ ଗୋଟି ମେଡିକାଲ କଲେଜ ପ୍ରତିବର୍ଷ ୧,୦୭,୯୪୮ ଜଣ ପିଲାଙ୍କୁ ଡାକ୍ତରୀ ପାଠ୍ୟକ୍ରମ ପାଇଁ ଯୋଗ୍ୟତା ଭିତ୍ତିରେ ଗ୍ରହଣ କରିଥାଏ , ଅନେକ ଆଶାୟୀ ଏହି ପାଠ୍ୟକ୍ରମ ପାଇଁ ଦିନ ରାତି ପରିଶ୍ରମ କରିଥାନ୍ତି ଏପରିକି ଅନେକ ଆଶାୟୀ ବର୍ଷ ବର୍ଷ ଧରି ଚେଷ୍ଟା କରି ମଧ୍ୟ ଅସଫଳ ହୋଇ ଅନ୍ୟ ପାଠ୍ୟକ୍ରମରେ ନାମ ଲେଖାଇବାକୁ ବାଧ୍ୟ ହୋଇଥାନ୍ତି । ସେତେବେଳକୁ ସେମାନଙ୍କର ବହୁମୂଲ୍ୟ ସମୟ ଗୁଡିକର ଅପଚୟ ହୋଇ ଯାଇଥାଏ, ତାଙ୍କର ସହପାଠୀମାନେ ଆଗେଇ ଯାଇଥା'ନ୍ତି ତେଣୁ ଅନେକ ସମୟରେ ଏକାଧିକ ବାର ବିଫଳତାର ସ୍ୱାଦ ଚାଖିଥିବା ଛାତ୍ର ଛାତ୍ରୀଙ୍କ ମନରେ ଏକ ବିତୃଷ୍ଣା ଭାବ ଜାଗ୍ରତ ହୁଏ । ଏହି ବିତୃଷ୍ଣା ଭାବ ଡିପ୍ରେସନ ରେ ମଧ୍ୟ ବଦଳି ଯିବାର ନଜିର ଅଛି , ଏଥିପାଇଁ ଅଭିଭାବକ ମାନେ ୯୦ ପ୍ରତିଶତ ଦାୟୀ , ସେମାନଙ୍କ ଜିଦ୍ ଆଉ ଅଜ୍ଞତା ଦ୍ୱାରା ତାଙ୍କ ପରିବାରକୁ ଦୁଃଖ ମାଡି ଆସେ । ପ୍ରଥମ କଥା ହେଲା ଅଭିଭାବକ ମାନଙ୍କର ସୀମିତ ମାନସିକତା , ସେମାନଙ୍କ ନଜରରେ କେବଳ ଡାକ୍ତରୀ ପାଠ ଶ୍ରେଷ୍ଠ ଆଉ ଦୁନିଆରେ ଯେତେ ଶିକ୍ଷା ଅଛି ତାହା ଗୌଣ , ଏହି ମାନସିକତାକୁ ଆଧାର କରି ସେମାନେ ଶିକ୍ଷା ଆରମ୍ଭରୁ ପିଲା ମୁଣ୍ଡରେ ପୁରାଇ ଦେଇଥାନ୍ତି ଯେ, ସେ ଜଣେ ଡାକ୍ତର ହିଁ ହେବ ଆଉ ସବୁ ଶିକ୍ଷା ତା' ପାଇଁ ତୁଚ୍ଛ । ଠିକ୍ ଅଛି ଯାହାର ଯାହା ଇଛା ସେ ତାଙ୍କ ପିଲା ଉପରେ ଲଦି ଦେଲେ, ଆମେ କେବଳ ଦେଖଣାହାରୀ ହୋଇ ତାଙ୍କ ଦୁଃଖରେ ସମଦୁଃଖୀ ହେବା ଛଡା ଆଉ କିଛି ବିକଳ୍ପ ନାହିଁ। ପିଲାର ମନ ମସ୍ତିଷ୍କ ଆଉ ପାରିବା ପଣିଆ ଅଭିଭାବକ ଦେଖିଲେ ନାହିଁ , ପିଲାଦିନୁ ପାଗଳ ପରି ଖାଲି ଟଙ୍କା ସଂଚୟ କରି ଚାଲିଲେ ଯେ, ତାଙ୍କ ସନ୍ତାନ ଦିନେ ଡାକ୍ତର ହେବ ।

ଯୁକ୍ତ ଦୁଇ ବିଜ୍ଞାନ ଛାତ୍ର ଛାତ୍ରୀ ନିଟ (ନ୍ୟାସନାଲ ଏଲିଯିବିଲିଟି ଏଣ୍ଟ୍ରାନ୍ସ ଟେଷ୍ଟ) ଦେଇ ଡାକ୍ତରୀ ପଢିବା ପାଇଁ ମନୋନୀତ ହୋଇଥାନ୍ତି । ୨୦୨୩ ମସିହାରେ ନିଟ ପରୀକ୍ଷା ପାଇଁ ୨୦,୮୭,୪୬୨ ଜଣ ପଞ୍ଜିକରଣ କରିଥିଲେ ତନ୍ମଧ୍ୟରୁ ୨୦,୩୬,୩୧୬ ପରୀକ୍ଷା ଦେଇଥିଲେ ଏବଂ ୧୧,୪୫,୯୭୬ ଜଣ କୃତକାର୍ଯ୍ୟ ହୋଇଥିଲେ । ଅନୁମାନ କରନ୍ତୁ ତ' ଭାରତ ବର୍ଷରେ ଥିବା ୭୦୪ ଗୋଟି ମେଡିକାଲ କଲେଜରେ ଛାତ୍ର ଛାତ୍ରୀ ଗ୍ରହଣ ସଂଖ୍ୟା ୧,୦୭,୯୪୮ ଜଣ ତେବେ ବାକି ଛାତ୍ର ଛାତ୍ରୀ ମାନେ କରିବେ କ'ଣ ? ସେମାନଙ୍କର ଆଶା ତ' ପାଣି ଫୋଟକା ପରି ମିଳେଇ ଗଲା, ଏହାର ବିକଳ୍ପ କ'ଣ ସରକାର କରି ପାରିବେ ନାହିଁ ? ୧୪୨ କୋଟି ଜନ ସଂଖ୍ୟା ବିଶିଷ୍ଟ ପୃଥିବୀର ବୃହତ୍ତମ ଗଣତନ୍ତ୍ର ରାଷ୍ଟ୍ରରେ କୋମଳମତି ଆଶାୟୀ ପିଲାଙ୍କ ପାଇଁ ତଥା ଜନତାଙ୍କ ସ୍ୱାସ୍ଥ୍ୟ ସେବାପାଇଁ କ'ଣ ଅଧିକ ମେଡିକାଲ କଲେଜ ଖୋଲି ଡାକ୍ତରଙ୍କ ସଂଖ୍ୟା ବଢ଼ାଇ ପାରିବେ ନାହିଁ? ନିଟ ପାଇଁ ଛାତ୍ର ଛାତ୍ରୀମାନେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଘରୋଇ ଟ୍ୟୁସନ୍ ନେଇଥାନ୍ତି , ଦେଶର ବହୁ ନାମୀ ଦାମୀ କୋଚିଂ ସେଣ୍ଟର ପିଲାଙ୍କୁ 'ନିଟ' ପରୀକ୍ଷା ପାଇଁ ପ୍ରସ୍ତୁତ କରନ୍ତି, ତଥା ଅଭିଭାବକ ମାନଙ୍କୁ ଆଶ୍ୱାସନା ମଧ୍ୟ ଦେଇ ଥା'ନ୍ତି ଯେ, ତାଙ୍କ ସନ୍ତାନ ନିଶ୍ଚିତ ଭାବେ ଡାକ୍ତରୀ ପଢିବା ପାଇଁ ଉପଯୁକ୍ତ ବିବେଚିତ ହେବ । ଅଭିଭାବକ ମାନେ ପାଗଳ ପରି ଲକ୍ଷ ଲକ୍ଷ ଟଙ୍କା ଟ୍ୟୁସନ୍ ବାବଦକୁ ଦେଇ ନିଶ୍ଚିନ୍ତ ଭାବେ ନାହିରେ ତେଲ ପକାଇ ବସି ଯାଇଥାନ୍ତି ଯେ, ତାଙ୍କ ସନ୍ତାନ ଭବିଷ୍ୟତରେ ଜଣେ ଡାକ୍ତର ହେବା ସହିତ ଏକ ଟଙ୍କା ଛପିବା ମେସିନ ହେବ । ପିଲା ପାଇଁ ଖର୍ଚ୍ଚ କରିଥିବା ଲକ୍ଷ ଲକ୍ଷ ବା କୋଟି ଟଙ୍କା ତାଙ୍କ ପାଖକୁ ସମୂଳ ସୁଧ ସହିତ ଫେରି ଆସିବ । ତେବେ ଯେଉଁ କୋଚିଂ ସେଣ୍ଟର ଗୁଡିକ ଅଭିଭାବକ ମାନଙ୍କୁ ଦିବା ସ୍ୱପ୍ନ ଦେଖାଉଛନ୍ତି ଏବଂ ଅଭିଭାବକ ମାନଙ୍କ ଠାରୁ ନିଜର ପତିଆରା ଦେଖାଇ ଲୁଟୁଛନ୍ତି ସେମାନେ ଏକପ୍ରକାର ବ୍ୟବସାୟ ଚଳାଇଛନ୍ତି ଆଉ ଏଥିପାଇଁ ନାମୀ ଦାମୀ ଚିତ୍ର ତାରକାଙ୍କୁ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ଦେଇ ବିଜ୍ଞାପନ ମାଧ୍ୟମରେ ଛାତ୍ର ଛାତ୍ରୀଙ୍କୁ ଆକର୍ଷିତ କରିବା ଦେଖା ଯାଉଛି । ଅଭିଭାବକ ବୁଝିବା ଉଚିତ୍ ଯେ, କୋଚିଂ ସେଣ୍ଟର ମାନେ ଯେଉଁ ଅର୍ଥ ବିଜ୍ଞାପନ ପାଇଁ ଖର୍ଚ୍ଚ କଲେ ତା'ର ଦଶଗୁଣ ପିଲାଙ୍କ ଠାରୁ ସଂଗ୍ରହ କରିବେ । ଯଦି ପିଲାର ମେଧା ଶକ୍ତି ଅଛି ତେବେ ଏଇ ସବୁ ଭେଳିକି ପଛରେ ଯିବାର ମାନେ କଣ ? ଆଜିକାଲି ତ' ସବୁ ପିଲା ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିବାକୁ ସକ୍ଷମ ହେଉଛନ୍ତି ସମୟ ସମୟରେ ପିଲା ଶତ ପ୍ରତିଶତ ନମ୍ବର ମଧ୍ୟ ରଖିଲେଣି, ବିଶ୍ୱାସ ହେଉନାହିଁ ବର୍ତ୍ତମାନ ଶିକ୍ଷାର ମାନ କେଉଁଠି ପହଂଚିଲାଣି, ଆଉ ଆମ ପିଲା କେତେ ଉନ୍ନତ ଶିକ୍ଷା ପାଉଛନ୍ତି? ସବୁଠି ମାଫିଆ, ଶିକ୍ଷା କ୍ଷେତ୍ରରେ ଏବେ ମାଫିଆ ରାଜ ଚାଲିଛି ଆଉ ସେଥିପାଇଁ ଅଭିଭାବକ ସମ୍ପୂର୍ଣ୍ଣ ରୂପେ ଦାୟୀ , ଏହାକୁ ରୋକିବାକୁ ନିଜର ମାନସିକତା ବଦଳାଇବା ଉଚିତ୍ । ସରକାର ମଧ୍ୟ ସବୁ ଦେଖି ଶୁଣି ଚୁପ, ଏହାର କାରଣ କଣ ହୋଇପାରେ? ସରକାର କ'ଣ ପରୋକ୍ଷରେ ଏହାକୁ ପ୍ରୋତ୍ସାହନ ଦେଉଛନ୍ତି ନା' ତାଙ୍କର ଏଥିରେ ସ୍ୱାର୍ଥ ଜଡିତ ଅଛି?

ଭାଇ, ନିଜ ସନ୍ତାନର ଭବିଷ୍ୟତ ତଥା ଉନ୍ନତ ଜୀବନ ଯାପନ ପାଇଁ ପୃଥିବୀରେ ଅନେକ ଶିକ୍ଷା, ଅନେକ ବିଭାଗ ଅଛି , ଯେଉଁଥିରେ କି ଆପଣ ମାନଙ୍କ ସନ୍ତାନ ସମ୍ମାନ , ଅର୍ଥ , ଗୌରବ ଗାରିମା, ଦେଶପାଇଁ ଗର୍ବ ହୋଇ ପାରିବ । ଭାରତର ବୈଜ୍ଞାନିକ ମାନେ ଆଜି ସାରା ପୃଥିବୀରେ ପରିଚିତ, ବିଚାର ବିଭାଗରେ ବିଚାରପତି ଅଜସ୍ର ସମ୍ମାନ ର ଅଧିକାରୀ, ଭାରତୀୟ ପ୍ରଶାସନିକ ସେବା , ପୋଲିସ ସେବା, ବିଦେଶ ସେବା ଅଧିକାରୀ ମାନେ ଦେଶର ମେରୁଦଣ୍ଡ ସଦୃଶ , ଶିକ୍ଷା ବିଭାଗରେ ଶିକ୍ଷକ ମାନେ ଦେଶ ଗଢିବାରେ ନିଜ ଜୀବନକୁ ଉତ୍ସର୍ଗ କରିବା ସହିତ ଅନେକ ସମ୍ମାନର ଅଧିକାରୀ , ଚାଟାର୍ଡ ଆକାଉଣ୍ଟାଣ୍ଟ , କଷ୍ଟ ଆକାଉଣ୍ଟାଣ୍ଟ , ବ୍ୟାଙ୍କର , ବିଜିନେସ୍ ମ୍ୟାନେଜମେଣ୍ଟ , ଦକ୍ଷ ଇଞ୍ଜିନିଅର , ଆର୍କିଟେକ୍ଟ , ପାଇଲଟ , ଏରୋନଟିକାଲ ଇଞ୍ଜିନିଅର , ସିଭିଲ ଇଞ୍ଜିନିଅର , ପେଟ୍ରୋ କେମିକାଲ ଇଞ୍ଜିନିଅର , ଭୂବିଜ୍ଞାନୀ , ମହାକାଶ ବିଜ୍ଞାନୀ, ମହାକାଶଚାରୀ, ଦକ୍ଷ ସେନା ଅଧିକାରୀ, ଔଷଧ ଆବିଷ୍କାର କ୍ଷେତ୍ରରେ ଥିବା ବିଜ୍ଞାନୀ , ଦକ୍ଷ ଲେଖକ , ଖେଳାଳି, ଚିତ୍ରକର ତଥା ଦେଶକୁ ଚଳାଉଥିବା ଦକ୍ଷ ନେତୃତ୍ୱ ନେବା ପରି ଅନେକ ସମ୍ମାନ ଜନକ ବିଦ୍ୟା ଅଧ୍ୟୟନ ନ' କରାଇ ସନ୍ତାନକୁ କେବଳ ଡାକ୍ତର ହେବାପାଇଁ କାହିଁକି ବାଧ୍ୟ କରନ୍ତି ? ତା' ହୁଏତ ସେମାନେ ଜାଣନ୍ତି ବା ସେମାନେ ଏହି ସବୁ ପାଠ୍ୟକ୍ରମ ଭାରତରେ ଅଛି ବୋଲି ଜାଣି ନାହାନ୍ତି । ସେ ଯାହାବି ହେଉ ଅନେକ ଥିଲା ବାଲା ଅଭିଭାବକ ତାଙ୍କ ଜିଦ ରେ ଅଟଳ , ସେମାନେ କଳେ ବଳେ କୌଶଳେ ଲକ୍ଷ ଲକ୍ଷ ବା କୋଟି ଉପରେ ଟଙ୍କା ଖର୍ଚ୍ଚ କରିବାକୁ ପଛାନ୍ତି ନାହିଁ , ଦେଶ ଭିତରେ ନ' ମିଳିଲେ ବିଦେଶରେ ପିଲାକୁ ପଢ଼ାଇ ବାକୁ ଚେଷ୍ଟା କରନ୍ତି ତେଣିକି ଯାହା ହେଉଛି ହେଉ । ଗତ ବର୍ଷ ୟୁକ୍ରେନ ରୁଷିଆ ଯୁଦ୍ଧ ଦ୍ୱାରା ପ୍ରଭାବିତ ହୋଇ ଅନେକ ଡାକ୍ତରୀ ଛାତ୍ର ଛାତ୍ରୀ କି ଯେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେମାନେ ବା ତାଙ୍କ ଅଭିଭାବକ ଜାଣୁଛନ୍ତି । ଠିକ୍ ଅଛି ଆମ ଦେଶରେ ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହେଉଛି , ସେଥିପାଇଁ ଭିତ୍ତି ଭୂମିର ଆବଶ୍ୟକତା ଦରକାର ଆହୁରି ନୂତନ ମେଡିକାଲ କଲେଜ ଖୋଲି ଯୋଗ୍ୟ ଆଶାୟୀ ପ୍ରାର୍ଥୀ/ ପ୍ରାର୍ଥୀନୀ ମାନଙ୍କୁ ଡାକ୍ତରୀ ପଢ଼ିବାର ସୁଯୋଗ ଦେବା ଉଚିତ ଫଳରେ ବିଦେଶକୁ ଚାଲି ଯାଉଥିବା ଭାରତୀୟ ଛାତ୍ର ଛାତ୍ରୀ ମାନେ ଭାରତରେ ଡାକ୍ତରୀ ପଢ଼ିବାର ସୁଯୋଗ ପାଇବେ । ସେବା ମନୋଭାବ ରଖି ଡାକ୍ତରୀ ପଢି ଡାକ୍ତର ହେବା ଉଚିତ , କୌଣସି ଲୋଭ ରଖି ଯେଉଁ ଡାକ୍ତର ମାନେ ସମାଜରେ ଜନତାଙ୍କୁ ପରୋକ୍ଷରେ ଲୁଟୁଛନ୍ତି ସେମାନେ ସମାଜ ପାଇଁ କଳଙ୍କ । ଅନେକ ବିଖ୍ୟାତ ଡାକ୍ତରଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ସେମାନଙ୍କ ସେବା, ତ୍ୟାଗ ତାଙ୍କୁ ଜୀବିତ ରଖିଛି । କୌଣସି କାର୍ଯ୍ୟ ଖରାପ ନୁହେଁ ତେବେ ପାଗଳ ପରି ନିଜ ସନ୍ତାନକୁ କେବଳ ଡାକ୍ତରୀ ପଢ଼ାଇବାକୁ ଯାଇ ବିଫଳତା ଜନିତ କଷ୍ଟ ନ' ଭୋଗନ୍ତୁ ବା ସନ୍ତାନର ଶିକ୍ଷା ବର୍ଷ ନଷ୍ଟ ନ' କରନ୍ତୁ ଏହାହିଁ ଅନୁରୋଧ ।

ବରିଷ୍ଠ ନାଗରିକ, ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# କଲ୍ୟାଣମୟୀ କନ୍ୟା

## ଡ଼ଃ.ଅରୁନ୍ଧତୀ ଦେବୀ



ଚଳିତ ବର୍ଷର ଆନ୍ତର୍ଜାତିକ କନ୍ୟା ଦିବସ ଅନେକ ଗୁରୁତ୍ୱ ବହନ କରୁଛି। କାରଣ ସମଗ୍ର ବିଶ୍ୱରେ ସର୍ବବୃହତ୍ତ ଗଣତନ୍ତ୍ରର ମର୍ଯ୍ୟାଦା ପାଇଥିବା ଭାରତରେ ବର୍ଷ ବର୍ଷ ଧରି ପଡ଼ି ରହିଥିବା ମହିଳା ସଂରକ୍ଷଣ ବିଲ ପାରିତ ହୋଇଛି। ମହିଳାମାନେ ଆଜି ସବୁ କ୍ଷେତ୍ରରେ ନିଜ ସ୍ୱତନ୍ତ୍ରତା ଓ ଶ୍ରେଷ୍ଠତା ପ୍ରତିପାଦନ କରିବାରେ ସମର୍ଥ ହୋଇଛନ୍ତି। ଭାରତର ମହାମହିମ ରାଷ୍ଟ୍ରପତି ଭାବେ ଅଧିଷ୍ଠିତ ହୋଇଛନ୍ତି ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ। ଦିନ ଥିଲା କନ୍ୟାମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖାଯାଉଥିଲା। କିନ୍ତୁ ଏବେ ସମୟ ବଦଳିଯାଇଛି । ପୁରୁଷଙ୍କ ସହ ସେମାନେ ପାଦ ମିଳାଇ ଚାଲୁଛନ୍ତି । କେବଳ ସେତିକି ନୁହେଁ, ଅନେକ ମହିଳା ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ହେଲେ ଏବେ ବି ଏପରି ଅଞ୍ଚଳ ରହିଛି ଯେଉଁଠି ମହିଳାମାନେ ଶିକ୍ଷା ଠାରୁ ଦୂରରେ ଅଛନ୍ତି । ବିଶେଷଭାବରେ ନିପଟ ମଫସଲରେ ରହୁଥିବା ମହିଳାମାନେ ଶିକ୍ଷାର ମହତ୍ତ୍ୱକୁ ସେଭଳି ଉପଲବ୍ଧି କରିପାରି ନାହାନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ ମହିଳାମାନେ କିପରି ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିବେ, ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୪କୁ ଆନ୍ତର୍ଜାତୀୟ କନ୍ୟା ଦିବସ ଭାବରେ ପାଳନ କରାଯାଉଛି । ଏମାନେ କିପରି ଶିକ୍ଷା ସମ୍ପର୍କରେ ଜାଣିପାରିବେ, ଏଥିନେଇ ଆଗ୍ରହ ପ୍ରକାଶ କରିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ତେଣୁ ଏ କ୍ଷେତ୍ରରେ ଜନସଚେତନତାର ଭୂମିକା ରହିଛି । ଚଳିତବର୍ଷ 'ଆନ୍ତର୍ଜାତୀୟ କନ୍ୟା ଦିବସ' ଅବସରରେ ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



ତେବେ କଲ୍ୟାଣମୟୀ କନ୍ୟାଟି ଆଜି ସବୁ କ୍ଷେତ୍ରରେ ନିଜର ଚର୍ତୁଦିଗକୁ ସୁରକ୍ଷିତ ମନେ କରୁନାହିଁ । ନିଜ ପରିପାର୍ଶ୍ୱିକ ଅବସ୍ଥାରେ ସେ ସବୁଠି ବିପଦକୁ ସାମ୍ନା କରୁଥିବା ବେଳେ କେବଳ ସେ ଝିଅଟି ପାଇଁ ଦାୟିତ୍ୱ ତା ବାପା ମାଆଙ୍କର ବା ଅଭିଭାବକଙ୍କର ନୁହେଁ ଏହା ହେଉଛି ଆମ ସମସ୍ତଙ୍କ ପ୍ରତି ବଡ଼ ଗୁରୁଦାୟିତ୍ୱ । ନୂଆଦିଲ୍ଲୀର ସେହି ଝିଅଟି ପ୍ରତି ପାଶବିକତାର ଯନ୍ତ୍ରଣାଦାୟକ ଘଟଣା ପରେ କେନ୍ଦ୍ର ସରକାର ହୁଅନ୍ତୁ ବା ରାଜ୍ୟ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ଯୋଜନା ହାତକୁ ନେଇଥିଲେ ବି ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ଯେ ଝିଅଟିଏର ଦୁଃଖ କିନ୍ତୁ ସରୁନାହିଁ । ନିଜ ଅଭାବ ଅଭିଯୋଗକୁ ଅଧିକାଂଶ କ୍ଷେତ୍ରରେ କର୍ଣ୍ଣପାତ କରାଯାଉ ନଥିବା ତଥା ବଣମଲ୍ଲୀ ପରି ପ୍ରତିଭାବାନ ଅନେକ ଝିଅଙ୍କ ପ୍ରତିଭାକୁ ଗଣମାଧ୍ୟମରେ ଲୋକଲୋଚନକୁ ଆଣିବା ପରେ ତାହା ବାହାରକୁ ସତ୍ୟରୂପରେ ପରିପ୍ରକାଶ ହେଉଛି । ତେଣୁ ଏହି କ୍ଷେତ୍ରରେ ସତ ପ୍ରଶ୍ନ ଉଠୁଛି ଆମ୍ଭେମାନେ ଝିଅଟି ପ୍ରତି ନିଜ କଲ୍ୟାଣର ହାତ ରଖୁଛେ କି ? କେବଳ ଗ୍ରାମାଞ୍ଚଳ ବା ଆଦିବାସୀ ବହୁଳ ଅନ୍ଧାରୀ ମୂଳକ ନୁହେଁ ସହରାଞ୍ଚଳରେ ଦିନ ଦି'ପହରରେ ଝିଅଟିଏ ନିଜକୁ ସୁରକ୍ଷିତ ମନେ କରୁନାହିଁ ଏ ନେଇ ଅନେକ ଘଟଣାର ଚିତ୍ର ବାହାରକୁ ଆସୁଥିଲେ ବି ଆମ ମାନଙ୍କ ବିବେକ କିନ୍ତୁ ଆମମାନଙ୍କୁ କୌଣସି ପ୍ରକାର ଶିକ୍ଷା ଦେଉନି । ବରଂ ଆମ ଭିତରେ ଦିନକୁ ଦିନ ପାଶବିକତାର ରାକ୍ଷସ ଭୟାନକ ଦାନବର ରୂପ ନେଇ ଅନେକ ଅଘଟଣ ସଂଘଠିତ କରିଦେଉଛି । ବଡ଼ ପ୍ରଶ୍ନ ହେଉଛି ଆମେ ଜଣେ ମା'ଆ ଠାରୁ ଜନ୍ମ ଲାଭ କରିଛେ ଯିଏ ବି ଦିନେ କନ୍ୟାଟିଏ ଥିଲା ଏବଂ ଘର ସଂସାର କରିଥିବା ଅର୍ଦ୍ଧାଙ୍ଗିନୀ ବି ହେଉଛି ଜଣେ ଝିଅଟିଏ ଏହି ପରିପ୍ରେକ୍ଷୀରେ କନ୍ୟା ରତ୍ନଟିକୁ ଆମେ କିପରି କଲ୍ୟାଣମୟୀ କନ୍ୟା କହିପାରିବା ତାହା ହେଉଛି ସବୁଠାରୁ ବଡ଼ ପ୍ରଶ୍ନ । ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନରେ ଏହି ଲେଖିକା ସେବା କାର୍ଯ୍ୟକ୍ରମ ଭିତରେ ଓଡ଼ିଶା ଏବଂ ଭାରତର ଅନେକ ସ୍ଥାନରେ ସ୍ଥାନୀୟ ଲୋକଙ୍କ ସହ ସୁଖଦୁଃଖ ହେଲାବେଳେ ଆମ କନ୍ୟା ସମାଜର ଅନେକ ଅନ୍ଧାରି ଜୀବନ କାହାଣୀ ତାକୁ ମର୍ମାହତ କରିଥାଏ। ପୂଜ୍ୟଶ୍ରୀ କୁମାର ଭାଇ ଗଢ଼ିଥିବା ଅନୁଷ୍ଠାନଟି କେବଳ କିଛି ଉତ୍ସର୍ଗୀକୃତ ସମାଜ ସେବା ପାଇଁ ସମର୍ପିତ ମହିଳା ମାନଙ୍କ ଦ୍ୱାରା ହିଁ ପରିଚାଳିତ ହେଉଛି। ହେଲେ ଏହି ଲେଖିକା ଅନୁଭବ କରିଛି ଯେ ବର୍ତ୍ତମାନ ବି ଆମ ତଥାକଥିତ ପ୍ରଗତିଶୀଳ ସମାଜରେ ଝିଅଟିଏ ପାଇଁ ଯଥାର୍ଥ ଭାବରେ ଆମ ସମସ୍ତଙ୍କର ପ୍ରେରଣା, ଆଶୀର୍ବାଦ ସତେଯେପରି ରହୁନାହିଁ। ଆଜି ଆନ୍ତର୍ଜାତିକ କନ୍ୟା ଦିବସ ଅବସରରେ ଆମ ସମସ୍ତଙ୍କ ଭିତରେ କଲ୍ୟାଣମୟୀ କନ୍ୟାଟି ଉପରେ ଆଶୀର୍ବାଦର ହାତ କିପରି ସଂଚାରିତ ହେବ ତାହା ସମସ୍ତଙ୍କ ଭିତରେ ନୈତିକ ମୂଲ୍ୟବୋଧ ପାଇଁ ବଡ଼ ଆହ୍ୱାନ ହେଉ । ଆଜି ପରି ସ୍ମରଣୀୟ ଦିବସର ଗୁରୁତ୍ୱପୂର୍ଣ୍ଣ ସଂକଳ୍ପ ରହୁ ଯେ କନ୍ୟାରତ୍ନଟି ପ୍ରତି ସବୁ କ୍ଷେତ୍ରରେ ସବୁ ପ୍ରକାରରେ ସୁରକ୍ଷା ଠାରୁ ତା'ର ବିକାଶ ଏବଂ ପ୍ରଗତି ଠାରୁ ତାର ପ୍ରତିଟି ଚିନ୍ତନ ଓ ପ୍ରତିଭାକୁ ଲୋକଲୋଚନକୁ ଆଣି ତାକୁ ସାମାଜିକ ବିକାଶରେ ସାମିଲ କଲେ ଏହି ଦିବସର ମହତ୍ତ୍ୱ ପ୍ରତିପାଦିତ ହୋଇପାରନ୍ତା ।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
(ମୋ) : ୯୯୩୭୧୭୨୮୧୦

# ପୁରାଣ କଥା, ପୁରୁଣା କଥା

## ଉତ୍କଳାନନ୍ଦ ଅଜୟ କୁମାର ବେହେରା



ଆମ ହିନ୍ଦୁ ଧର୍ମରେ ୧୮ଶଟି ପୁରାଣ, ଏ ମଧ୍ୟରେ ମହାଭାରତ ଏକ ଭିନ୍ନ ଶାସ୍ତ୍ର ପୁଣି ଏଇ ମହାଭାରତରେ ଏକ ବିଶେଷ ଅଂଶ ଭଗବତ ଗୀତା, ମହାଭାରତରେ ୧୮ଟି ପର୍ବ ଗୀତାରେ ୧୮ଟି ଅଧ୍ୟାୟ, ଅକ୍ଷରରୁ ଅଙ୍କ ଓ ଅଙ୍କ ଶାସ୍ତ୍ରର ନିୟମ ଅଙ୍କ ମାନଙ୍କର ଓଲଟ ଗଣନା ଏଥିରୁ କରାଯିବ। ଏଇ ୧୮ ହେଉଛି ଜୟ ଅକ୍ଷରର ଅଙ୍କର ଚମତ୍କାର ପ୍ରକୃତିରେ ଏହା ୟଜ ବା ୟ, ଜ ଓଲଟ ହେତୁ ଜୟ ହେଉଛି। ମହାଭାରତର ନାମ ରଖାଯାଇଛି ଜୟଶାସ୍ତ୍ର। ଜୟ କଥା ଉଠିଲେ ଯୁଦ୍ଧ ଯେ ଅଛି ଏକଥା ନିଶ୍ଚିନ୍ତ ଯୁଦ୍ଧର ଭିତ୍ତି ଏ ଶାସ୍ତ୍ରରେ ଅନେକ ରହିଲେ ବି ମହାଭାରତ ଯୁଦ୍ଧ ଏଥିରେ ମୁଖ୍ୟ ବିଷୟ। କଳ୍ପନା କରାଯାଇଛି କୌରବଙ୍କର ଏକ ଶତଭାଇ ପାଣ୍ଡବ ପାଞ୍ଚ ଭାଇ ଏଥିରେ ଯୁଦ୍ଧ ଦାନା ବାନ୍ଧିଛି। ଜିତାପଟ ପାଣ୍ଡବଙ୍କର ହୋଇଛି। ହାତି, ରଥ, ଘୋଡ଼ା, ପଦାତିକ ଆଉ ମାରାତ୍ମକ ମରଣାସ୍ତ୍ର ସହିତ ଗୋଷ୍ଠୀ ସେନା ବଳରେ ୧୧ ଅକ୍ଷୌହିଣୀ କୌରବଙ୍କର ଆଉ ପାଣ୍ଡବଙ୍କର ୭ ଅକ୍ଷୌହିଣୀର ସୈନ୍ୟବଳ ଯୁଦ୍ଧରେ ପୌରୁଷ ଓ ଦୈବ ମିଶି ରହିଛି। ଏଥିରେ କେତେ ଧନ ଜନ ପଶୁକ୍ଷୟ କି ଅସ୍ତ୍ରାଘାତରେ ବିକଳ କ୍ରନ୍ଦନ ଏହା ଯୁଦ୍ଧଭୂମିରେ କାହା ମନରେ ଦୟା ଆଣୁ ନଥିଲା କ୍ଷୟ ହୋଇ ହୋଇ ମାତ୍ର ହାତଗଣତି ବ୍ୟକ୍ତି ବଞ୍ଚିଲେ।

କୌରବଙ୍କ ନେତା ଦୁର୍ଯ୍ୟୋଧନ ତାର ଆଉ ଅନେଶତ ଭାଇ ସେଥିରୁ ପୁଣି ଜଣେ ଦୁଃଶାସନ। ଦୁର୍ଯ୍ୟୋଧନ ପ୍ରଜାପାଳନ କର ଆଦୟର ରାଜଧର୍ମ ଦାୟିତ୍ୱ ନିର୍ବାହ ପାଇଁ ପିତା ଅନ୍ଧରାଜାର ସମ୍ମତି ପାଇ ଯାଇଛନ୍ତି। ପିତା ଜନ୍ମାନ୍ଧ ସେ ଦେଖିପାରୁନାହାଁନ୍ତି ତା ଅର୍ଥ ଲଜ୍ୟା ମୁଖରେ ନାହିଁ। ଶରୀର ଭାଷା ସେ କାହାର ଦେଖି ଅନୁଭବ କରିବା ସମ୍ଭବନୁହଁ। କୌଣସି ଲିଖିତ ଦରଖାସ୍ତ ସେ ପ୍ରତ୍ୟକ୍ଷ କରିପାରିବେ ନାହିଁ। ଏସବୁ ତାଙ୍କର ବିଶ୍ୱାସୀ ବଡ଼ପୁଅ ଯୁବରାଜ ଦୁର୍ଯ୍ୟୋଧନ ତୁଲାଏ। କିନ୍ତୁ ଦୁର୍ଯ୍ୟୋଧନ ବାହୁଚ୍ଛାୟା ଆଦେଶରେ ଦୁଃଶାସନରରେ ପ୍ରଜା ତ୍ରାହି ତ୍ରାହି ହେଲେ ଗୁହାରୀ କଲେ ବ୍ୟକ୍ତି ନାମ ଧରାପଡୁଛନ୍ତି ସେ ଉତପୀଡ଼ନ ଶିକାର ଥିଲା ଏହାପରେ ଆହୁରୀ ଉତପୀଡ଼ନ ତହିଁରେ ଯୋଡ଼ି ହୋଇଯାଏ। ପ୍ରଜାର ସାଧାରଣ ଅଧିକାର ତତ୍କାଳ ଶାସନତନ୍ତ୍ର ଭୟଙ୍କର ଭାବରେ ରାଜଦଣ୍ଡ ଯୁକ୍ତ କରାଯାଇଛି କାଗଜ କହୁଛି ଏ ଶାସନ ଲୋକେ ଭୋଗୁଛନ୍ତି ଭିନ୍ନ ଶାସନ। ଏକ ଚିତ ବ୍ୟକ୍ତିଙ୍କର ଏକତା ବଡ଼ ଦୁଇ ଭାଇ କଣ କରୁଛନ୍ତି ଏଥିରେ ୯୮ ଜଣ ନିରବ ଦ୍ରଷ୍ଟା ଏମାନେ ଭୋଜ୍ୟ ପେୟ ବାସଗୃହ ବିଳାସ ବ୍ୟବସନରେ ରାଜକୀୟ ଛଟା ଅନୁଭବରେ ଅଛନ୍ତି। ବଡ଼ଭାଇ ବନାମ ରାଜ ପ୍ରଶାସନରେ ଏମାନେ ସତୀ ଦେଖିଲେ ବି ଆଖିବୁଜି ରହନ୍ତି। ଏମାନଙ୍କର ସ୍ୱର ରୁଦ୍ଧ ସବସେ ଚୁପ ଭଲାରେ ସମୟ କାଟି ସୁଖରେ ବସତି କରିବା ସେ ଶ୍ରେୟ ମନେ କରୁଛନ୍ତି।

ସର୍ବଦା ନୀରସ୍ତ୍ରୀକରଣ ପଦ୍ଧତି ଅଛି। ଏକ ବଡ଼ ଜନସଭାରେ ଏକ ଧର୍ମସ୍ଥଳୀରେ ଲୋକ ଯଦି ଅସ୍ତ୍ରସହ ଆସିବେ ତେବେ କଥାରେ କଥାରେ ହତିଆର ଚାଲିବା ପରିସ୍ଥିତି ଉପୁଜିପାରେ ଏଣୁ ପ୍ରବେଶ ପଥରୁ ଅସ୍ତ୍ର କାଢ଼ିନେଲେ କଥା ସରିବ। କୌରବଙ୍କ ତିନିଭାଇ ଭାରରୁ ଶତତମ ଭାଇ ଯାଏ ଅସ୍ତ୍ର ଚାଳନା ରୁଦ୍ଧ କରାଯାଇ ତାକୁ ନିରସ୍ତ୍ରୀ କରଣରେ ରଖାଯାଇଥିଲା, ଘଟଣା ଦେଖ ଏହା ବିପକ୍ଷରେ ସ୍ୱର ବି ଉତ୍ତୋଳନା କରନା। ଏମିତି ଆଦେଶ ଦୁର୍ଯ୍ୟୋଧନ ଦୁଃଶାସନ କରିଥିଲେ। ସେ ରାଜ ପ୍ରଶଂସା କରିବାରେ ବାଧା ନାହିଁ ମାତ୍ର ପ୍ରଜା ଦୁଃଖରେ ମ୍ରିୟମାଣ ହୋଇପାରିବେ ନାହିଁ ଏମିତି ଏକ ପ୍ରଶାସନ। ଏକ ଖେଳରେ ହାର ଜିତ ଅଛି। ଏଥିରେ କପଟ ଖେଳ କରି ପାଣ୍ଡବଙ୍କୁ ହରାଇ ଦିଆଯାଇଛି। ସେମାନେ ନିରୁପାୟ ତାଙ୍କର ଅଧିକାର ସଂକୁଚିତ କରାଇ ଦିଆଯାଇଛି ତାଙ୍କରି ଆଗରେ ସେମାନଙ୍କର ପତ୍ନୀକୁ ଉଲଗ୍ନ କରାଯାଉଛି। ଏହି ରାଜ ସଭାରେ ଏଥିରେ ଦୁର୍ଯ୍ୟୋଧନ ରାଜ ପରିଷଦରେ ବସିବା ଲୋକ ନିର୍ବାକ, ଦୁର୍ଯ୍ୟୋଧନଙ୍କର ୯୮ ଭାଇ ବି ନିର୍ବାକ କୌରବଙ୍କ ଅନ୍ତଃପୁର ଲାଳନା ମାନେ ବି ନିରୁତ୍ତର ଏ ଅନ୍ୟାୟ ଏକଥା କେହି କହିବାର ସ୍ୱର ନଥିଲା। ସେତିକିରେ ସରିଲା ନାହିଁ। ପାଣ୍ଡବମାନେ ରାଜବାଟୀ ରାଜ ସୁବିଧା ହରାଇ ଜଙ୍ଗଲକୁ ବାରବର୍ଷ ଯିବେ। ଏ ବାର ବର୍ଷ ପରେ ଏକ ବର୍ଷ ଅଜ୍ଞାତବାସରେ ରହିଲେ ଯଦି ଧରାପଡ଼ନ୍ତି ପୁନଃ ବାର ବର୍ଷ। ଏପରି ନିର୍ବାସନ ଦଣ୍ଡରେ ବି କେହି ମୁହଁ ଖୋଲି ନଥିଲେ। ଏହି ପ୍ରଶାସନର ଛଳନା କେତେ ଭୟାବହ। ତତ୍କାଳୀନ ମାନବିକତାରେ ରାଜ ସପକ୍ଷ ଚିନ୍ତାଧାରା ପୂର୍ଣ୍ଣ ରହିଥିଲା। କୌରବରେ ଆତ୍ମସନ୍ତୋଷ ପଦାକୁ ଆସିପାରୁ ନଥିଲା ତେବେ ଆସିଥିଲା ସେ ୯୮ ରୁ ଜଣେ ମହାଭାରତ ଯୁଦ୍ଧରେ ଦଳ ବଦଳ ବେଳେ ଦୁର୍ଦ୍ଧକ୍ଷ କୌରବ ପକ୍ଷ ଛାଡ଼ି ପାଣ୍ଡବ ପକ୍ଷରେ ଯୋଗ ଦେଇଥିଲେ।

ନାମକରଣର ଅର୍ଥ କଲେ ଦୁର୍ଯ୍ୟୋଧନ, ଦୁଃଶାସନ, ଦୁର୍ଦ୍ଧକ୍ଷ ଏସବୁରେ ଦୁ ଲାଗିଛି। ଏମାନେ ଧନ ପ୍ରଶାସନର ଆତ୍ମଚରିତାର୍ଥର ଭିନ୍ନ ପଥ ଦେଖୁଥିଲେ। ଦୁର୍ଦ୍ଧକ୍ଷ ଦକ୍ଷ ହୋଇବି କାନୁନ ବନ୍ଧନରେ ପଡ଼ି ଖାଲି କୁଦି ହେବାକଥା କାନୁନ ଏତେ କଡ଼ାକଡ଼ି ଦୁର୍ଦ୍ଧକ୍ଷଙ୍କର ଆୱାଜ ପଦାକୁ ଆସିପାରୁନଥିଲା। ଯୁଦ୍ଧରେ ଦୁର୍ଦ୍ଧକ୍ଷ ପାଣ୍ଡପ ପକ୍ଷରେ ଲଢ଼ାଇ କରି ବଞ୍ଚି ଯାଇଥିଲେ ମାତ୍ର ସ୍ୱ ମାତାଙ୍କର ଅଗ୍ନୀଦୃଷ୍ଟିରେ ପୋଡ଼ି ଧ୍ୱଂସ ହୋଇଯାଇଥିଲେ। ଏକ ପ୍ରଶାସନ ଠିକ ଚାଲୁଛି ଠିକ ରାଜଧର୍ମ ରକ୍ଷା ହେଉଛି କି ନାହିଁର ପୁଣି କଣ କଲେ ରାଷ୍ଟ୍ର ମଙ୍ଗଳ ହୋଇପାରିବ ଏପରି ମତ ଦେବା ଲୋକର ସ୍ୱରକୁ ଦୁର୍ଦ୍ଧାନ୍ତ ପ୍ରଶାସନରେ ଥିବା ରାଜା ବଳ ଲଗାଇ ଚାପି ଦିଅନ୍ତି। ମୁଁ ଧ୍ୱଂସ ଏଥିରେ ହିଁ ଲୁଚି ରହିଥାଏ। ପାର୍ଲିଆମେଣ୍ଟ ହଉ ଆସେମ୍ବ୍ଲି ହେଉ ଏଥିରେ ଥିବା ଆସନ ଗୁଡ଼ିକର ସଂଖ୍ୟାକୁ ଶତକଡ଼ାରେ ଧରିଲେ ଶାସନରେ ଆସିବା ଦଳ ଯଦି ଦୁର୍ଯ୍ୟୋଧନ ଦୁଃଶାସନର ପ୍ରକୃତିର ହେବେ ଓ ତାଙ୍କ ଦଳର ଅନ୍ୟ ସଦସ୍ୟ ଚୁପ ରହିବେ ତେବେ ପର ନିର୍ବାଚନରେ କିଛି ଦଳ ବଦଳ ହେବ ଓ ଜନତା ଅବହେଳିତ ଥିଲେ ଭୋଟରେ ଭିଟୋ ପ୍ରୟୋଗ କରିପାରନ୍ତି। ହେଲେ କେତେ ଦଳ ଟଙ୍କା, କଥା ଥୋପ, ମଦ ପିଆଇ, ମାଂସଭୋଜୀ ଦେଇ ଲୋକଙ୍କୁ କ୍ଷଣିକ ଭୁଲାଇ କେତେ ଦିନରାଜ କରିବେ। କେତେ ଭୟ ପ୍ରଦର୍ଶନ କରାଇବେ। ଏମିତି ସମୟ ଆସିବ ସବୁ ନିଶ୍ଚିହ୍ନ ହୋଇଯିବ।

ବରେଣ୍ୟ ବାଣୀ' ପିସି ସରକାର
ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ସଦଗୁରୁ ସ୍ୱାମୀ ଚିଦାନନ୍ଦ

## ହେମନ୍ତ କୁମାର ପରିଡ଼ା

ସନାତନ ସଂସ୍କୃତିର ସାଧୁସନ୍ଥ ମାନଙ୍କୁ ସୃଷ୍ଟିର ଶ୍ରେଷ୍ଠ ସମ୍ପଦ ଭାବେ ଅବିହିତ କରାଯାଇଛି। ସେହିମାନଙ୍କ ମହିମାରେ ଏହି ଧରିତ୍ରୀ ମହିମାମଣ୍ଡିତ ହୋଇଛି। ଯୁଗେ ଯୁଗେ ସେହି ମାନଙ୍କର ତପଶକ୍ତି ଧରଣୀକୁ ଧାରଣ କରିବା ସହିତ ସତମାର୍ଗ ପ୍ରଦର୍ଶନ କରିଆସିଛି। ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ସେହିଭଳି ଜଣେ ମହାନ ତପସ୍ୱୀ। ଆପଣା ତପଶକ୍ତିର ଦିବ୍ୟ ପ୍ରକାଶରେ ସାରା ବିଶ୍ୱକୁ ପ୍ରକାଶିତ କରିଛନ୍ତି। ଦକ୍ଷିଣ ଭାରତର ମାଙ୍ଗାଲୋର ଠାରେ ୧୯୧୬ ମସିହା ସେପ୍ଟେମ୍ବର ୨୪ ତାରିଖ ଦିନ ଏହି ଦିବ୍ୟ ଶିଶୁ ପିତା ଶ୍ରୀନିବାସ ରାଓ ଓ ମାତା ସରୋଜିନୀ ଦେବୀଙ୍କ କୋଳମଣ୍ଡନ କରି ଆବିର୍ଭୂତ ହୋଇଥିଲେ। କୁଳିନ ବ୍ରାହ୍ମଣ ବଂଶ, ଏକ ପ୍ରଖ୍ୟାତ ଜମିଦାର ପରିବାର। ମାମୁଁ ଘରେ ଜନ୍ମ ହୋଇ ପ୍ରାୟ ୧୬ ବର୍ଷ ଯାଏ ସେଇଠାରେ ବଢ଼ିଥିଲେ। ତାଙ୍କର ଅଜା ଥିଲେ ମାଙ୍ଗାଲୋର ଅଞ୍ଚଳର ଜଣେ ଅତ୍ୟନ୍ତ ପ୍ରସିଦ୍ଧ ବ୍ୟକ୍ତି। ଲୋକେ ତାଙ୍କୁ ମୁକୁଟ ବିହୀନ ସମ୍ରାଟ ଭାବେ ଜ୍ଞାନ କରୁଥିଲେ। ଶ୍ରଦ୍ଧାରେ ଦିବ୍ୟ ଶିଶୁଙ୍କ ନାମ ରଖାଯାଇଥିଲା ଶ୍ରୀଧର। ଜାତିର ପିତା ମହାତ୍ମା ଗାନ୍ଧୀ ଦକ୍ଷିଣ ଭାରତ ଭ୍ରମଣ ବେଳେ ଏକାଧିକ ବାର ତାଙ୍କ ଘରେ ଅତିଥି ହୋଇଥିଲେ। ଶିଶୁ ଶ୍ରୀଧର ବହୁ ବାର ତାଙ୍କ କୋଳରେ ବସିବାର ସୌଭାଗ୍ୟ ଲାଭ କରିଥିଲେ। ସେ ମାଙ୍ଗାଲୋରର ଏକ ପ୍ରସିଦ୍ଧ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ସମାପ୍ତ କରି ଉଚ୍ଚଶିକ୍ଷା ପାଇଁ ପିତୃଗୃହ ମାଡ୍ରାସ ଚାଲି ଆସିଥିଲେ। ମାତୃଗୃହ ଓ ପିତୃଗୃହ ଉଭୟର ପରିବେଶ ଥିଲା ଅତ୍ୟନ୍ତ ପବିତ୍ର। ଉଭୟ ପରିବାରର ଆଧ୍ୟାତ୍ମିକ ସଂସ୍କାର ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ମାଡ୍ରାସର ପ୍ରସିଦ୍ଧ ଲୟୋଲା କଲେଜରୁ କୃତୀତ୍ୱର ସହିତ ଉଚ୍ଚଶିକ୍ଷା ସମାପ୍ତ କରିଥିଲେ। ସଂସାରର ସମସ୍ତ ସୌଖ୍ୟ ତାଙ୍କୁ ବାନ୍ଧି ପାରିଲା ନାହିଁ। ସବୁ ଆକର୍ଷଣ ତ୍ୟାଗ କରି ସେ ପରମ ସିଦ୍ଧି ସନ୍ଧାନରେ ତପ



ସାଧନା ପାଇଁ ତପୋଭୂମି ହିମାଳୟ ଚାଲି ଆସିଲେ। ସେଠାରେ ଦିବ୍ୟ ଜୀବନ ସଂଘର ପ୍ରାଣ ପ୍ରତିଷ୍ଠାତା ମହଯୋଗୀ ସ୍ୱାମୀ ଶିବାନନ୍ଦଙ୍କ ଚରଣ କମଳରେ ନିଜକୁ ସମର୍ପି ଦେଇଥିଲେ। ୧୯୪୯ ଗୁରୁପୂର୍ଣ୍ଣିମା ଦିନ ପୂଜ୍ୟ ସ୍ୱାମୀଜୀଙ୍କ ଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ନାମରେ ପରିଚିତ ହେଲେ। ଏହି ନାମରେ ସେ ବିଶ୍ୱ ବିଦିତ ସନ୍ନ୍ୟାସୀ ଭାବେ ପରିଚିତ ହୋଇଥିଲେ।

**ସନାତନ ସଂସ୍କୃତିର ସାଧୁସନ୍ଥ ମାନଙ୍କୁ ସୃଷ୍ଟିର ଶ୍ରେଷ୍ଠ ସମ୍ପଦ ଭାବେ ଅବିହିତ କରାଯାଇଛି। ସେହିମାନଙ୍କ ମହିମାରେ ଏହି ଧରିତ୍ରୀ ମହିମାମଣ୍ଡିତ ହୋଇଛି। ଯୁଗେ ଯୁଗେ ସେହି ମାନଙ୍କର ତପଶକ୍ତି ଧରଣୀକୁ ଧାରଣ କରିବା ସହିତ ସତମାର୍ଗ ପ୍ରଦର୍ଶନ କରିଆସିଛି। ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ସେହିଭଳି ଜଣେ ମହାନ ତପସ୍ୱୀ। ଆପଣା ତପଶକ୍ତିର ଦିବ୍ୟ ପ୍ରକାଶରେ ସାରା ବିଶ୍ୱକୁ ପ୍ରକାଶିତ କରିଛନ୍ତି।**

ଗଭୀର ଆଧ୍ୟାତ୍ମିକ ସାଧନା ସହିତ ସେବା, ପ୍ରେମ ଓ ବିନୟ ଭାବକୁ ଜୀବନର ଭୂଷଣ ଭାବେ ଗ୍ରହଣ କରିନେଇଥିଲେ। ନିଜେ ବ୍ରହ୍ମାନନ୍ଦରେ ବିଭୋର ହୋଇ ସର୍ବଦା ବ୍ରାହ୍ମିସ୍ଥିତିରେ ସ୍ଥିର ରହୁଥିଲେ ଏବଂ ସାରା ସଂସାରକୁ ବ୍ରହ୍ମଙ୍କ ସ୍ୱରୂପରେ ଦର୍ଶନ କରୁଥିଲେ। ତାଙ୍କ ଆଚରଣ ଓ ଉଚ୍ଚାରଣରେ ଏହି ଭାବ ସ୍ୱଷ୍ଟ ଫୁଟି ଉଠୁଥିଲା। ଅତି ଛୋଟ ବେଳୁ ତାଙ୍କ ଠାରେ ସେବା ପ୍ରେମର ପ୍ରାବଲ୍ୟ ପରିଲକ୍ଷିତ ହୋଇଥିଲା। ଘରର ଚାରିପଟେ କୋଷ୍ଠରୋଗୀ ମାନଙ୍କୁ ରଖୁ ଅତି ଯତ୍ନର ସହିତ ସେମାନଙ୍କର ସେବାପୂଜା କରୁଥିଲେ। ଏହି ଭାବରେ ଜୀବନସାରା ବ୍ରତୀ ହୋଇ ରହିଥିଲେ। ତାଙ୍କ ମା' ଥିଲେ ଜଣେ ମହୀୟସୀ ମହିଳା। ତାଙ୍କ ପ୍ରଭାବ ତାଙ୍କ ଉପରେ ଗଭୀର ଭାବେ ପଡ଼ିଥିଲା। ମଣିଷତ ମଣିଷ ଏପରିକି ପଶୁପକ୍ଷୀ, କୀଟ ପତଙ୍ଗ ମାନେ ମଧ୍ୟ ତାଙ୍କ କୃପାକଟାକ୍ଷରୁ ବାଦ ପଡୁନଥିଲେ। ଯନ୍ତ୍ରଣାରେ ଛଟପଟ ହେଉଥିବା ଗୋଟିଏ ବୁଲା କୁକୁରର ଗଳିତ କ୍ଷତ ଦେଖି ସେ ସେହି ରାସ୍ତାକଡ଼ରେ ସେବା କରିବାକୁ ଲାଗିଗଲେ। କ୍ଷତରୁ ବାହାରୁଥିବା ପୋକ ସବୁକୁ ସଫା କରୁ କରୁ ସେ ସେହିଠାରେ ଶୋଇ ଯାଇଥିଲେ। ଏହା ଦେଖି ଗୁରୁଦେବ ଶିବାନନ୍ଦ କହିଥିଲେ ସ୍ୱାମୀ ଚିଦାନନ୍ଦ ଜଣେ ସାଧାରଣ ମଣିଷ ନୁହଁନ୍ତି। ସେ ସେବାର ଘନ ବିଗ୍ରହ। ଆଉ ଥରେ କହିଥିଲେ ସ୍ୱାମୀ ଚିଦାନନ୍ଦ ମୋର ଗୁରୁ ହେବା କଥା। କେଉଁ ପ୍ରାରବ୍ଧ ବଳରୁ ଏବେ ମୁଁ ତାଙ୍କର ଗୁରୁ ହୋଇଛି। ସେ ଜଣେ ମହାନସିଦ୍ଧ। ଏହା ତାଙ୍କର ଶେଷ ଜନ୍ମ। ସେବାର ସୁଯୋଗ ମିଳିଲେ ସେ ତଲ୍ଲୀନ ହୋଇଯାଉଥିଲେ। ସବୁ କାର୍ଯ୍ୟକୁ ପଛକରି ସେ ନାରାୟଣ ଜ୍ଞାନରେ ସେବାରତ ରହୁଥିଲେ। ଜୀବ ସେବାକୁ ଶିବ ସେବା ମଣୁଥିଲେ।

୧୯୪୮ ମସିହାରେ ଶିବାନନ୍ଦ ତାଙ୍କ ଆଶ୍ରମରେ ଆରମ୍ଭ କରିଥିଲେ ଯୋଗ ବେଦାନ୍ତ ଆରଣ୍ୟ ବିଶ୍ୱବିଦ୍ୟାଳୟ। ସ୍ୱାମୀ ଚିଦାନନ୍ଦ ହୋଇଥିଲେ ତାର କୁଳପତି ଓ ରାଜଯୋଗ ପ୍ରାଚାର୍ଯ୍ୟ। ଗୁରୁଙ୍କ ଆଦେଶ ରୂପକ ଆଶୀର୍ବାଦ ଧାରଣ କରି ସେ ବିଶ୍ୱଭ୍ରମଣ କରିଥିଲେ। ଗୁରୁବାଣୀ ମାଧ୍ୟମରେ ଭାରତୀୟ ସଂସ୍କୃତି ଯୋଗବେଦାନ୍ତର ପ୍ରଚାର ପ୍ରସାର କରି ସେ ପାଶ୍ଚାତ୍ୟ ଭକ୍ତମାନଙ୍କର ହୃଦୟ ଜିଣି ନେଇଥିଲେ। ପାଶ୍ଚାତ୍ୟ ଭକ୍ତମାନେ ତାଙ୍କୁ ଭାରତର ସେଣ୍ଟ ଫ୍ରାନସିସ ଓ ଶାନ୍ତିଦୂତ ଭାବେ ଅବିହିତ କରୁଥିଲେ। ମର୍ଯ୍ୟାଦାର ଚରମ ପରାକାଷ୍ଠା ତାଙ୍କ ବ୍ୟବହାରରେ ପରିଦୃଷ୍ଟ ହେଉଥିଲେ। ନମ୍ରତା ତାଙ୍କର ଭୂଷଣ ଥିଲା। ଭାରତ ବର୍ଷର ବଡ଼ ବଡ଼ ମହାତ୍ମ୍ୟମାନେ ତାଙ୍କୁ ପ୍ରେମର ଅବତାର, ଭଗବାନ ଶ୍ରୀରାମଙ୍କ ଅବତାର ବୋଲି ମଧ୍ୟ କହିବାକୁ ଭୁଲୁନଥିଲେ। ସ୍ୱାମୀ ଚିଦାନନ୍ଦଜୀ ସାରା ବିଶ୍ୱରେ ଗୀତାର ଜଣେ ପ୍ରଚଣ୍ଡ ପ୍ରବକ୍ତା। ଏକଦା ଏକ ବିଶ୍ୱବିଦ୍ୟାଳୟରେ ସ୍ଥିତପ୍ରଜ୍ଞ ଲକ୍ଷଣ ଉପରେ ଗୀତାର ୨ୟ ଅଧ୍ୟାୟ ବୁଝାଉଥିଲେ। ଜଣେ ପ୍ରଫେସର ପ୍ରଶ୍ନକଲେ ସ୍ୱାମୀଜୀ ଆପଣ ସ୍ଥିତପ୍ରଜ୍ଞର ଯେଉଁ ସବୁ ଲକ୍ଷଣ ବର୍ଣ୍ଣନା କରୁଛନ୍ତି, ଏପରି ବ୍ୟକ୍ତି କ'ଣ ପୃଥିବୀରେ ସମ୍ଭବ। ସ୍ୱାମୀଜୀ ତତକ୍ଷଣାତ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ନାମ ଉଲ୍ଲେଖ କରିଥିଲେ। ଦିବ୍ୟ ଜୀବନ ସଂଘର ସଭାପତି ସ୍ୱାମୀ ଚିଦାନନ୍ଦଜୀ ମହାରାଜ ଜଣେ ସ୍ଥିତପ୍ରଜ୍ଞ ଯୋଗୀ ଭାବରେ ନର ଦେହରେ ନାରାୟଣ ଭଳି ଋଷିକେଶ ସ୍ଥିତ ଶିବାନନ୍ଦ ଆଶ୍ରମରେ ନିବାସ କରୁଛନ୍ତି। ସତରେ ସ୍ୱାମୀ ଚିଦାନନ୍ଦଜୀଙ୍କ ଭଳି ପର ଦୁଃଖକାତର ମହାତ୍ମା ସଂସାରରେ ବିରଳ। ସେ ଥିଲେ ଜଣେ ସୁଲେଖକ, ସୁବକ୍ତା, ସୁସଙ୍ଗଠକ, ସମାଜ ସଂସ୍କାରକ। ସମାଜର ସମସ୍ତ ସମସ୍ୟା ସମାଧାନ କରି ଏକ ସୁସ୍ଥ ସମାଜ ଗଠନରେ ସେ ନିତ୍ୟ ବ୍ରତୀ ଥିଲେ। ତାଙ୍କ ନାମ ଶୁଣି ଲୋକମାନେ ଦର୍ଶନ ପାଇଁ ଜମା ହୋଇଯାଉଥିଲେ। ମଧୁର ସମ୍ଭାଷଣ ଅନେକ ମୁର୍ମୁକ୍ଷୁଙ୍କ ହୃଦୟରେ ଆତ୍ମଜ୍ଞାନର ବୀଜ ବପନ କରୁଥିଲା। ସ୍ୱାମୀଜୀ ଥିଲେ ପ୍ରଖର ପ୍ରଜ୍ଞା ଓ ସଜଳ ଶ୍ରଦ୍ଧାର ମିଳିତ ତନୁ। ଶ୍ରଦ୍ଧା, ପ୍ରେମ, ଜ୍ଞାନ, ଭକ୍ତି, ବୈରାଗ୍ୟର ଘନ ବିଗ୍ରହ। ୧୯୬୩ରେ ଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜ ମହାସମାଧି ପ୍ରାପ୍ତ ହେଲେ। ସେବେଠାରୁ ବିଶ୍ୱ ଦିବ୍ୟ ଜୀବନ ସଂଘର ଗୁରୁ ଦାୟିତ୍ୱ ନିର୍ବାହ ଭାର ତାଙ୍କ ଉପରେ ରହିଲା। ୨୦୦୮ ଅଗଷ୍ଟ ୨୮ ତାରିଖ ମହାସମାଧି ଯାଏ ସେ ସଭାପତି ଭାବେ ଏହି ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ସ୍ୱାମୀଜୀଙ୍କର ପଞ୍ଚଭୂତ ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା। ହେଲେ ଗୁରୁ ଚିଦାନନ୍ଦ କୋଟି ପ୍ରାଣରେ ପ୍ରେରଣା ଓ ମାର୍ଗ ଦର୍ଶନର ଉତ୍ସ ହୋଇ ଅମର ହୋଇଗଲେ। ମହାନ ସଦଗୁରୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କୁ ସଭକ୍ତି ପ୍ରଣାମ।

♥ ମାଳତୀକୁଞ୍ଜ, ପ୍ଲଟ ନଂ-୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ,
(ମୋ) : ୮୭୬୩୧୦୭୧୨୬

# କବିତ୍ୱ ଏକ ମୁକ୍ତ ଚେତନା

## କାଳୀପଦ ପଣ୍ଡା



ସମଗ୍ର ଜଗତରେ ମଣିଷ ଦୁଇଟି ପରିଚୟରେ ଜୀଇଁ ଥାଏ । ଗୋଟିଏ ବୃତ୍ତି ଅନୁଯାୟୀ ଏକ ପରିଚୟ ଅନ୍ୟଟି ପ୍ରବୃତ୍ତି ଅନୁଯାୟୀ ଆଉ ଏକ ପରିଚୟ । ଉଭୟ କାର୍ଯ୍ୟ ଦ୍ୱାରା ସମାଜରେ ମଙ୍ଗଳସାଧିତ ହୁଏ । ବୃତ୍ତିଗତ କର୍ମରେ ସେ ଯଦିଓ ସେଥିପାଇଁ ପାରିଶ୍ରମିକ ମୂଲ୍ୟ ଗ୍ରହଣକରେ ମାତ୍ର ତାହାଦ୍ୱାରା ସଂପାଦିତ କର୍ମରୁ ଯେଉଁ ଫଳଲାଭ ହୁଏ, ତାହାତ ଅଗଣନ ଜନସାଧାରଣଙ୍କ ସେବାରେ ଲାଗେ । ଅନ୍ୟପକ୍ଷରେ ପ୍ରବୃତ୍ତିଗତ କର୍ମରୁ ମଧ୍ୟ ସମାଜ ଅଶେଷ ଉପକାର ପାଇଥାଏ । ଉଦାହରଣ ସ୍ୱରୂପ - ନୃତ୍ୟାଙ୍ଗନାର ନୃତ୍ୟ, ସଂଗୀତଜ୍ଞର ସଂଗୀତ, କଳାକାରର ଅଭିନୟ, ଚିତ୍ରକରର ଚିତ୍ର ଭଳି ଲେଖକଙ୍କ ଲେଖା ଭିତରୁ ସମାଜର ଅଗଣନ ଜନସାଧାରଣ ଅକଳନ ଉପକାର ଲଭିଥାନ୍ତି । ଏଥିରୁ ସ୍ୱଷ୍ଟହୁଏ ଯେ, କୌଣସି ବି ବୃତ୍ତି ବା ପ୍ରବୃତ୍ତି ହିଁ ବ୍ୟକ୍ତିକୁ ସାମାଜିକ ପରିଚୟ ଦେବାରେ ସହାୟକ ହୋଇଥାଏ । କିନ୍ତୁ ଯେଉଁ ପ୍ରଶ୍ନଟି ପଚରାଯାଇଛି "କବି ହେବା ପଛରେ ସାମାଜିକ ପରିଚୟ ବା ସ୍ୱୀକୃତି ଛଡ଼ା ଆଉସବୁ କ'ଣ କାରଣ ଥାଏ" ଏଥିରେ କିନ୍ତୁ ସାମାଜିକ ପରିଚୟ ଅନ୍ୱେଷା ଠାରୁ ଅଧିକ ଭାବେ ଯେଉଁ କାରଣଟି ନିହିତ, ତାହାହେଲା ସର୍ଜନଶୀଳ ସ୍ରଷ୍ଟାର ଆତ୍ମିକ ଆନନ୍ଦ । ସେଇ ଆନନ୍ଦ ଯେବେ ଅନ୍ୟର ହୃଦୟରେ ରେଖାପାତ କରିଯାଏ, ସ୍ରଷ୍ଟାର ପରିଚୟ ଓ ପ୍ରତିଷ୍ଠା ବଢ଼ିଯାଏ । ପ୍ରତ୍ୟେକ ବ୍ୟକ୍ତିଙ୍କର ମନ ଓ ହୃଦୟରେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ ଓ ଅନୁଭୂତି ଆସେ । ମାତ୍ର ସେସବୁକୁ ଶବ୍ଦରେ ରୂପାୟିତ କରି ପରିପ୍ରକାଶ କରାଇବା ସଭିଙ୍କ ପକ୍ଷରେ ସମ୍ଭବପର ହୋଇନଥାଏ । ଗୋଟିଏ ପ୍ରଦେଶର କୋଟିକୋଟି ଲୋକଙ୍କ ଭିତରୁ

**ସାମାଜିକ ପରିଚୟ ଅନ୍ୱେଷା ଠାରୁ ଅଧିକ ଭାବେ ଯେଉଁ କାରଣଟି ନିହିତ, ତାହାହେଲା ସର୍ଜନଶୀଳ ସ୍ରଷ୍ଟାର ଆତ୍ମିକ ଆନନ୍ଦ । ସେଇ ଆନନ୍ଦ ଯେବେ ଅନ୍ୟର ହୃଦୟରେ ରେଖାପାତ କରିଯାଏ ।**

ମାତ୍ର କେତେଶହ ଜଣ ହୁଏତ ଲେଖକ ମିଳନ୍ତି । ସେ ମଧ୍ୟରୁ ପୁଣି ମୌଳିକ ସ୍ରଷ୍ଟାଙ୍କ ସଂଖ୍ୟା ଅତ୍ୟଳ୍ପ । ଏଣୁ କବି ହେବା ଯେ ଏକ ଐଶ୍ୱରିକ ବରଦାନ ତାହାକୁ ସ୍ୱୀକାର କରିବାକୁ ପଡ଼ିବ । ଜଣେ ଚାହିଁଲେ ଅନେକ ପଢ଼ାପଢ଼ି ପରେ ହୁଏତ କିଛି ସର୍ଜନାତ୍ମକ ରଚନା ଲେଖିପାରେ ମାତ୍ର ତାହା ହୃଦୟର ଭାବାବେଗର ପରିପ୍ରକାଶ ନ ହୋଇଥିବାରୁ ଅନ୍ୟର ହୃଦୟତନ୍ତ୍ରୀରେ ସେ ସବୁ ରଚନା ଗଭୀର ରେଖାପାତ କରିପାରେନା ।

କବି ଓ କବିତା, ଏହା ହେଉଛି ଶକ୍ତିଶାଳୀ ଅନୁଭବର ପରିପ୍ରକାଶ । ଭାବାତ୍ମକ ଶବ୍ଦମାନଙ୍କୁ ଗୋଟିଏ ପରେ ଗୋଟିଏ ଖଞ୍ଜାଯାଏ । କବିତାର ଭାବପର୍ଯ୍ୟାୟ ଗଭୀରତମ ପ୍ରଦେଶରେ ଆତ୍ମଗୋପନ କରିଥାଏ । କବିତ୍ୱ ଏକ ମୁକ୍ତ ଚେତନା । କଳ୍ପନାର ପୁଟ ରହୁଥିଲେ ବି ଏକ ଉତ୍ତରିତ ଚେତନାର ସ୍ଫୁରଣ କବିତାର ଅନ୍ତରାତ୍ମାରେ ବସା ବାନ୍ଧିଥାଏ । ଏକ ଭାବକୁ ପ୍ରକାଶ ପାଇଁ ଚିତ୍ରକଳ୍ପ, ଉପମା ଓ ରୂପକର ସାହାଯ୍ୟ ନିଆଯାଏ । ଗୋଟାଏ ଗୋଟାଏ ନିର୍ଦ୍ଦିଷ୍ଟ ଅବସ୍ଥା ଉପରେ ଆଲୋକପାତ କରି କବିଟିଏ କବିତା ରଚନା କରିଥାଏ । କିନ୍ତୁ କବିତାର ରଚନା ସମୟରେ କବିକୁ କଳା ଓ କାଳଜ୍ଞାନ ଉପରେ ଦୃଷ୍ଟି ରଖିବାକୁ ପଡ଼େ ।

ସଂଘର୍ଷ ଓ ସଂଘାତ ଭିତରେ ବ୍ୟକ୍ତି ଯେବେ ଉବୁଟୁବୁ ହୁଏ ବା ପ୍ରତାରଣା ଓ ପ୍ରବଞ୍ଚନାର ଶିକାର ହୋଇଯାଏ, ସେତେବେଳେ ତା'ର କ୍ଷତାକ୍ତ ହୃଦୟର ଅବ୍ୟକ୍ତ ବେଦନାସବୁ ବାହାରି ଆସନ୍ତି ଲେଖନୀମୁନରେ । ଆଉ ସେ ସେସବୁକୁ ପ୍ରକାଶ କରାଇ ସେ ଚରମ ପ୍ରଶାନ୍ତି ଲଭି ନିଜକୁ ଅଧିକ ଧୈର୍ଯ୍ୟଶୀଳ କରାଏ । ଆର୍ଯ୍ୟବର୍ତ୍ତ ଭାରତର ପ୍ରଥମ କବିତା, ମହାମୁନି ବାଲ୍ମିକୀ ସେମିତି ଏକ ବିୟୋଗାନ୍ତକ ଘଟଣାର ପ୍ରତ୍ୟକ୍ଷାନୁଭୂତିକୁ ଆଧାରକରି ଲେଖିଥିଲେ । ଅର୍ଥାତ୍ କ୍ରୌଞ୍ଚ ଦମ୍ପତ୍ତି ବ୍ୟାଧର ଶରାଘାତରେ ଯେଭଳି ଲୋତକାପ୍ଳୁତ ହୋଇଥିଲେ ସେହି ସମୟର ଅବସ୍ଥାକୁ ନିରୀକ୍ଷଣ କରି ବାଲ୍ମିକୀ ଗାଇ ଉଠିଥିଲେ -

"ମା ନିଷାଦ
ପ୍ରତିଷ୍ଠାତ୍ୱମଗମଶାଶ୍ୱତୀ ସମା
ଯତ୍ କ୍ରୌଞ୍ଚ ମିଥନା
ଦେକମବଧିକାମ୍ ମୋହିତମ୍ ।"

ଏଥିରୁ ସୁସ୍ପଷ୍ଟ ଯେ, ଏକ ଅଭାବନୀୟ ଘଟଣାପ୍ରବାହ ହିଁ ଅନ୍ତରାତ୍ମାରେ କବିତାକୁ ଜନ୍ମଦିଏ । ପ୍ରାପ୍ତି ଅପ୍ରାପ୍ତିର ଦହନ, ଇଚ୍ଛା ଅଭୀପ୍ସାର ପ୍ରତିବନ୍ଧକ ତଥା ବିମୁଗ୍ଧ ଚିତ୍ରପଟ କବିତାର ଭାବଭୂମି ହୋଇଯାଏ । କବିତା ସାହିତ୍ୟର ସବୁଠାରୁ ସୃଜନଶୀଳ କଳାତ୍ମକ ଅପ୍ରସସ୍ତ ବିଭାଗ । ଚେତନାର ବିଭିନ୍ନ ଦିଗକୁ ସଞ୍ଚରିଗଲେ ହିଁ କବିତା ସୃଷ୍ଟିହୁଏ ।

କବିତା ଲେଖିହୁଏ, ଲେଖେଇ ହୁଏନାହିଁ । କବିତା ଓ କବି ପରସ୍ପର ପରିପୂରକ । ବାପ ଓ ଝିଅର ସମ୍ପର୍କ ଭଳି । କବିତା ଅନୁଭବ, କବି ଅନୁଭବୀ । କବିର ସୃଜନଶୀଳ ଶକ୍ତି ହିଁ କବିତା । ଏତିକି କୁହାଯାଇପାରେ, ଗଭୀର ଅନ୍ତର୍ଚେତନା, ଅନୁଭବ ଓ ଅନୁଭୂତି ହିଁ ସାର୍ଥକ କବିତା ।

କବି ବା ସର୍ଜନଶୀଳ ସ୍ରଷ୍ଟା ଜନନୀ ପର୍ଯ୍ୟାୟର । ଜନନୀଟିଏ ଯେଭଳି ସନ୍ତାନ ପ୍ରସବ କରିବା ପରେ ଦିବ୍ୟ ଆନନ୍ଦ ଓ ଉଲ୍ଲାସରେ ଆନନ୍ଦାୟିତ ହୁଏ, ଠିକ୍ ସେହିଭଳି କବି କବିତାଟିଏ ବା ଗାଳ୍ପିକ ଗଳ୍ପଟିଏ ଲେଖି ସାରିବା ପରେ ସେହି ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇଥାଏ । ବିଶେଷକରି ନିଜର ସୃଷ୍ଟ ରଚନାକୁ ପଢ଼ିବା ବେଳେ ତା' ଭିତରେ ଯେଉଁ ଆନନ୍ଦ ଅନୁଭବ ହୁଏ ତାହା ହୋଇଯାଏ ସାର୍ବଜନୀନ ଓ ସାର୍ବକାଳୀନ । ସେ କ୍ଷୁଦ୍ରତା ମଧ୍ୟରୁ ମୁକ୍ତିପାଇ ଏକ ସୀମା ଓ ସମୟକୁ ଲଙ୍ଘି ଯାଇଥାଏ ଏବଂ ତା'ର ସେହି କୃତୀ ବିଶ୍ୱବାସୀଙ୍କ ନିକଟରେ ପିଢ଼ି ପରେ ପିଢ଼ି ପାଇଁ ସ୍ଥାୟୀ ସମ୍ପତ୍ତିରେ ପରିଣତ ହେବାର ଅନନ୍ତ ସୁଖ ଲାଭ କରେ, ଯାହା ତାହାକୁ ପ୍ରଲୁବ୍ଧ କରେ ନୂତନ ସର୍ଜନାର ଭୂମି ଓ ଭୂମାକୁ ଆପଣେଇବା ପାଇଁ ।

■ ସମ୍ପାଦକ: 'ଓଡ଼ିଆ ମୁଖଶାଳା ସୁବର୍ଣ୍ଣଶ୍ରୀ', ସୁନାରୁଇ, ବାଲିଆପାଳ, ବାଲେଶ୍ୱର

# ଧାରାବାହିକ ଅନୁବାଦ ଉପନ୍ୟାସ-(୩୯)

# ମାଆ



ମୂଳ ମରାଠୀ : ଉତ୍ତମ କାମ୍ବଲେ





ଅନୁସୃଜନ: ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଥରେ ମୁଁ ନଗର ଜିଲ୍ଲାର କୋପରଗାଁକୁ ଲାୟନ୍ସ କ୍ଲବ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲି। ବର୍ଷାରେ ହିଁ ମୁଁ ନାସିକ୍ ଫେରୁଥିଲି। ଶିରଡ଼ି ପାର କଲା ପରେ ଟାକ୍‌ଲିବାଡିରୁଗୋଟେ ଫୋନ୍ ମୋର ମୋବାଇଲ୍‌କୁ ଆସିଲା। ମୋ ମୋବାଇଲ୍‌ର ରେଞ୍ଜ ଠିକ୍‌ରେ ମିଳୁ ନଥିଲା। ସେ ପଟୁ କହୁଥିବା ବ୍ୟକ୍ତି ଜଣକ ଗୋଟିଏ କଥା ଜୋର୍ ଜୋର୍‌ରେ କହୁଥିଲା, "ଆପଣଙ୍କ ଭାଇ ସୁଦାମାର ବଡ଼ ପୁଅ ଚନ୍ଦରର ଟ୍ରାକ୍ଟର ଦୁର୍ଘଟଣାରେ ଦେହାନ୍ତ ହୋଇଯାଇଛି। ଆପଣ ଶୀଘ୍ର ଆସନ୍ତୁ।"

ଖବରଟା ଶୁଣିବା କ୍ଷଣି ଛାତିରେ ଗୋଟେ ଶକ୍ତ ଧକ୍କା ଲାଗିଲା। ଚନ୍ଦର କୁଲି କାମ କରିବାକୁ ଯାଇଥିଲା। ଇଟା ନେବା ଆଣିବା କରୁଥିଲା ଟ୍ରାକ୍ଟରରେ। ଦୁର୍ଘଟଣାରେ ନିଜର ଜୀବନ ହରେଇଦେଲା....

ଚନ୍ଦର, ମାଆ କୋଳରେ ଡେଇଁକୁଦି ମଣିଷ ହୋଇଥିଲା। ସବୁ ନାତିମାନଙ୍କ ମଧ୍ୟରେ ସିଏ ମାଆର ସବୁଠାରୁ ଗେହ୍ଲା ନାତି ଥିଲା। ଗରୀବପୁଅର ଛୁଆ ହୋଇଥିବାରୁ ମାଆ ତାକୁ ଟିକେ ଅଧିକ ଭଲ ପାଉଥିଲା। ଦୁଇ ଜଣ ଯାକ ଝୁମ୍ପୁଡ଼ିର ଗୋଟିଏ କୋଠରୀରେ ହିଁ ଶୋଉଥିଲେ । ମାଆ ଚନ୍ଦର ପାଇଁ ସାଇକେଲ କିଣି ଦେଇଥିଲା । ଖଟ ବି କିଣିଥିଲା। ନାତିକୁ ଖଟ ଉପରେ ଶୋଇବାକୁ ଦେଇ ମାଆ ତଳେ ଅଖା ବିଛେଇ ଶୋଉଥିଲା। ନାସିକରେ ରହୁଥିବା ବେଳେ ମାଆ ଦିନ ତମାମ୍ ଅତି କମ୍‌ରେ ଶହେ ଥର ଚନ୍ଦରକୁ ମନେ ପକାଉଥିଲା। ତା' କଥା କହୁଥିଲା, ମୋର ଚନ୍ଦର ଏମିତି... ମୋ ଚନ୍ଦର ସେମିତି ଇତ୍ୟାଦି।

ଏବେ ଯଦି ଏତେ ବଡ଼ ଦୁର୍ଘଟଣାର ଖବର ମାଆ କାନରେ ପଡ଼ିଥାନ୍ତା ତେବେ ତାର କଣ ହୋଇଥାନ୍ତା କେଜାଣି ? ନିୟତିର ଏଇ କ୍ରୁର ପ୍ରହାର ସହିବାର ଶକ୍ତି ମାଆ ଭିତରେ ଆଉ ନଥିଲା। ମୁଁ ପୁଣି ଫୋନ୍ କଲି ଟାକ୍‌ଲିବାଡ଼ିକୁ। ଯା' ମଧ୍ୟରେ ମାମୁଁ ବି ଏଇ ଖବର ଦେବାପାଇଁ ଶିରୋଲରୁ ଫୋନ୍ କରିଥିଲେ। ରାତି ଏଗାରଟା ବାଜି ସାରିଥିଲା। ଚନ୍ଦରର ମୃତ ଶରୀର ରି / ପାଞ୍ଚ ଘଣ୍ଟା ଧରି ଟ୍ରାକ୍ଟରର ଟ୍ରଲି ମଧ୍ୟରେ ଫସିକି ରହିଥିଲା। ଟ୍ରଲିକୁ ହଲେଇବା ବି ସମ୍ଭବ ହେଉ ନଥିଲା। ତେଣୁ କରି ଚନ୍ଦରର ଲାସ୍ ବାହାରି ପାରୁ ନଥିଲା। ଦୁର୍ଘଟଣାସ୍ଥଳୀରୁ ପୋଲିସ୍ ଥାନା ବହୁତ ଦୂର ଥିଲା। ମୁଁ ସମସ୍ତଙ୍କୁ ଭଲ ରୂପେ ତାଗିଦ୍ କରି ଦେଇଥିଲି ଯେମିତି ଏ ବିଷୟରେ କେହି ମାଆକୁ କିଛି ନ କୁହନ୍ତି। ରାତି ୧୨ଟା ବେଳେ ମୁଁ ନାସିକ ପହଞ୍ଚିଲି। ଘରେ ଡାକ୍ତର ସଞ୍ଜୟ ଓ ତାଙ୍କର ପତ୍ନୀ ରୋହିଣୀ ଥିଲେ, ସେମାନଙ୍କୁ ଏ ଖବର ମୋର ପତ୍ନୀ ଦେଇଥିଲେ। ମାଆ ଉପର ମହଲାରେ ନିଜ କୋଠରୀରେ ଶୋଇଥିଲା, ସକାଳେ ଶୀଘ୍ର ଉଠି ମାଆକୁ ସାଙ୍ଗରେ ନେଇ ଟାକ୍‌ଲିବାଡି ଯିବାକୁ ହେବ... ହେଲେ ଏତେ ହରବର ହୋଇ ବାହାରିବାର କାରଣ ବିଷୟରେ ମାଆକୁ କଣ କହିବି...

ଖୁବ୍ ଚିନ୍ତାଗ୍ରସ୍ତ ଅବସ୍ଥାରେ କଡ଼ ଲେଉଟାଇ ସାରା ରାତି କଟିଗଲା। ମାଆକୁ କେମିତି ଆଉ କଣ କହିବି, ଏଇ ପ୍ରଶ୍ନ ରହି ରହିକା ମୋ ହୃଦୟକୁ କରତି ପକଉଥିଲା। ମୋର ମୁଣ୍ଡ କାମ କରୁ ନଥିଲା। ରାତି ଦୁଇଟାରେ 'ସକାଳ'ର ପତ୍ରକାର ବିଠଲ ପାଟିଲ କୋହ୍ଲାପୁରରୁ ଫୋନ୍ କରିଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚ ସାରିଛି। ମୃତ ଦେହକୁ ବାହାରକୁ କଢ଼ା ଯାଇଛି। ପରେ ପରେ ଫୋନ୍ ଆସିଲା। ସକାଳୁ ସକାଳୁ, ଚନ୍ଦରର ଅନ୍ତ୍ୟେଷ୍ଟିକ୍ରିୟା କରାଯାଇସାରିଛି। ପରମ୍ପରା ଅନୁସାରେ ଗାଁ ମଶାଣୀରେ ହିଁ ତାକୁ ପୋତା ଯାଇଥିଲା... ଏପଟେ ମୋର ସୁଗାର-ସ୍ତର କମିବାରେ ଲାଗିଥିଲା। ବର୍ତ୍ତମାନ ଆମ ସାମ୍ନାରେ ଥିଲା ଏକମାତ୍ର ପ୍ରଶ୍ନ... ମାଆକୁ ତାର ପ୍ରିୟ ନାତିର ମୃତ୍ୟୁ ଖବର କେମିତି ଦିଆଯିବ ? ଅନେକ ଲୋକ ଚେଷ୍ଟା କରିଥିଲେ, ମନେଇଥିଲେ, ତେବେ ଯାଇ ମାଆ ନାସିକରେ ରହିବାକୁ ମଙ୍ଗିଥିଲା, ଆଉ ଏବେ....

ଘରେ, ମୁଁ ମୋର ପିଲାମାନଙ୍କୁ ବି ଏ ବିଷୟରେ କିଛି କହି ନଥିଲି। ଗାଁରେ ଏକ ଜରୁରୀ କାମ ପାଇଁ ଜେଜେମାଆକୁ ସାଙ୍ଗରେ ନେଇ ଗାଁକୁ ଯାଉଛି... ତୁମେ ଦୁଇ ଜଣ ଘରେ ରହିବ, ଏତିକି କହି ସେମାନଙ୍କୁ ସ୍କୁଲ୍‌ବସ୍‌ରେ ବସେଇ ଦେଇଥିଲି। ପିଲାମାନଙ୍କୁ ଛାଡ଼ି ଘରକୁ ଫେରିଲି। ମୋ ମୁଣ୍ଡକୁ ଏକଥା କେମିତି ଅସିଲା କେଜାଣି ? ମୁଁ ମୋର ପ୍ରାଣକୁ ତଣ୍ଟି ପାଖରେ ଅଟକେଇ ନେଇ ଖୁବ୍ ଶାନ୍ତ ସ୍ୱରରେ ମାଆକୁ କହିଲି "ମାଆ, ତୋ ଚନ୍ଦରର ଆକ୍ସିଡ଼େଣ୍ଟ୍ ହୋଇଯାଇଛି। ବେଶୀ ଚିନ୍ତା କରିବାର କୌଣସି କାରଣ ନାହିଁ। ମିରଜରେ ତା'ର ଚିକିତ୍ସା କରାଯାଉଛି। ଆମେମାନେ ଟାକଲ୍‌ବାଡ଼ି ଯିବା। ମୁଁ ବି ଯିବି ତୋ ସାଙ୍ଗରେ। ତୋତେ ସେଠି ଛାଡ଼ି ଆମେ ଫେରି ଆସିବୁ..

କେଉଁଠି ନ ଅଟକି, ଏତେ ଲମ୍ବା ବାକ୍ୟ କହି ମୋର ମନକୁ ମୁଁ ହାଲ୍‌କା କରିନେଲି। ମୋର କଥା ସରିଥିଲା କି ନାହିଁ ମାଆ ସେଇ ମୁହୂର୍ତ୍ତରେ ହିଁ ତା'ର ଛାତି ଓ ମୁଣ୍ଡ ପିଟିବାକୁ ଲାଗିଲା.. ଜୋର୍‌ରେ ଜୋର୍‌ରେ...।

ମୁଁ ତାକୁ ଶାନ୍ତ କରିବାକୁ ଚେଷ୍ଟା କଲି, ମାଆ ସିଏ ଏବେ ଖାଲି ଆଘାତପ୍ରାପ୍ତ ହୋଇଛି... ତୁ ଏମିତି କନ୍ଦାକଟା କରିବୁ ଯଦି ଆମେ ଗାଁକୁ କେମିତି ଯିବା ? ଯାଆ ଶିଘ୍ର ବାହାରି ପଡ଼।"

ମାଆ ବାହାରି ପଡ଼ିଲା, ସିଡ଼ିରୁ ତଳକୁ ଓହ୍ଲେଇଲା। ମୁଁ କହିଲି "ଆରେ ଚଷମା ତ ପିନ୍ଧ।" ପୁଣି ରାଗି ଉଠିଲା ମାଆ "ଜଳେଇଦେ ସେ ଚଷମାକୁ। ମୋର ନାତି ଉପରେ ଏତେ ବଡ଼ ଗୋଟେ ସଂକଟ ଅଜାଡ଼ି ହେଇପଡ଼ିଛି ଆଉ ତୁ ଚଷମା ଚିନ୍ତା କରୁଛୁ ?"

ମୁଁ ଏଥର ଚୁପ୍ ରହିଲି।

ମାଆକୁ ଗାଡ଼ିରେ ବସେଇ ଦେଲି। ତା' ପାଖରେ ପତ୍ନୀ ଓ ମୁଁ ବି ବସିଗଲୁ। ମାଆ ସୁଁ ସୁଁ ହୋଇ କାନ୍ଦୁଥିଲା। କୋଟରାଗତ ହୋଇଯାଇଥିବା ତାର ଦୁଇ ଆଖିରୁ ଧାର ଧାର ଲୁହ ବୋହି ଯାଉଥିଲା। ଏମିତି ଅବସ୍ଥାରେ ବି ସିଏ କହିଲା "ପଛରେ କାହିଁକି ବସିଛୁ ? ଆଗ ସିଟ୍‌ରେ ସନ୍ତୋଷ ପାଖରେ ଯାଇ ବସ୍।

ମୁଁ କହିଲି "ପରେ ଯାଇ ବସିବି ସେଠି। ଏଠି ତ ବହୁତ ଜାଗା ଅଛି ବସିବାକୁ।"

ସିଏ : "ତୁ ଏମିତି ଅବାଧ ଓ ଜିଦିଆ କାହିଁକି ହୋଇଯାଉଛୁ ? ତୁ ମୋର କଥା ନ ମାନିବାର ପଣ କରି ନେଇଛୁ ନା କଣ ?"

ମୁଁ : ଆରେ ପରେ ବସିବି ନା। ଆଗ ସିଟ୍‌ରେ ପ୍ରଦୀପ ବସିଛି।

ମାଆ ଶାନ୍ତ ହୋଇଗଲା। ଗାଡ଼ି ଚାଲିଲା। ନାସିକ ରୋଡ୍‌ରେ ପ୍ରଦୀପ ଓହ୍ଲେଇ ଗଲା। ସାଙ୍ଗେ ସାଙ୍ଗେ ମାଆ କହିଲା, "ଯାଆ ଆଗକୁ, ଜାଗା ଖାଲି ହୋଇଗଲା।"

ମୁଁ ତଳକୁ ଓହ୍ଲେଇଲି। ଆଗ ସିଟ୍‌ରେ ଯାଇ ବସି ପଡ଼ିଲି। ମାଆକୁ ଭଲ ଲାଗିଲା। ସିଏ ମୋ ସ୍ତ୍ରୀକୁ କହିଲା, "ତୁ ବି ଯାଆ ତୋର ସ୍ୱାମୀ ପାଖକୁ..."।

ଆଗରେ ଆଉ ଜାଗା ନାହିଁ ,ଏ କଥା ମନେ ପଡିବା କ୍ଷଣି, ସିଏ ଜିଦ୍ ଛାଡ଼ିଦେଲା। ଗାଡ଼ି ପୁଣି ଧୂଳି ଉଡ଼େଇ ଲିବାକୁ ଲାଗିଲା।"

ମାଆ ଏକଥା ଜମାରୁ ଭୁଲିବାକୁ ରାଜି ନଥିଲା ଯେ ତାକୁ ଟି.ବି. ହେଇଛି। ଗାଡ଼ିରେ ବି ନିଜ ପାଖରେ କାହାକୁ ବସିବାକୁ ଦେବାକୁ ଚାହୁଁ ନଥିଲା ସିଏ। ଏ କଥା ମୁଁ ସେଇ ମୁହୂର୍ତ୍ତରେ ହିଁ ବୁଝି ପାରିଥିଲି। ମାଆକୁ ହୋଇଥିବା ଟି.ବି. ସଂକ୍ରାମକ ନୁହେଁ। ଏଇ ମହାଭ୍ରମକୁ କେମିତି କଢ଼ାଯିବ ତା' ମୁଣ୍ଡରୁ ? (କ୍ରମଶଃ)

♥ ରାଜଭବନ ଡାକଘର, ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ରୋକେୟା ଜମାଲଙ୍କ ଅଣୁଗଳ୍ପ ସଂକଳନ 'ଗୌଲ'ର ଉନ୍ମୋଚନ

ଭଦ୍ରକ, ୨୩/୦୯ (ନି.ପ୍ର): ଭାରତର ଦୁଇ ସୁନାମଧନ୍ୟ ବିଶ୍ୱବିଦ୍ୟାଳୟ ମୌଲାନା ଆଜାଦ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ ହାଇଦାବାଦ ଏବଂ ଚୌଧୁରୀ ଚରଣ ସିଂହ ମହାବିଦ୍ୟାଳୟ, ମୀରଠ ର ସହଭାଗିତାରେ ଅଧ୍ୟାପିକା ରୋକେୟା ଜମାଲଙ୍କ ଅଣୁଗଳ୍ପ ସଂକଳନ ମୌଲାନା ଆଜାଦ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଐନୁଲ ହସନଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଯାଇଛି। ଉପସ୍ଥିତ ସଭାରେ ସମ୍ମାନନୀୟ ଅତିଥି ଭାବେ ଚୌଧୁରୀ ଚରଣ ସିଂହ ବିଶ୍ୱବିଦ୍ୟାଳୟର ଉର୍ଦ୍ଦୁ ବିଭାଗୀୟ ମୁଖ୍ୟ ପ୍ରଫେସର ଅସଲମ୍ ଜମ୍‌ସେଦ୍‌ପୁରୀ, ମୌଲାନା ଆଜା ବିଶ୍ୱବିଦ୍ୟାଳୟର ଉର୍ଦ୍ଦୁ ବିଭାଗୀୟ ମୁଖ୍ୟ ପ୍ରଫେସର ଶମସୁଲ ହୋଦା, ଡିନ୍ ପ୍ରଫେସର ଅଜିଜ ବାନୋ, ପ୍ରଫେସର ମସରରତ୍ ଜାହାଁ, ଉର୍ଦ୍ଦୁ ବିଭାଗର ଅଧ୍ୟାପିକା ଡଃ କହେକଶା ଲତିଫ୍, ଆଶିଷ୍ଟାଣ୍ଟ ପ୍ରଫେସର ଅନୁବାଦ ବିଭାଗ ଡଃ ଜଫର ଗୁଲଜାର୍, ସେକ୍ସନ ଅଫିସର, ଅନୁବାଦ ଓ ପ୍ରକାଶନ ବିଭାଗ ଡଃ ଇର୍‌ସାଦ ସୟାନୁଇ ପ୍ରମୁଖ ଉପସ୍ଥିତ ରହି ରୌକେୟା ଜମାଲଙ୍କ ଅଣୁଗଳ୍ପ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ରୋକୈୟା ଜମାଲ ଅଧୁନା ବାଲେଶ୍ୱର ମହିଳା କଲେଜର ଉର୍ଦ୍ଦୁ ଅଧ୍ୟାପିକା ଭାବେ କାର୍ଯ୍ୟରତ ଅଛନ୍ତି। ସେ ଭଦ୍ରକର ବରିଷ୍ଠ ଆଇନଜୀବୀ ଶେଖ୍ ଅବୁସୁଫିୟାନ ଓ ସ୍ୱର୍ଗତ ମେହେରୁନ ନିଶାଙ୍କ କନ୍ୟା ଅଟନ୍ତି। ଏହି ପୁସ୍ତକର ଆଲୋଚନା କରି ଅତିଥିମାନେ ଏହା ଉର୍ଦ୍ଦୁ ସାହିତ୍ୟ ପ୍ରତି ଏକ ଅପୂର୍ବ ଉଦାହରଣ ବୋଲି ଉଲ୍ଲେଖ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଡିନ୍ ଷ୍ଟୁଡେଣ୍ଟ ୱେଲ୍‌ଫେୟାର, ପ୍ରଫେସର ଅଲିମ ଅସରଫ ଜାଏଶୀ, ଡାଇରେକ୍ଟର ଉର୍ଦ୍ଦୁ ଭାଷା ଓ ସାହିତ୍ୟ ପ୍ରଫେସର ନୌଖେଜ ଆଜ୍‌ମୀ, ଡେପୁଟି ଡାଇରେକ୍ଟର ଡଃ ଅହେମ୍ମଦ ଖାନ୍, ବିଭାଗୀୟ ମୁଖ୍ୟ ଅନୁବାଦ, ଡଃ ସୈୟଦ ମେହମୁଦ କାଜମି, ଭାଷା ଓ ପ୍ରକାଶନ ବିଭାଗୀୟ ମୁଖ୍ୟ ପ୍ରଫେସର ଅସ୍‌ଲମ୍ ପରବେଜ, ହାଇଦ୍ରାବାଦ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡଃ ଅବଦୁଲ ରବ ମନଜର ଓ ଡଃ ମ. କାଶିଫ୍, ମାନୁ ଉର୍ଦ୍ଦୁ ବିଭାଗର ଡଃ ବିବି ରଜା ଖାତୁନ, ଡଃ ଅବୁ ଶହୀମ୍ ଖାନ୍, ଡଃ ମହମ୍ମଦଅଖତର, ଡଃ ଜାବିର ହମ୍‌ଜା, ଡଃ ବଦର ସୁଲତାନ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଉପସ୍ଥିତ ରହିଥିଲେ। ଡଃ ସାଦାବ ଅଲୀମ, ପ୍ରଫେସର ଚୌଧୁରୀ ଚରଣ ସିଂହ ବିଶ୍ୱବିଦ୍ୟାଳୟ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଡଃ ଫିରୋଜ ଆଲାମ, ଆସୋସିଏଟ୍ ପ୍ରଫେସର ଉର୍ଦ୍ଦୁ ବିଭାଗ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ସିସୋର ଚିଟ୍‌ଫଣ୍ଡ: ବିଜେଡି...

ସିସୋର ଚିଟଫଣ୍ଡ ଗ୍ରୁପ ସହ ଏକ ଜମି କିଣାବିକାକୁ ନେଇ ଶ୍ରୀ ବିଶ୍ୱାଳ ଓ ତାଙ୍କ ପତ୍ନୀ ୨୫ଲକ୍ଷ ଟଙ୍କା କାରବାର କରିଥିବାର ଅଭିଯୋଗ ହୋଇଥିଲା । ଚିଟଫଣ୍ଡ ମାମଲାରେ ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରିବା ସହ ତାଙ୍କ ନାଁ ଚାର୍ଜସିଟରୁ ବାଦ୍ ଦେବା ଓ ଏଫଆଇଆର ଖାରଜ କରିବା ପାଇଁ ଶ୍ରୀ ବିଶ୍ୱାଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଗତ ଏପ୍ରିଲ ମାସରେ ସିବିଆଇ କୋର୍ଟକୁ ୨ମାସ ମଧ୍ୟରେ ଶ୍ରୀ ବିଶ୍ୱାଳଙ୍କ ବିରୁଦ୍ଧରେ ଚାର୍ଜ ଫ୍ରେମ୍ କରିବା ସହ ବର୍ଷକ ମଧ୍ୟରେ ମାମଲାର ଶୁଣାଣି ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସିସୋର ଚିଟଫଣ୍ଡ ମାମଲାରେ ଶ୍ରୀ ବିଶ୍ୱାଳଙ୍କୁ ସିବିଆଇ ଗତ ୨୦୧୭ ସେପ୍ଟେମ୍ବର ୧୯ତାରିଖରେ ଗିରଫ କରିଥିଲା । ଶ୍ରୀ ବିଶ୍ୱାଳଙ୍କ ବିରୁଦ୍ଧରେ ମନି ଲଣ୍ଡ୍ରିଂ ଆକ୍ଟରେ ମାମଲା ରୁଜୁ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗତ ୨୦୨୨ ଜୁଲାଇ ମାସରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କର ପ୍ରାୟ ୩କୋଟି ୯୨ଲକ୍ଷ ଟଙ୍କାର ସମ୍ପତ୍ତି ବ୍ୟାଜ୍ୟାପ୍ତି କରିଥିଲେ । ଏଥିରେ କଟକସ୍ଥିତ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆରେ ଥିବା ୨୫ଲକ୍ଷ ଟଙ୍କା ସାମିଲ ଅଛି । ଶ୍ରୀ ବିଶ୍ୱାଳ ଏବେ ଜାମିନରେ ଅଛନ୍ତି । ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ନେତା ଶ୍ରୀ ବିଶ୍ୱାଳଙ୍କ ବିରୁଦ୍ଧରେ ସିବିଆଇ କୋର୍ଟ ଚାର୍ଜଫ୍ରେମ କରି ତଦନ୍ତ ପ୍ରକ୍ରିୟାକୁ ଆଗେଇ ନେଉଥିବାରୁ ରାଜନୀତିକ ମହଲରେ ତା'ର ପ୍ରଭାବ ପରିଲକ୍ଷିତ ହୋଇଛି । ସୂଚନାଯୋଗ୍ୟ, ସିସୋର ଚିଟଫଣ୍ଡ କମ୍ପାନୀ ବିଭିନ୍ନ ସ୍କିମ ମାଧ୍ୟମରେ ଅଧିକ ଲାଭ ଦେବାର ପ୍ରଲୋଭନ ଦେଖାଇ ଲୋକଙ୍କଠୁ ପ୍ରାୟ ଏକ ହଜାର କୋଟି ଟଙ୍କା ସଂଗ୍ରହ କରିଥିଲା ।

### ଆସୁଛି ଆଉ...

ବୁଲେଟିନ୍ ଅନୁସାରେ ଆସନ୍ତା ୨୪ ଘଣ୍ଟା ଭିତରେ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏହାଛଡ଼ା ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୋଳ, କଟକ,କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲ୍ଲାରେ କେତେକ ସ୍ଥାନରେ ବଜ୍ରପାତ ଓ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ରବିବାର ଓ ସୋମବାର ରାଜ୍ୟର କେତେକ ଜିଲ୍ଲାରେ କେତେକ ସ୍ଥାନରେ ବଜ୍ରପାତ ଓ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଜୁନ୍ ୧ ତାରିଖରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୧୦୮୧.୦ ମିଲି ମିଟର ବର୍ଷା ହୋଇଥିବା ରେକର୍ଡ ହୋଇଛି। ସ୍ୱାଭାବିକଠାରୁ ୩ ପ୍ରତିଶତ କମ୍ ବର୍ଷା ହୋଇଛି। ତେବେ ଝାରସୁଗୁଡ଼ା, ବୌଦ୍ଧ ଓ ଢେଙ୍କାନାଳ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ନବରଙ୍ଗପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି। ଅବଶିଷ୍ଟ ୨୫ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସପଟେ ମୌସୁମୀ ଅପସାରଣ ପାଇଁ ପାଗ ଧୀରେ ଧୀରେ ଅନୁକୂଳ ହେବାରେ ଲାଗିଛି। ୨୫ ତାରିଖ ବେଳକୁ ପଶ୍ଚିମ ରାଜସ୍ଥାନ ଏବଂ ତା'ର ଆଖପାଖ ଅଞ୍ଚଳରେ ମୌସୁମୀ ଅପସାରଣ ହେବାର ଆସଙ୍କା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

### ସୁନ୍ଦରଗଡ ପରେ....

ତେବେ ୩୩୭ ଜଣଙ୍କ ମଧ୍ୟରେ କାହାର ମୃତ୍ୟୁ ହୋଇନଥିବା ସୂଚନା ରହିଛି । ସେହିପରି ଗାଁ ଗାଁରେ ସ୍ୱାସ୍ଥ୍ୟକର୍ମୀ, ଆଶା, ଆଙ୍ଗନବାଡ଼ି, ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଜିଲ୍ଲା ସଦର ମହକୁମା ମୁଖ୍ୟ ଡାକ୍ତର ଖାନା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ କର୍ମୀ ତତ୍ପର ରାଗିଥିବା ବେଳେ ପୋକ କାମୁଡା କିମ୍ବା ଜ୍ୱର ଭଳି କିଛି ସୂଚନା ଆସିଲେ ତୁରନ୍ତ ଚିକିତ୍ସା କରାଯାଉଥିବା କହୁଛନ୍ତି ସସିଡିଏମଓ ।

### ମିଳିତ ଜାତିସଂଘରେ....

ପାକିସ୍ତାନର କାମଚଳା ପ୍ରଧାନମନ୍ତ୍ରୀ ଅନଓ୍ୱାର-ଉଲ୍-ହକ୍ କକର ଜାତିସଂଘ ସାଧାରଣ ସଭାକୁ ସମ୍ବୋଧିତ କରି ନୂଆଦିଲ୍ଲୀ-ଇସଲାମାବାଦ ମଧ୍ୟରେ ଶାନ୍ତି ଆଲୋଚନା ପାଇଁ କାଶ୍ମୀରକୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି କହିଥିଲେ । କକର କହିଥିଲେ ଶାନ୍ତି ଉପରେ ବିକାଶ ନିର୍ଭର କରେ । ପାକିସ୍ତାନ ଆର୍ଥିକ ଦୃଷ୍ଟିରୁ ଏକ ଅନୁନ୍ନତ ଦେଶ । ଭାରତ ସହିତ ଅନ୍ୟ ପଡୋଶୀ ଦେଶ ସହ ପାକିସ୍ତାନ ଶାନ୍ତିପୂର୍ଣ୍ଣ ଓ ଫଳପ୍ରଦ ସଂପର୍କ ପ୍ରତିଷ୍ଠା କରିବାକୁ ଚାହେଁ । ଭାରତ ସହ ଆଲୋଚନା ପାଇଁ କାଶ୍ମୀର ହେଉଛି ମୁଖ୍ୟ ପ୍ରସଙ୍ଗ ବୋଲି କହିଥିଲେ ପାକିସ୍ତାନର କାମଚଳା ପ୍ରଧାନମନ୍ତ୍ରୀ । ଏହା ପରେ ଜାତିସଂଘ ସାଧାରଣ ସଭାକୁ ସମ୍ବୋଧିତ କରି ଜବାବ ରଖିଛି ଭାରତ । ଜାତିସଂଘ ମଂଚରେ ଯେଉଁ କାର୍ଯ୍ୟସୂଚୀ କିମ୍ବା ବିଷୟବସ୍ତୁ ଥିଲେ ମଧ ବାରମ୍ବାର କାଶ୍ମୀର ପ୍ରସଙ୍ଗ ଉଠାଇ ଆସୁଛି ପାକିସ୍ତାନ ।

### ଖଲିସ୍ତାନୀ ଆତଙ୍କୀକୁ ...

ବଂର ତାଙ୍କ ବାପା ତଥା କାନାଡାର ତତକାଳୀନ ପ୍ରଧାନମନ୍ତ୍ରୀ ପିୟର ଏଲିଏଟ ଟ୍ରୁଡୋ ମଧ ସମାନ ରାସ୍ତାରେ ଚାଲୁଥିଲେ । ୧୯୮୫ ମସିହାରେ ଏୟାରଇଣ୍ଡିଆ ଆକ୍ରମଣ ମାମଲାର ମାଷ୍ଟରମାଇଣ୍ଡକୁ କେବଳ ସେ ଶରଣ ଦେଇନଥିଲେ ବଂର ଭାରତର ପ୍ରତ୍ୟର୍ପଣକୁ ମନା ମଧ କରିଥିଲେ । କୁହାଯାଇପାରେ ଖଲିସ୍ତାନୀଙ୍କୁ ନେଇ ଭାରତ-କାନାଡ଼ା ବିବାଦ ଆଜିର ନୁହେଁ ବଂର ଦୀର୍ଘବର୍ଷର ।

# ବାଲ ଗଣେଶ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାସୁଦେବପୁର , ୨୩/୦୯ (ନି.ପ୍ର): ବାସୁଦେବପୁର ମୁଖ୍ୟ ବଜାର ପଛ ପଟେ ସ୍ଥାନୀୟ ୧୧ ନମ୍ବର୍ ୱାର୍ଡ ପରିସର ରେ ବାଲ ଗଣେଶ ପୂଜା କମିଟି ପକ୍ଷ ରୁ ପ୍ରଭୁ ଗଜାନନ ଙ୍କ ପୂଜା ବେଶ ଆଡମ୍ବର ରେ ପାଳନ ହୋଇ ଯାଇଛି। ସର୍ବେ ବୃହତ୍ ମୃର୍ତ୍ତି ପ୍ରଭୁ ଗଣେଶ ଙ୍କ ସ୍ଥାପନ ସହ ସୁନ୍ଦର ଆଲୋକ ସଜ୍ଜା କରାଯାଇଛି । ଆୟୋଜିତ ସାଂସ୍କୃତିକ କାର୍ଯ୍ୟ କର୍ମ ର ପ୍ରଥମ ଦିନ ରେ ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ତାଙ୍କ ସହସମ୍ମାନିତ ଅତିଥି ଭାବରେ ପଞ୍ଚାୟତ ସମିତି ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ପ୍ରତିନିଧି ଅସିତ୍ କୁମାର ଦାସ, ମାନସ ସାହୁ, କାଉନସିଲର କୁନ୍ତଳା ସେଠୀ ଯୋଗ ଦେଇଥିଲେ। ଦ୍ୱିତୀୟ ଦିନ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ। ତାଙ୍କ ସହ ସମ୍ମାନିତ ଅତିଥି ଭାବେ ଯୁବ କଂଗ୍ରେସ ବାସୁଦେବପୁର ସଭାପତି ସିଦ୍ଧାନ୍ତ ଦାସ, କାଉନସିଲର କାର୍ତ୍ତିକ ଖୁଲାର ଯୋଗ ଦେଇଥିଲେ। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟ କର୍ମ ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଦିନ ରେ ବାସୁଦେବପୁର ଅଞ୍ଚଳ ରେ ସିନିୟର୍ ଓ ଜୁନିୟର କଳାକାର ମାନଙ୍କୁ ନେଇ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏହି ପ୍ରତିଯୋଗିତା ରେ ବାସୁଦେବପୁର ଅଞ୍ଚଳ ବହୁ ପ୍ରତିଯୋଗୀ ଯୋଗ ଦେଇଥିଲେ। ଆୟୋଜିତ କାର୍ଯ୍ୟ କର୍ମ କୁ ଅଲେଖ ପରିଡ଼ା ସଂଯୋଜନା କରିଥିଲେ। ବାଲ ଗଣେଶ ପୂଜା କମିଟି ପକ୍ଷ ରୁ ସଭାପତି ରାଜାରାମ ମଣ୍ଡଳ, ସମ୍ପାଦକସନ୍ଦୀପ ବାରିକ୍, ସଂଗଠନ ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାକୁଡ, ରତନ ସାହୁ, ଅବନୀ ମଣ୍ତଳ, ବାପୁନୁ ଖଟୁଆ, ଦମ୍ବରୁ ଦାସ, କାହ୍ନୁ ସାହୁ, ଟୁଟୁନୁ ସାହୁ ପ୍ରମୁଖ ଉପସ୍ଥିତ ରହି ସଫଳ କରାଉ ଛନ୍ତି। ବାଲ ଗଣେଶ ପୂଜା କମିଟି ର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଅଧ୍ୟାପକ ରାଜ କିଶୋର ରାୟ, ଓ ସାମ୍ବାଦିକ ପ୍ରତାପ କୁମାର ପାଢ଼ୀ ଉପସ୍ଥିତ ରହି ମାର୍ଗ ଦର୍ଶନ ସହ ବିଭିନ୍ନ କାର୍ଯ୍ୟ କର୍ମ ପରିଚାଳନା କରିଛନ୍ତି।

## ବିଜେପି ପକ୍ଷରୁ ଘଟଗାଁ ବ୍ଲକ ତରା ପଂଚାୟତ କାର୍ଯ୍ୟାଳୟ ଘେରାଉ

ଘଟଗାଁ, ୨୩/୦୯ (ନି.ପ୍ର): ଭାରତୀୟ ଜନତା ପାର୍ଟି ପକ୍ଷରୁ ସାରା ଓଡ଼ିଶାରେ ଚାଲିଥିବା ଜନ ଆନ୍ଦୋଳନ କାର୍ଯ୍ୟକ୍ରମରେ ଘଟଗାଁ ବ୍ଲକ ତରା ପଂଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଘଟଗାଁ ମଣ୍ଡଳ ସଭାପତି ଗୋଲକ ବଳଙ୍କ ଆବାହକତ୍ୱରେ ଚବିଶ ବର୍ଷର ଭ୍ରଷ୍ଟାଚାର ବିଜେଡି ସରକାରର ଦୁର୍ନୀତି ଓ ହରିଲୁଟ ସମ୍ବନ୍ଧରେ ସବିଶେଷ ଆଲୋଚନା କରାଯାଇ କେନ୍ଦ୍ର ସରକାରଙ୍କ ଗରିବ କଲ୍ୟାଣ ଯୋଜନା ଗୁଡ଼ିକୁ ଲୋକଲୋଚନକୁ ଅଣାଯାଇଥିଲା । ୨୦୨୪ ରେ ପ୍ରତ୍ୟେକ ସଚେତନ ନାଗରିକ ମୋଦି ସରକାରଙ୍କ ଜନ କଲ୍ୟାଣ ଯୋଜନା ଗୁଡିକର ସୁଫଳ ପାଇପାରିଲେ, ଓଡ଼ିଶାରେ ବିଜେପି ସରକାର କ୍ଷମତାସୀନ ହୋଇପାରିବ ବୋଲି ସମସ୍ତ ବରିଷ୍ଠ ଅଧିକାରୀ ମତବ୍ୟକ୍ତ କରିଥିଲେ ।

# ପଲିଥିନ ତଳ ପାଲଟିଛି ଦୁଇ ଭଉଣୀଙ୍କ ଆଶ୍ରୟସ୍ଥଳ

## ପାଠପଢ଼ାରେ ଡ଼ୋରି ବାନ୍ଧିଲେ ବାପଛେଉଣ୍ଡ କନ୍ୟା ସୁନିତା

ଉଦଳା , ୨୩/୦୯ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ବଡ଼ଖମଣ ପଂଚାୟତ ଅନ୍ତର୍ଗତ ଅନନ୍ତପୁର ଗ୍ରାମର ଦୃଶ୍ୟ। ଏହି ଗ୍ରାମର ବାସିନ୍ଦା ସୁଶିଲ ମୁର୍ମୁଙ୍କର ଆଜକୁ ୮ ବର୍ଷ ପୁର୍ବେ ଦେହାନ୍ତ ହୋଇ ଯାଇଛି । ଫଳରେ ତାଙ୍କର ଦୁଇଜଣ କନ୍ୟା ମମତା ଓ ସୁନିତା ପିଲାଟି ଦିନରୁ ବାପ ଛେଉଣ୍ଡ ହୋଇ ଯାଇଛନ୍ତି । ବାପାଙ୍କ ଦେହାନ୍ତର ଗୋଟିଏ ବର୍ଷ ପରେ ମା' ଝାରି ମୁର୍ମୁ ଦାଦନ ଖଟିବା ପାଇଁ ବାହାରକୁ ଯାଇ ଆଉ ଘରକୁ ଫେରି ନାହାଁନ୍ତି । ମା' ଝାରି ବର୍ତମାନ କେଉଁଠି ରହୁଛନ୍ତି, ତାଙ୍କର କୌଣସି ଖୋଜ ଖବର ମିଳୁ ନାହିଁ ବୋଲି ଅନନ୍ତପୁର ଗ୍ରାମବାସୀ ଜଣାଇଛନ୍ତି । ବଡ଼ ଝିଅ ସୁନିତାଙ୍କୁ ବର୍ତମାନ ବୟସ ୧୨ ବର୍ଷ ହୋଇଥିବା ବେଳେ ସାନ ଝିଅ ମମତାଙ୍କୁ ୧୦ ବର୍ଷ ବୟସ ଛୁଇଁଲା । ଅନନ୍ତପୁର ପ୍ରାଥମିକ ବିଦ୍ୟାଳୟରୁ ସୁନିତା ୫ମ ଶ୍ରେଣୀ ପାସ କରିବା ପରେ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଛନ୍ତି । ମମତା ବର୍ତମାନ ଉକ୍ତ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପଢୁଛନ୍ତି । ବାପା ତିଆରି କରିଥିବା ମାଟି ଓ ନଡ଼ା ଛପର ଘରଟି ଉପଯୁକ୍ତ ଯତ୍ନ ଅଭାବରୁ ସମ୍ପୂର୍ଣ୍ଣ ଭାଙ୍ଗିଯିବା ପରେ ବାଧ ହୋଇ ଆଜକୁ ୨ ବର୍ଷ ହେବ ପଲିଥିନ ତଳେ ୨ ଜଣ ଯାକ ଭଉଣୀ ଆଶ୍ରୟ ନେଇଛନ୍ତି । ଗ୍ରାମବାସୀ ମାନେ ପାଳି କରି ଯେଉଁ ଖାଦ୍ୟ ଦିଅନ୍ତି ସେତିକିରେ ୨ ଭଉଣୀ ବଂଚି ରହିଛନ୍ତି । ଜିଲ୍ଲାପାଳ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ସହିତ ଏହି ୨ ଜଣ ଯାକ ଭଉଣୀଙ୍କୁ କୌଣସି ହଷ୍ଟେଲରେ ରଖିଦେବାର ବ୍ୟବସ୍ଥା କରନ୍ତୁ ବୋଲି ଜନଜାଗୃତି ମଂଚର ଟିମ ଲିଡ଼ର ଗଦାଧର ଦାଶ ଓ ଗ୍ରାମବାସୀ ଅନୁରୋଧ ଜଣାଇଛନ୍ତି । ପ୍ରକାଶ ଥାଉକି ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅତଚ ବିଭିନ୍ନ କାରଣୁ ଏହିଭଳି ବହୁ ସଂଖ୍ୟାରେ ପିଲା ବର୍ତମାନ ମଧ ବିଦ୍ୟାଳୟ ବାହାରେ ଅଛନ୍ତି ।



# ବୁଥ୍ ସଶକ୍ତିକରଣ ଜିଲ୍ଲା କର୍ମଶାଳା

ବାଲେଶ୍ୱର, ୨୩/୦୯ (ନି.ପ୍ର): ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଓ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପୌରହିତ୍ୟରେ ଜିଲ୍ଲା ବିଜେପିର ବୁଥ୍ ସଶକ୍ତିକରଣ କର୍ମଶାଳା ସ୍ଥାନୀୟ ରୟାଲ କୁଇନ୍ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଆଗାମୀ ସାଧାରଣ ନିର୍ବାଚନ ଉପଲକ୍ଷେ ଆୟୋଜିତ ଏହି କର୍ମଶାଳାରେ ଜିଲ୍ଲାର ମଣ୍ଡଳ ସ୍ତରରୁ ସମସ୍ତ ପଦାଧିକାରୀ ଓ ପ୍ରଭାରୀ ଯୋଗଦାନ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ, ଭାରତ ମାତା ବନ୍ଦନା ଓ ସାମୁହିକ ବନ୍ଦେ ମାତରମ୍ ଗାନ ପରେ ଆନୁଷ୍ଠାନିକ ସଭାକାର୍ଯ୍ୟ ଆରମ୍ଭ ହୋଇଥଲା। ପ୍ରାରମ୍ଭିକ ଭାଷଣରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର କର୍ମଶାଳାର ଉଦ୍‌ଯେଶ ଓ ସୁଦୂର ପ୍ରଭାବୀ ଫଳାଫଳ ବିଷୟରେ କହିଥିଲେ। ବାଲେଶ୍ୱର କ୍ଲଷ୍ଟର ଦାଇତ୍ୱରେ ଥିବା ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ନିଳଗିରି ବିଧାୟକ ସୁକାନ୍ତ ନାୟକ କର୍ମଶାଳାରେ ଯୋଗଦେଇଥିବା ପଦାଧିକାରୀ ବୃନ୍ଦଙ୍କୁ ବୁଥ୍ ସଶକ୍ତିକରଣ କାର୍ଯ୍ୟ ପଦ୍ଧତି ବିଷୟରେ ପ୍ରଶିକ୍ଷିତ କରାଇଥିଲେ। ବୁଥ୍ କମିଟି, ଭୋଟର୍ ତାଲିକାରେ ସଂଶୋଧନ, ନୂଆ ଭୋଟରଙ୍କ ପଞ୍ଜୀକରଣ ବିଷୟରେ ଗୁରୁତ୍ୱ ଆରୋପ କରିଥିଲେ। ସମାରୋପ ସତ୍ରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଥିଲେ ଯେ ସଂଗଠନର ଶକ୍ତି, ରାଜନୈତିକ ଫଳାଫଳ ବୁଥ୍ ଉପରେ ନିର୍ଭର କରିଥାଏ। ଯାହାର ବୁଥ୍ ଯେତେ ସଶକ୍ତ ସେ ସେତେବଡ଼ ସଂଗଠକ। ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ଯେଶ କରି କହିଥିଲେ ଯେ କେନ୍ଦ୍ରରେ ପୁନଃ ବିଜେପିର ଶାସନ ଓ ରାଜ୍ୟରୁ ଦୁର୍ନୀତିଖୋର ବିଜେଡ଼ି ସରକାରର ପତନ ପାଇଁ ଆମ ସମସ୍ତଙ୍କୁ ବଜ୍ର ଶପଥ ନେବାକୁ ପଡ଼ିବ। ନବୀନ ସରକାରଙ୍କ ଦୁର୍ନୀତି ଚରମ ସୀମାରେ, ୫ଟ୍ଟ ନାମରେ ଗଣତନ୍ତ୍ରର ହତ୍ୟା ହେଉଛି, ନିରପେକ୍ଷ ଗଣମାଧ୍ୟମର କଣ୍ଠରୋଧ କରାଯାଉଛି , ଠିକ୍ ସେମିତି କେନ୍ଦ୍ରରେ ନରେନ୍ଦ୍ର ମୋଦୀ ସରକାରଙ୍କ ଗରିବ କଲ୍ୟାଣ ଯୋଜନା, ସୁଶାସନ, ସମାଜର ସବୁ ବର୍ଗର ଲୋକମାନଙ୍କ ପାଇଁ ନାନାବିଧ କଲ୍ୟାଣକାରୀ ଯୋଜନା, ସଶକ୍ତ ଅର୍ଥନୀତି, ବାହ୍ୟ ଓ ଆଭ୍ୟନ୍ତରିଣ ସୁରକ୍ଷା ବିଷୟରେ ଲୋକଙ୍କ ଅବଗତ କରାଇବା ପାଇଁ କହିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ଈଶ୍ୱର ଚନ୍ଦ୍ର ବେହେରା କର୍ମଶାଳା ପରିଚାଳନା କରିଥିଲେ। ପ୍ରମୁଖ ନେତୃବୃନ୍ଦଙ୍କ ମଧ୍ୟରେ ପୁର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ପୁର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଷୁସମା ରାଣୀ ବିଶ୍ୱାଳ, ରେମୁଣାର ପୁର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାକେଶ ମଲ୍ଲିକ, ଅଂଶୁମାନ ମହାନ୍ତି, ମାନସ କୁମାର ଦତ୍ତ ଅଂଶଗ୍ରହଣ କରିଥିଲେ।



## ନଳକୂପ ସଜାଡ଼ିବାର କ୍ଷମତା ସରପଞ୍ଚଙ୍କର ନାହିଁ: ସରପଂଚ ସଂଘ

ଭୁବନେଶ୍ୱର, ୨୩/୦୯ (ନି.ପ୍ର): ଗତ ୧୫ ତାରିଖରେ ୧୫ ଦଫା ଦାବି ନେଇ ସରପଞ୍ଚ ମହାସଂଘ ଆନ୍ଦୋଳନ କରିଥିବାବେଳେ ଆଉ ଗତକାଲି ଠାରୁ ଲୋୟର ପିଏମଜି ରେ ନିଜର ଦାବି ନେଇ ବସିଛି ସଂଘ। ମୌଳିକ ଅଧିକାର ସମେତ ସରପଞ୍ଚମାନଙ୍କୁ ସମ୍ପୂର୍ଣ୍ଣ କ୍ଷମତା ଦାବି ନେଇ ରାଜ୍ୟର ସରପଞ୍ଚମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ଆନ୍ଦୋଳନରତ ସରପଂଚଙ୍କ କହିବା କଥା ଯେ ନିୟମ ଅନୁଯାୟୀ କିଭଳି ନିଜ ପଞ୍ଚାୟତ ଅନ୍ତର୍ଗତ ଅଞ୍ଚଳଗୁଡିକର ଉନ୍ନତିମୂଳକ କାର୍ଯ୍ୟ କରାଯିବ ଏଥିପାଇଁ ସରପଞ୍ଚମାନଙ୍କଠାରୁ ଆଶା କରାଯାଏ । ଅନ୍ୟପକ୍ଷରେ ସରପଞ୍ଚ ଜଣେ ଲୋକପ୍ରତିନିଧି ହୋଇଥିବାରୁ ତାଙ୍କଠାରୁ ଲୋକମାନେ ଆଶା ମଧ କରନ୍ତି। କିନ୍ତୁ ଦୁଃଖର ବିଷୟ ନିଜ ପଞ୍ଚାୟତରେ ନଳକୂପ ଟିଏ ଖରାପ ହୋଇଥିଲେ ସଜାଡ଼ିବା କ୍ଷମତା ସୁଦ୍ଧା ନାହିଁ ବୋଲି ସରପଞ୍ଚମାନେ ଅଭିଯୋଗ କରିଛନ୍ତି।

## ଲାୟନ୍ସ କ୍ଲବ୍ ବସ୍ତା ଶାଖା ପକ୍ଷରୁ ୧୬ତମ ଅଧିଷ୍ଠାନ ଦିବସ ପାଳିତ

ବସ୍ତା୨.୨୩/୦୯(ନିପ୍ର) ଲାୟନ୍ସ କ୍ଲବ୍ ବସ୍ତା ଶାଖା ପକ୍ଷରୁ ଆଜି ୧୬ ତମ ଅଧିଷ୍ଠାନ ଦିବସ ପାଳିତ ହୋଇଯାଇଛି। ଆଜିର ଏହି ଅଧିଷ୍ଠାନ ଦିବସ ପାଳନ ଉତ୍ସବରେ ଲାୟନ ସର୍ବେଶ୍ୱର ଜେନା ମଞ୍ଚ ଆମନ୍ତ୍ରଣ ଓ ପରିଚାଳନା କରିଥିବା ବେଳେ ବସ୍ତା ଶାଖା ସଭାପତି ଲାୟନ୍ସ ଅସିତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲ୍ଲା ଲାୟନ୍ସ କ୍ଲବ୍ ସହକାରୀ ଗଭର୍ଣ୍ଣର ଭଗବାନ ଗୁପ୍ତା, ଅଧିଷ୍ଠାନ ଅଧିକାରୀ ଲାୟନ୍ସ ପ୍ରକାଶ ଜେନା, ସମ୍ମାନିତ ଅତିଥି ଭାବେ ଲାୟନ୍ସ ମମତା ଦାସ,ଗିରିଜା ମିଶ୍ର,ବିଜୟ ପରିଡା, ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପୂର୍ବତନ ସମ୍ପାଦକ ସୁମନ୍ତ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ ବିବରଣୀ ରେ ଶ୍ରୀ ଜେନା ବିଗତ ବର୍ଷରେ ବନ୍ୟା ବିପନ୍ନ,ଅଗ୍ନି ବିପନ୍ନ ଙ୍କ ସହିତ ବୃକ୍ଷ ରୋପଣ ,ରକ୍ତଦାନ ଶିବିର , ସ୍ୱାସ୍ଥ୍ୟ କେମ୍ପ ବିଭିନ୍ନ ବିଦ୍ୟାଳୟ ରେ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ପ୍ରତିଯୋଗିତା କରି ପୁରସ୍କାର ପ୍ରଦାନ କରାଯାଇଥିଲା ବୋଲି ଦର୍ଶାଇ ଥିଲେ । ଏଥି ସହିତ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉନ୍ନତି ପାଇଁ ବସ୍ତା ବଜାରରେ ବିଭିନ୍ନ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ସ୍ୱତନ୍ତ୍ର ଭାବେ ସାତ ଦିନିଆ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିବା ଶ୍ରୀ ଜେନା ପ୍ରକାଶ କରିଥିଲେ। ଆସନ୍ତା ବର୍ଷ ୨୦୨୩/୨୪ ପାଇଁ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ବସ୍ତା ଶାଖା ର ନୂତନ ସଭାପତି ଭାବେ ଲାୟନ୍ସ ସୁଶିଲ କୁମାର କରନାନି,ଉପସଭାପତି ଭାବେ ସୁମନ୍ତ କୁମାର ଜେନା,ସମ୍ପାଦକ ଭାବେ ନବେନ୍ଦୁ ପ୍ରଧାନ,କୋଷାଧ୍ୟକ୍ଷ ଅମର କୁମାର ପାଲ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ଆଗାମୀ ବର୍ଷରେ ଲାୟନ୍ସ କ୍ଲବ୍ ବସ୍ତା ଶାଖା ପକ୍ଷରୁ ଏକ ମାଗଣା ଚକ୍ଷୁ ଚିକିତ୍ସାଳୟ କରାଯିବାର ନିଷ୍ପତ୍ତି ନିଆଯିବାର ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାସୁଦେବ ପ୍ରଧାନ, ଇନ୍ଦ୍ରଜିତ ଘୋଷ,ଦିଗାମ୍ବର ସାହୁ, ପ୍ରଣବ କୁମାର କୁଣ୍ଡୁ, ସତ୍ୟନାରାୟଣ କରନାନି,କିଶୋର କୁମାର କୁମାର୍ ସାହୁ,ପରମେଶ୍ୱର ବାରିକ,ନିରଞ୍ଜନ ସାମଲ,ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ସଦସ୍ୟ ଲାୟନ ସତ୍ୟନାରାୟଣ ଗୁପ୍ତା ଧନ୍ୟବାଦ୍ ଅର୍ପଣ କରିଥିଲେ।

ରବିବାର, ସେପ୍ଟେମ୍ବର ୨୪, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବିଶ୍ୱବିଦ୍ୟାଳୟ ସ୍ତରୀୟ ଏନଏସଏସ ଜନଜାତୀୟ ଶିବିର ଉଦ୍‌ଘାଟିତ

ବାରିପଦା , ୨୩/୦୯ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ବ୍ୟୁରୋ ଦ୍ୱାରା ଆୟୋଜିତ ଏବଂ ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ତିନିଦିନିଆ ଏନ.ଏସ.ଏସ ଜନଜାତୀୟ ସ୍ୱେଚ୍ଛାସେବୀଙ୍କ ସଶକ୍ତିକରଣ ଶିବିର ଉଦଘାଟିତ ହୋଇଯାଇଛି । ସ୍ନାତକୋତର ପରିଷଦର ଅଧକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ସମାଜ ଗଠନରେ ନିଜକୁ ସାମିଲ କରି ପାରିଲେ ଜୀବନର ସାର୍ଥକତା ଆସିଥାଏ ବୋଲି କହିଥିଲେ. ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ସଭା ସାଂସଦ ବୀରଭଦ୍ର ସିଂ ଯୋଗଦେଇ ଜନଜାତି ମାନେ ନିଶା, ଅନ୍ଧ ବିଶ୍ୱାସଠୁ ଦୁରେଇ ରହିବା ପାଇଁ ହେଲେ ଶିକ୍ଷାର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ । ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜକ ଡ. ବସନ୍ତ କୁମାର ମହାନ୍ତ ଶିବିରର ଆଭିମୁଖ୍ୟ ଏବଂ କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରିଥିବା ବେଳେ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଦିଲ୍ଲୀପ କୁମାର ପ୍ରମାଣିକ ସ୍ୱାଗତ ଭାଷଣ ଦେଇଥିଲେ. ପ୍ରାକ୍ତନ ଅଧକ୍ଷ ଡ. ତରୁଣ କୁମାର ଓଝା, ପୂର୍ବତନ କାର୍ଯ୍ୟକ୍ରମ ସଂଯୋଜକ ଉଷା ସତପଥୀ, ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଡ. ମୀନତି ମଲ୍ଲିକ ପ୍ରମୁଖ ବୈଷୟିକ ଅଧିବେଶନରେ ଜାତୀୟ ସେବା ଯୋଜନା ଉପରେ ମୌଳିକ ଧାରଣା ଦେଇଥିବା ବେଳେ, ବିଶ୍ୱବିଦ୍ୟାଳୟର ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡ. ବିଷ୍ଣୁପ୍ରିୟା ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ କୁଳସଚିବ ସହଦେବ ସମାଧିଆ, ବିତ୍ତାଧିକାରୀ ଶୁକଦେବ ଟରାଇ, ପ୍ରାଧ୍ୟାପିକା ଏମ. ହିମାବିନ୍ଦୁ , ସୁସ୍ମିତା କର, ମୋନାଲି ଗୋସ୍ୱାମୀ, ପୁଷ୍ପାଞ୍ଜଳୀ ପରିଡା, କବିତା ସାହୁ, ପ୍ରିୟଙ୍କା ଦାସ ପ୍ରାଧ୍ୟାପକ ଆଦିତ୍ୟ ପାତ୍ର, ଶୁଭେନ୍ଦୁ ସତପଥୀ, ଯତୀନ୍ଦ୍ର ବେଶ୍ରା ପ୍ରମୁଖ ଯୋଗ ଦେଇଥିବା ବେଳେ, କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଜନଜାତି ସ୍ୱେଚ୍ଛାସେବୀ ମାନେ ଅଂଶଗ୍ରହଣ କରିଛନ୍ତି ।

## ପ୍ରଶାସନ ଦାବି ପୂରଣ ପ୍ରତିଶ୍ରୁତି ଦେବାରୁ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ଆମରଣ ଅନଶନ ପ୍ରତ୍ୟାହୃତ



ଲଙ୍ଗଳେଶ୍ୱର , ୨୩/୦୯ (ନି.ପ୍ର): ଜିଲ୍ଲା ପ୍ରଶାସନ ଦାବି ପୂରଣ ପ୍ରତିଶ୍ରୁତି ଦେବାରୁ ଆଜି ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ଆମରଣ ଅନଶନ ଆନ୍ଦୋଳନକୁ ପ୍ରତ୍ୟାହାର କରିଛି । ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲି ପଡିଥିବା ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ, ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆମ ହସ୍ପିଟାଲ ଯୋଜନା(୫ଟି ) ରେ ସାମିଲ କରିବା, ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆନୁଷଙ୍ଗିକ ଉପକରଣ ଯୋଗାଇବା ଓ ମହା ପ୍ରୟାଣ ଯୋଜନାରେ ସାମିଲ କରାଯାଇ ନିଶୁଳ୍କ ଶବ ପରିବହନ ଯାନକୁ ଉପଲବ୍ଧ କରାଇବା ଆଦି ଦାବି ନେଇ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ଶୁକ୍ରବାର ବାର ଠୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ଆମରଣ ଅନଶନରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବସିଥିଲେ। ପ୍ରଶାସନ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ ଡାକ୍ତର ଦୁଲାଲ ସେନ ଜଗଦେବ, ବି ପି ଏଚ ଓ ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ଅନଶନ ସ୍ଥଳରେ ପହଞ୍ଚି ମଞ୍ଚର ସମସ୍ତ ଦାବି ଆସନ୍ତା ପନ୍ଦର ଦିନ ମଧ୍ୟରେ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସୂଚନାଯୋଗ୍ୟ,ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବାଲିଆପାଳ ବ୍ଲକ ସମେତ ପଡୋଶୀ ଭୋଗରାଇ ,ଜଳେଶ୍ୱର ,ବସ୍ତା ପଶ୍ଚିମ ବଙ୍ଗଳାର ଲୋକେ ନିର୍ଭର କରନ୍ତି।ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଲୋକେ ହଇ ରାଣ ହରକତ ହେଉଛନ୍ତି, ଗରିବ ମଧ ବିତ୍ତ ଲୋକ ଅଧିକ ଖର୍ଚ୍ଚ କରି ବାଲେଶ୍ୱର ଓ ଅନ୍ୟତ୍ର ଯିବାକୁ ବାଧ ହେଉ ଛନ୍ତି । ମଞ୍ଚ ତହସିଲଦାର ,ବିଡ଼ିଓ , ଥାନାଧିକାରୀ, ପ୍ରଶାସନିକ ଅଧିକାରୀ ପ୍ରମୁଖଙ୍କୁ ଗତ ୧୩ ତାରିଖ ଦିନ ଜଣାଇଲେ। ଏହି ଅନଶନରେ ମଞ୍ଚର ଆବାହକ ସତ୍ୟକାମ ମହାନ୍ତି , ସଦସ୍ୟ ବିକ୍ରମ କେଶରୀ ଦେ ,ପ୍ରଦୀପ କୁମାର ଜେନା , ଦେବାଶିଷ ପାତ୍ର, ରାଧାକୃଷ୍ଣ ଦାସ ମହାପାତ୍ର , ଜଗବନ୍ଧୁ ଜେନା, ଜୟ କୃଷ୍ଣ ଗଂଗାଇ ,ଗୌତମ ପରିଡା ପ୍ରମୁଖ ବସିଛନ୍ତି।ଅନଶନ ସ୍ଥଳୀକୁ ଭାଜପା ନେତା ଅଜୟ କୁମାର ସାହୁ, ବାଲିଆପାଳ ଡ୍ରାଇଭର ସଂଘର ଜୟକୃଷ୍ଣ ଗଂଗାଇ, ବରିଷ୍ଠ ନାଗରିକ ପରିଷଦର ନାରାୟଣ ପ୍ରସାଦ ସାହୁ ,ଉତ୍କଳ ସମ୍ମିଳନୀ ସମ୍ପାଦକ ସନ୍ୟାସୀ ବେହେରା, ବୀର ମାଧବ ଦାସ , ପୂର୍ବତନ ସରପଞ୍ଚ ବେଣୁଧର ଜେନା , ସୌମ୍ୟଦୀପ ଚକ୍ରବର୍ତ୍ତୀ ,ପୂର୍ବତନ ସୈନିକ ସଂଗଠନର କମ ଲୋଚନ ପିଳା ପ୍ରମୁଖ ଉପସ୍ଥିତ ରହି ଅନଶନକାରୀ ମାନଙ୍କୁ ଉତ୍ସାହିତ କରିଥିଲେ।ଅନଶନ କାରୀ ମାନେ ପ୍ରାରମ୍ଭରେ ବାଲିଆପାଳ ଜଗନ୍ନାଥ ମନ୍ଦିରରୁ ଏକ ମଟର ସାଇକେଲ ରାଲିରେ ବାହାରି ଘଟଣା ସ୍ଥଳରେ ପହଞ୍ଚି ଅନଶନ ଆରମ୍ଭ କରିଥିଲେ। ପ୍ରଶାସନ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନଚାର୍ଜ ଡାକ୍ତର ଅରୂପ କୁମାର ଦାସ ଅନଶନ କାରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି । ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା ,ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା ମଧ ଘଟଣା ସ୍ଥଳୀକୁ ଆସି ଅନଶନକାରୀଙ୍କ ସ୍ୱାସ୍ଥ୍ୟ ,ଆନୁଷଙ୍ଗିକ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେଇଥିଲେ।

## ନୀଳଗିରିକୁ ଜିଲ୍ଲା ଦାବିରେ ଅକ୍ଟୋବର ୩ ନୀଳଗିରି ବନ୍ଦ ଡାକରା ଦେଲା କ୍ରିୟାନୁଷ୍ଠାନ କମିଟି




ନୀଳଗିରି , ୨୩/୦୯ (ନି.ପ୍ର): ନୀଳଗିରିକୁ ସ୍ୱତନ୍ତ୍ର ଜିଲ୍ଲା ଘୋଷଣା ଦାବିରେ ବିଭିନ୍ନ ସମୟରେ ସରକାରଙ୍କ ଠାରେ ଦାବୀ ହୋଇଆସୁଛି । ସେପ୍ଟେମ୍ବର ୧୬ତାରିଖରେ ଏନେଇ ଏକ ବିଶାଳ ଜନସମାବେଶରେ ନୀଳଗିରିକୁ ତୁରନ୍ତ ସରକାର ଜିଲ୍ଲା ଘୋଷଣା କରନ୍ତୁ ବୋଲି ଦୃଢଦାବୀ ହୋଇଥିଲା। ପରନ୍ତୁ ସରକାରଙ୍କ ପକ୍ଷରୁ କୌଣସି ସକାରାତ୍ମକ ପରିଣାମ ମିଳିପାରି ନାହିଁ। ଏନେଇ ଶନିବାର ନୀଳଗିରି ଡାକବଙ୍ଗଳା ପରିସରରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଆବାହକ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ଆବାହନରେ ଏକ ବୈଠକ ବସିଥିଲା। ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରୀ କମିଟିରେ ଅବସରପ୍ରାପ୍ତ ବିଡ଼ିଓ ଦୟାନିଧି ମିଶ୍ର ଅଧକ୍ଷତା କରିଥିଲେ। ନୀଳଗିରି ଉପଜିଲ୍ଲାପାଳ ଙ୍କ ଜରିଆରେ ଭାରତର ମହାମହିମ ରାଷ୍ଟ୍ରପତି, ମାନ୍ୟବର ପ୍ରଧାନମନ୍ତ୍ରୀ , ମହାମହିମ ଓଡ଼ିଶାର ରାଜ୍ୟପାଳ,ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେହେଁ ସରକାର ସକାରାତ୍ମକ ପଦକ୍ଷେପ ନ ନେବା ଦୁର୍ଭାଗ୍ୟର ବିଷୟ ବୋଲି ଆବାହକ ଚିତ୍ତ ଷଡ଼ଙ୍ଗୀ ମତପୋଷଣ କରିଥିଲେ। ଏଥିପାଇଁ ନୀଳଗିରି ବାସୀଙ୍କ ହକ ପାଇଁ ଆଗାମୀ ଅକ୍ଟୋବର ୩ତାରିଖ ଦିନ ନୀଳଗିରି ବନ୍ଦ ରଖିବାକୁ ବୈଠକରେ ସର୍ବସମ୍ମତି କ୍ରମେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକାରୀ କମିଟି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ, ସୁରେଶ ବେହେରା, ପିତାମ୍ବର ସିଂ, ଆଇନଜୀବୀ କିଶୋର ଦାସ, ଦେବେନ୍ଦ୍ର ପଣ୍ଡା, ସୁରେଶ ଦାସ, ପ୍ରଫୁଲ୍ଲ ବେହେରା ବିଜୟ ସ, ନିହାର ଜେନା, ଦାମୋଦର ବିଶ୍ୱାଳ, ଔପଦା କଂଗ୍ରେସ ସଭାପତି ଗଦାଧର ଦାସ, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରନ୍ତମ ସେଠୀ, ନିରଞ୍ଜନ ଲେଙ୍କା, ହୃଦୟ ବେହେରା ପ୍ରମୁଖ ବହୁ ସଂଗଠକ ଓ ବୁଦ୍ଧିଜୀବି ମାନେ ଉପସ୍ଥିତ ରହି ନୀଳଗିରିକୁ ଜିଲ୍ଲା ଘୋଷଣା କରିବାକୁ ଦାବୀ ରଖିବା ସହିତ ଆଗାମୀ ଅକ୍ଟୋବର ୩ନୀଳଗିରି ବନ୍ଦକୁ ସଫଳ କରିବାକୁ ନୀଳଗିରି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ମହାରାଷ୍ଟ୍ରର ଉହ୍ଲାସନଗର ସ୍ଥିତ ସେଂଚୁରୀ କମ୍ପାନୀରେ ବିସ୍ଫୋରଣ : ୫ ମୃତ ଆଶଙ୍କା

ମୁମ୍ବାଇ, ୨୩/୦୯ (ନି.ପ୍ର): ମହାରାଷ୍ଟ୍ରର ଥାନେ ଜିଲ୍ଲାର ଉହ୍ଲାସନଗର ସହରରେ ଥିବା ସେଂଚୁରୀ କମ୍ପାନୀରେ ଶନିବାର ମଧ୍ୟାହ୍ନରେ ବିସ୍ଫୋରଣ ଘଟିଛି । ଏହି ବିସ୍ଫୋରଣରେ ୫ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି । ଘଟଣାରେ ଅନ୍ୟ କେତେକ ଲୋକ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ କଲ୍ୟାଣ ସ୍ଥିତ ସିଭିଲ୍ ହସ୍ପିଟାଲରେ ଭର୍ତି କରାଯାଇଛି । ଖବର ପାଇ ଅଗ୍ନିଶମ କର୍ମଚାରୀ ଦମକଳ ଗାଡି ସହ ଘଟଣାସ୍ଥଳରେ ପହଂଚି ଉଦ୍ଧାର ଓ ନିଆଁଲିଭା କାର୍ଯ୍ୟ ଜାରି ରଖିଛନ୍ତି।

ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ, ସେଂଚୁରୀ କମ୍ପାନୀରେ ଆଜି ଦିନ ପ୍ରାୟ ୧୨ଟା ସମୟରେ ଏହି ବିସ୍ଫୋରଣ ଘଟିଛି । ଫଳରେ କମ୍ପାନୀରେ କାର୍ଯ୍ୟରତ କେତେକ ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ବିସ୍ଫୋରଣ ଏତେ ଜୋରଦାର୍ ଥିଲା ଯେ, ସହରର ଡାନାଜୀନଗର, ଶହଦ ଗାଁଓ, ଗୁଲଶନ ନଗର, ଶହଦ ଫାଟକ, ଧୋବିଘାଟ, ଶିବନେରୀ ନଗରରେ ରହିଥିବା ଘର ଗୁଡିକରେ କମ୍ପନ ଅନୁଭୂତ ହୋଇଥିଲା । ସୂଚନା ମିଳିବା କ୍ଷଣି ଶହଦ ପୋଲିସ ଥାନାର ଏକ ଟିମ୍ ଓ ଅଗ୍ନିଶମ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଂଚି ଉଦ୍ଧାର ଓ ନିଆଁଲିଭା କାର୍ଯ୍ୟ ଆରମ୍ଭ କରିଛନ୍ତି ।

## କାଦମ୍ବିନୀ ଭୂୟାଁଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି



ଲଙ୍ଗଳେଶ୍ୱର, ୨୩/୦୯ (ନି.ପ୍ର): ବାଲିଆପାଳ ବ୍ଲକ୍ ବଡ଼ାସ ପଞ୍ଚାୟତ ଅଧିନସ୍ଥ ତାହାଲିଆ ଗ୍ରାମ ନିବାସୀ ୰ କାଦମ୍ବିନୀ ଭୂୟାଁ ଙ୍କ ଏକାଦଶାହରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏକାଦଶାହରେ ମହିଳା ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରି ତାଙ୍କ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ବେଣୁଧର ଜେନା, ଜିଲ୍ଲା ଯୁଗ୍ମ ସଂପାଦକ ତଥା ପ୍ରତାପପୁର ସମିତି ସଦସ୍ୟାଙ୍କ ପ୍ରତିନିଧି ହାଡିବନ୍ଧୁ ରାଉତ, ଯୁବନେତା ମନ୍ମଥ ଗିରି, ଅଶ୍ୱିନୀ ପାତ୍ର, ସାର୍ଥକ ରଣଜିତ୍, ଲକ୍ଷ୍ମୀକାନ୍ତ ଦେ, ଜ୍ୟୋତିପ୍ରକାଶ ଭୂୟାଁ, ଶ୍ରୀକାନ୍ତ ନାଥ ପ୍ରମୁଖଙ୍କ ସମେତ ଦଳର ନେତୃବୃନ୍ଦ ତଥା ଗ୍ରାମବାସୀ ଏବଂ ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ନିର୍ବାଚନ ପୂର୍ବରୁ ବିଜେଡିର ସାମ୍ବାଦିକ ସମ୍ମିଳନୀ : ଅଶ୍ୱିନୀଙ୍କ ନେତୃତ୍ୱକୁ ପୁଣି ସମର୍ଥନ



ଜଳେଶ୍ୱର , ୨୩/୦୯ (ନି.ପ୍ର): ସାଧାରଣ ନିର୍ବାଚନ ପୂର୍ବରୁ ଆଜି ଜଳେଶ୍ୱର ନିର୍ବାଚନ ମଣ୍ଡଳି ସ୍ତରୀୟ ବିଜେଡି ତାର ଶକ୍ତି ପ୍ରଦର୍ଶନ କରିଛି । ଜଳେଶ୍ୱର ବ୍ଲକର ୩୫ଟି ଓ ବସ୍ତା ବ୍ଲକର ୧୪ଟି ପଂଚାୟତ ଓ ଜଳେଶ୍ୱର ପୌରପରିଷଦର ୧୭ଟି ୱାର୍ଡରେ ଥିବା ବିଜେଡି ସମର୍ଥିତ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ କାଁ-ଭାଁ ବାଦ ଦେଲେ ବିଧାୟକ ତଥା ମନ୍ତ୍ରୀ ଅଶ୍ୱନୀ ପାତ୍ରଙ୍କ ପ୍ରତି ପୂର୍ଣ୍ଣ ଆସ୍ଥା ଥିବାର ପ୍ରକାଶ କରିଛନ୍ତି । ଫଳରେ ଏଥିନେଇ ସୃଷ୍ଟି ହୋଇଥିବା କେତେକ ସନ୍ଦେହ ମୋଚନ ହୋଇଛି । ଜଳେଶ୍ୱର ରାଜନିତୀରେ ଅଶ୍ୱନୀ ପାତ୍ର ୧୯୮୪ ମସିହାରୁ ବ୍ଲକ ଅଧ୍ୟକ୍ଷ ନିର୍ବାଚନ ହୋଇଥିବା ବେଳେ ୧୯୯୦ ମସିହାରୁ ପ୍ରତି ସାଧାରଣ ନିର୍ବାଚନରେ ଲଢିଛନ୍ତି । ସେଥିରୁ ୪ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ୨୦୧୯ ନିର୍ବାଚନରେ ଜିଲା ମଧ୍ୟରେ ସର୍ବାଧିକ ଭୋଟ ବ୍ୟବଧାନରେ ଜିଣିଥିବା ଆଜିର ବୈଠକରେ ଯୁଗ୍ମ ଅଧ୍ୟକ୍ଷତା କରିଥିବା ବିଜେଡି ବ୍ଲକ ସଭାପତି ଦିଲ୍ଲିପ ସାମଲ ଓ ଟାଉନ୍ ସଭାପତି ସୁରଜିତ ଘୋଷ କହିଛନ୍ତି । ପରେ ନିଜର ଦାୟିତ୍ୱ ଓ କର୍ମ ସଠିକ୍‌ଭାବେ ତୁଲାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀ ପାତ୍ରଙ୍କୁ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ, ବାଲେଶ୍ୱର ଜିଲା ର ସଭାପତି ଓ ମୟୂରଭଂଜ ଜିଲାର ଯୋଜନାବୋର୍ଡ ଅଧ୍ୟକ୍ଷଭାବେ ନିଯୁକ୍ତି ଦେଇଛନ୍ତି ବୋଲି ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା କହିଛନ୍ତି । ପ୍ରାୟ ୪୮ଜଣ ପଂଚାୟତରାଜ ପ୍ରତିନିଧି ଓ ୫ଜଣ ଜିଲାପରିଷଦ ସଦସ୍ୟ ବିଧାୟକ ଅଶ୍ୱନୀ ପାତ୍ରଙ୍କ ସପକ୍ଷରେ ଥିବା ଶ୍ରୀ ଜେନା କହିଛନ୍ତି । ଅନ୍ୟପକ୍ଷରେ ପୌରପରିଷଦ ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ଗତ ୪ ଦଶନ୍ଧି ଜଳେଶ୍ୱର ଇତିହାସ ସହିତ ଅଶ୍ୱନୀ ପାତ୍ର ଜଡିତ ଥିବା ବେଳେ ଗତ ପଂଚାୟତ ନିର୍ବାଚନରେ ପ୍ରାୟ ୫୦ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜେଡି ଦଳକୁ ଜିତାଇଥିବା ପ୍ରକାଶ କରିଥିଲେ । ନୂଆବଜାର ମୂରଲୀକଲ୍ୟାଣ ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ଜିଲା ଉପସଭାପତି ଅନିଦୀ ଦାସ, ଜିଲା ମହିଳା ସଭାପତି ବିନ୍ଦୁବାଳା ନନ୍ଦି, ସଂଚିତା ସେନାପତି, ଜୀବନବିନ୍ଦୁ ସଂଯୋଜକ ମଧୁ ସେନାପତି, ରାଜେଶ ପାଢି, ରାଜେଶ ଖଟୁଆ, ଅରୁଣ ରାଉଳ, ନିମାଇଁ ଘୋଷ, ବିଶ୍ୱଜିତ ପାଲ, ଗୀତାଞ୍ଜଳ ସାମନ୍ତ, ପୁଷ୍ପପ୍ରିୟା କାମିଲା, ଗୌରଭ ଦାସ, ସୁରଜ ଚୌରାସିଆ, ଦାମୋଦର ଜେନା, ସେକ୍ ଗନି, ଗିରିଜା ମହାନ୍ତି, ସୁବିନିତା ଦତ୍ତ, ସେକ୍ ଅବଦୁଲ ରହିମ୍, ମଧୁସୂଦନ ଦତ୍ତ, ଅନୁଆର ବିବି, ତୁଳସୀ କିସ୍କୁ, ଗୌରାଙ୍ଗ ସିଂ, ମିନତୀ ଜେନା, ବିଜୟ କାମିଲା ପ୍ରମୁଖ ବକ୍ତବ୍ୟ ରଖି ଆସନ୍ତା ୨୦୨୪ ନିର୍ବାଚନରେ ଅଶ୍ୱନୀ ପାତ୍ରଙ୍କ ନେତୃତ୍ୱକୁ ପୂର୍ଣ୍ଣ ସମର୍ଥନ କରିଥିଲେ।

## ବାଲେଶ୍ୱରର ଜଉକଣ୍ଢେଇ କଳାର ଡିଜାଇନ୍ ଡେଭଲପମେଣ୍ଟ କାର୍ଯ୍ୟକ୍ରମ ଉଦଘାଟନ




ବାଲେଶ୍ୱର, ୨୩/୦୯ (ନି.ପ୍ର): ବାଲେଶ୍ୱରର ଲୋକକଳା ଜଉ କଣ୍ଢେଇ କଳା ଓ କଳାକାରର ବିକାଶ ପାଇଁ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କାପାସିଟି ବିଲଡିଙ୍ଗ ପ୍ରୋଗ୍ରାମ ଅନ୍ତର୍ଗତ ଡିଜାଇନ୍ ଡେଭଲପମେଣ୍ଟ କାର୍ଯ୍ୟକ୍ରମ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ଭୁବନେଶ୍ୱର ସହାୟତାରେ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) , ବାଲେଶ୍ୱର ଦ୍ୱାରା ସ୍ଥାନୀୟ ବାମପଦାର କଇଁ ଗଡିଆ ଠାରେ ୩୦ ଜଣ ଜଉକଣ୍ଢେଇ ଶିଳ୍ପୀଙ୍କୁ ନେଇ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନ ଉତ୍ସବକୁ ଉପନିର୍ଦ୍ଦେଶକ ଅରୁଣ କୁମାର ମଣ୍ଡଳ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଶିଳ୍ପୀ ମହାସଂଘର ସଭାପତି ଉଦୟ କୁମାର ମହାନ୍ତି ଯୋଗଦେଇ ବାଲେଶ୍ୱର ରେ ଜଉକଳା ଓ କଳାକାର ର ବିକାଶ ପାଇଁ ସମସ୍ତଙ୍କୁ ଆଗେଇ ଆସିବାକୁ କହିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଶିଳ୍ପୀ କେଶୁଦାସ, ବାସନ୍ତୀ ନାୟକ ଓ ଡିଜାଇନର ମାନସ ରଞ୍ଜନ ନାୟକ ଯୋଗଦେଇ ଜଉକଳା ର ଗୁଣାତ୍ମକ ଓ ପ୍ରୟୋଗାତ୍ମକ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ସହକାରୀ ନିର୍ଦ୍ଦେଶକ ( ହସ୍ତଶିଳ୍ପ) ବାଲେଶ୍ୱର କାର୍ଯ୍ୟାଳୟ ତରଫରୁ ଦେବାଶିଷ ପାତ୍ର ଓ କୁଅଁର ମାରାଣ୍ଡି ଉପସ୍ଥିତ ହୋଇ ଶିଳ୍ପୀ ମାନଙ୍କୁ କାର୍ଯ୍ୟକ୍ରମର ଧାରା ଓ ଉପକରଣ ବଣ୍ଟନ କରିଥିଲେ । ଶେଷରେ ନିପୁଣା ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ୧୬୨ ଲିଟର ବିଦେଶୀ ମଦ ସହ ବଲେରୋ ଜବତ : ଜଣେ ଗିରଫ

ବାରିପଦା , ୨୩/୦୯ (ନି.ପ୍ର): ବାରିପଦା ସହରର ଭଞ୍ଜପୁର ଥାନା ଅନ୍ତର୍ଗତ ଦାରୋଗା ଡାହି ନିକଟରୁ ଭଂଜପୁର ପୋଲିସ ଟିମ ନଂ ଓ.ଡି.୧୧ଏକ୍ସ ୩୪୬୯ନମ୍ବର ବିଶିଷ୍ଟ ଏକ ବଲେରୋ ସମେତ ବିଭିନ୍ନ ବ୍ରାଣ୍ଡର ୧୬୨ ଲିଟର ବିଦେଶୀ ମଦ ଜବଦ କରିବାରେ ସଫଳ ହୋଇଛି। ଏସପି ମୟୂରଭଞ୍ଜଙ୍କ ନିର୍ଦ୍ଦେଶ ଅନୁଯାୟୀ ଭଂଜପୁର ଥାନା ଏଏସଆଇ ମାସା ମୁର୍ମୁଙ୍କ ନେତୃତ୍ୱରେ ଗଠିତ ପୋଲିସ ଟିମ ଦାରୋଗା ଡାହି ଛକ ନିକଟରେ ନାକା ଲଗାଇ ଗାଡି ଚେକିଂ କରୁଥିବା ସମୟରେ ଅଭିଯୁକ୍ତ ଦିନାନିଧି ପ୍ରୁଷ୍ଟିଙ୍କ ହେପାଜତରୁ ଗୁରୁବାର ବିଳମ୍ବିତ ରାତ୍ରିରେ ଏହି ବିପୁଳ ପରିମାଣର ମଦ ସହିତ ବଲେରୋ ଜବଦ କରିଥିବାର ଜଣାଯାଇଛି। ଏବାବଦରେ ଭଂଜପୁର ଥାନା କେଶନଂ -୨୯୯/ ୨୩ ମୂଳେ ମାମଲା ରଜୁକରିବା ସହ ଅଭିଯୁକ୍ତ ଦିନାନିଧିକୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଥିବାର ଭଂଜପୁର ଥାନା ଭାରପ୍ରାପ୍ତ ଅଧିକାରୀ ସୂଚନା ଦେଇଛନ୍ତି।



## ଆନ୍ତର୍ଜାତିକ ସାଙ୍କେତିକ ଭାଷା ଦିବସ ପାଳିତ




ବସ୍ତା, ୨୩/୦୯ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ 'ଆଶା' ସାନ ଖୁ ଡି ଦ୍ୱାରା ପରିଚାଳିତ ' ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୂ କ ଓ ବଧିର ଆବାସିକ ବିଦ୍ୟାଳୟ' ରେ ଆନ୍ତର୍ଜାତିକ ସାଙ୍କେତିକ ଭାଷା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା, ଯୁବ ସମାଜ ସେବୀ, ବିଦ୍ୟାଳୟର ସଂପାଦକ ତଥା ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ଅମର କୁମାର ପାଳଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜଗନ୍ନାଥ ଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିବା ସହିତ ଏହି ଦିବସ ପାଳନର ତାତ୍ପର୍ଯ୍ୟ, ଉପକାରିତା ସମ୍ପର୍କରେ ବିଶଦ ଭାବରେ ବୁଝାଇ ଥିଲେ । ଅନ୍ୟତମ ଅତିଥି ଭାବେ ଆଶାର ପୂର୍ବତନ ସଂପାଦିକା ମଞ୍ଜୁବତୀ ବିଶ୍ୱାଳ ସାଂକେତିକ ଭାଷା ଦିବସ ସଂପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ସାହୁ, ଚନ୍ଦନ କୁମାର ବିଶ୍ୱାଳ, ସ୍ମୀତ ରାଣୀ ମହାପାତ୍ର ପ୍ରଭୃତି ବକ୍ତବ୍ୟରେ ବିଦ୍ୟାଳୟର ଶ୍ରବଣ ବାଧିତ ଛାତ୍ର ଛାତ୍ରୀ ମାନଙ୍କୁ ସାଙ୍କେତିନ ଭାଷାର ଉପକାରିତା ସମ୍ପର୍କରେ ସାର ଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ନିର୍ମଳା ବାସିନୀ ସେନାପାତି, ଅରୁଣ କୁମାର ଦାସ, ଜୟ ଶ୍ରୀ ସ୍ୱାଇଁ, ସଂଧାରାଣୀ ବିଶ୍ୱାଳ, ଅଜୟ କୁମାର ଦଳାଇ, ଅପର୍ଣ୍ଣା ରାଉତ, ଏ. ଏମ୍. ପ୍ରଜ୍ଞା ପ୍ରକାଶ ପାଲ, ସୁମନା ପରିଡା, ଭକ୍ତ ରଂଜନ ସାହୁ ଉପସ୍ଥିତ ଥିଲେ। ଶେଷ ରେ ବିଦ୍ୟାଳୟର ଉପାଧକ୍ଷା ଶ୍ରୀମତୀ ଅପରାଜିତା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo